ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ମେ ୪/୨୦୨୨ (୧୪ ପୃଷ୍ଠା) | Sambalpur, Wednesday, May 4/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

ନେତାଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ



ବୁଡ଼ାଜାହାଜ ପ୍ରକଳ୍ପରୁ ଓହରିଲା ଫ୍ରାନ୍ସ

ନୂଆଦିଲ୍ଲୀ,୩।୫ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ରାନ୍ସ ଗସ୍ତର ଦିନକ ପୂର୍ବରୁ ସେଠାର ନାଭାଲ ଗ୍ରୁପ୍ ଭାରତ ସହ ବୁଡାଜାହାଜ ପ୍ରକଳ୍ପ (ପି-୭୫ଆଇ) ବୁଝାମଣାରୁ ଓହରିଯାଇଛି। ପ୍ରସ୍ତାବ ପାଇଁ ଅନୁରୋଧ (ଆର୍‌ଏଫ୍‌ପି)ରେ ଏୟାର ଇଣ୍ଡିପେଣ୍ଡେଣ୍ଟ ପ୍ରପଲଶନ (ଏଆଇପି) ସିଷ୍ଟମକୁ ନେଇ ଭାରତର ସର୍ତ୍ତ ଯୋଗୁ ପି-୭୫ଆଇ ପ୍ରୋଜେକ୍ଟରେ ସାମିଲ ହେବା ସମ୍ଭବ ନୁହେଁ ବୋଲି ଫ୍ରାନ୍ସର ନାଭାଲ ଗ୍ରୁପ୍ ମଙ୍ଗଳବାର କହିଛି। ଏହି ପ୍ରକଳ୍ପରେ ନୌସେନା ଲାଗି ୬ଟି ପାରମ୍ପରିକ ବୁଡ଼ାଜାହାଜ ଭାରତରେ ନିର୍ମାଣ ହୋଇଥାନ୍ତା। ସୂଚନାଯୋଗ୍ୟ, ଏଆଇପି ସିଷ୍ଟମ ଯୋଗୁ ପାରମ୍ପରିକ ବୁଡ଼ାଜାହାଜ ପାଣି ଭିତରେ ଦୀର୍ଘଦିନ ବୁଡ଼ିରହି ଅଧିକ ବେଗରେ ଗତି କରିଥାନ୍ତି। ପ୍ରଧାନମନ୍ତ୍ରୀ ମୋଦି ବୁଧବାର ପ୍ୟାରିସ୍ ଯାଇ ପୁନଃ ନିର୍ବାଚିତ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍‌ରଁଙ୍କୁ ଭେଟିବା କାର୍ଯ୍ୟକ୍ରମ ଥିବାବେଳେ ଏହା ପୂର୍ବରୁ ଫ୍ରାନ୍ସ କମ୍ପାନୀ ରୁଲ୍ଲିରୁ ଓହରିଯିବା ଏକ ଶକ୍ତ ଝଟ୍‌କା ହୋଇଛି।

ଗତବର୍ଷ ଜୁନ୍‌ରେ ପି-୭୫ଆଇ ପ୍ରକଳ୍ପକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିବା ସହ ଏହି କାର୍ଯ୍ୟରେ ଭାରତର ଘରୋଇ କମ୍ପାନୀ ଲାର୍ସେନ ଆଣ୍ଡ ଟୁବ୍ରୋ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀ ମାଜାଗାଁଓ ଡକ୍ସ ଲିମିଟେଡକୁ ଆର୍‌ଏଫ୍‌ପି ଇସ୍ୟୁ କରିଥିଲା। ଏହି ଦୁଇ କମ୍ପାନୀ (ଷ୍ଟ୍ରାଟେଜିକ୍ ପାର୍ଟନର) ୫ ସଂକ୍ଷିପ୍ତ ତାଲିକାଭୁକ୍ତ ବିଦେଶୀ କମ୍ପାନୀ ମଧ୍ୟରୁ ଗୋଟିଏ ସହିତ ସହବନ୍ଧିତ ହେବା ପରେ ଆର୍‌ଏଫ୍‌ପିର ଜବାବ ରଖିବେ ବୋଲି ମନ୍ତ୍ରଣାଳୟ କହିଥିଲା। ଏହି ବିଦେଶୀ କମ୍ପାନୀ ମଧ୍ୟରେ ଫ୍ରାନ୍ସର ନାଭାଲ ଗ୍ରୁପ୍ ରହିଛି। ୨ ଷ୍ଟ୍ରାଟେଜିକ୍ ପାର୍ଟନରଙ୍କ ଜବାବକୁ ଅନୁଧ୍ୟାନ କରିବା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୪୩,୦୦୦ କୋଟି ଟଙ୍କାର ଚୁକ୍ତିନାମାକୁ ଅନୁମୋଦନ କରିଥାନ୍ତା। ତେବେ ଆର୍‌ଏଫ୍‌ପିର କେତେକ ସର୍ତ୍ତ ପାଇଁ ଦୁଇ ଭାରତୀୟ କମ୍ପାନୀ ବିଦେଶୀ କମ୍ପାନୀ ନିକଟକୁ ଅନୁରୋଧ ପଠାଇଲେ ନାହିଁ। ସେଥିପାଇଁ ଆମେ ଆନୁଷ୍ଠାନିକ ବିଡ୍ ଦାଖଲ କରିପାରିଲୁ ନାହିଁ ବୋଲି ନାଭାଲ ଗ୍ରୁପ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଲାଉରେଣ୍ଟ ଭିଡିଉ ମଙ୍ଗଳବାର ଏକ ବିବୃତିରେ କହିଛନ୍ତି।

ମୋଦିଙ୍କ ଗସ୍ତର ଦିନକ ପୂର୍ବରୁ ଝଟକା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍‌ରଁ।

ବିଦ୍ୟୁତ୍ ଆଘାତରେ ୨ ହକି ଖେଳାଳିଙ୍କ ମୃତ୍ୟୁ

ସୁନ୍ଦରଗଡ,୩।୫ (ଡି.ଏନ୍.ଏ.)

ମଙ୍ଗଳବାର ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଅଲଣ୍ଡା ଗ୍ରାମ ପଞ୍ଚାୟତର ଗରିଆମାଲ ଗ୍ରାମରେ ୧୧ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଯୁବ ହକି ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଝଗଡପୁର ଗ୍ରାମର ବୀରେନ୍ଦ୍ର କୁଜୁର (୨୦) ଏବଂ ପଣ୍ଡରାଟୋଲି ଗ୍ରାମର ସୁଜଲ ଏକ୍କା (୧୯)। ଜଣେ ହକି ପ୍ରଶିକ୍ଷକଙ୍କ ଘର ପାଖ ବିଦ୍ୟୁତ୍ ଖୁଣ୍ଟ ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ମୁତାବକ, ଗରିଆମାଲ ଗାଁ ପଡିଆରେ ସବୁଦିନ ପରି ଭୋର ସମୟରେ ସ୍ଥାନୀୟ ଅଞ୍ଚଳର ହକି ଖେଳାଳିମାନେ ଖେଳ ଅଭ୍ୟାସ କରୁଥିଲେ। ଖେଳ ଅଭ୍ୟାସ ସରିବା ପରେ ସକାଳ ପ୍ରାୟ ୮ଟା ବେଳେ ଖେଳାଳିମାନେ ଉକ୍ତ ପଡିଆ ନିକଟରେ ☞ପୃଷ୍ଠା-୪

ଯୋଧପୁରରେ ଦଙ୍ଗା

ଇଦ୍ ପାଳନ ବେଳେ ସାମ୍ପ୍ରଦାୟିକ ଉତ୍ତେଜନା

ଜୟପୁର/ଯୋଧପୁର,୩।୫ (ପି.ଟି.): ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ନିଜ ସହର ଯୋଧପୁରରେ ଇଦ୍ ପାଳନ ପୂର୍ବରୁ ମଙ୍ଗଳବାର ସକାଳେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଛି। ସୋମବାର ରାତିରେ ଜାଲୋରି ଗେଟ୍ ଅଞ୍ଚଳରେ ଇସ୍‌ଲାମୀୟ ପତାକା ଲଗାଯିବାକୁ ନେଇ ବିବାଦରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉଭୟ ପକ୍ଷ ପରସ୍ପର ଉପରକୁ ଢେଲାମାଡ଼ କରିବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଭିଆଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ମଙ୍ଗଳବାର ସକାଳେ ପୁଣିଥରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଡାଇ ମନ୍ଦିର, ନାଗୋରି ଗେଟ୍, ଖଣ୍ଡା ଫଲ୍‌ସା, ପ୍ରତାପ ନଗର, ଦେବ ନଗଦ, ସୁର୍ ସାଗର ଏବଂ ସର୍ଦ୍ଦାରପୁରା ଥାନା ଅଞ୍ଚଳରେ ବୁଧବାର ମଧ୍ୟରାତ୍ର ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ଗୁଜବ ରୋକିବା ଲାଗି ଯୋଧପୁରରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଥିବାବେଳେ ପୋଲିସ ସୁରକ୍ଷା ମଧ୍ୟରେ ନମାଜ ପାଠ କରାଯାଇଛି। ମୁଖ୍ୟମନ୍ତ୍ରୀ ଗେହଲଟ ଏଭଳି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବା ଲାଗି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିବା ସହ ହେଲିକପ୍ଟର ଯୋଗେ ବରିଷ୍ଠ ଅଧିକାରୀମାନଙ୍କୁ ଯୋଧପୁର ପଠାଇଛନ୍ତି। ଯୋଧପୁରରେ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ଖୁସି ଗଲା କୁଆଡ଼େ

୪୦ ଲକ୍ଷ ଚାଷୀଙ୍କୁ ଦିଆଗଲା ୮୦୦ କୋଟି

୮ ନୂତନ କାର୍ଯ୍ୟକ୍ରମ ଶୁଭାରମ୍ଭ ଏବଂ ଚାଷୀଙ୍କୁ କାଳିଆ ସହାୟତା ପ୍ରଦାନ ଅବସରରେ ଭିଡିଓ କନ୍‌ଫରେନ୍ସରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ଭୁବନେଶ୍ୱର,୩।୫(ବ୍ୟୁରୋ)

- ୮ ନୂତନ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ୪ ଯୋଜନା ପାଇଁ ଖର୍ଚ୍ଚ ହେବ ୩୬୪୪ କୋଟି
- ଗୋ-ସୁଗମ ପୋର୍ଟାଲ ଉନ୍ମୋଚିତ

ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଚାଷୀଙ୍କୁ କାଳିଆ ଯୋଜନାର ସହାୟତା ରାଶି ପ୍ରଦାନ କରିଛନ୍ତି। ବ୍ରଜରାଜନଗର ଆସନରେ ଉପନିର୍ବାଚନ ହେବାକୁ ଥିବାରୁ ଝାରସୁଗୁଡ଼ା ଜିଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେଣୁ ଝାରସୁଗୁଡ଼ା ଜିଲା ଚାଷୀଙ୍କୁ ବାଦ୍‌ଦେଇ ରାଜ୍ୟର ପ୍ରାୟ ୪୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଖାତାକୁ ପାଖାପାଖି ୮୦୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି। ଚାଷୀମାନେ ଏହି ଟଙ୍କାକୁ ଚାଷକାମରେ ଲଗାଇ କୃଷିରେ ଉନ୍ନତି ଆଣନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାଳିଆ ଯୋଜନାରେ ଚାଷୀଙ୍କୁ ୭ମ କିସ୍ତି ପ୍ରଦାନ କରାଯାଇଛି। ଭିଡିଓ କନ୍‌ଫରେନ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମର କୃଷକମାନେ କେବଳ ଓଡ଼ିଶା ନୁହେଁ, ସାରା ଦେଶର ଖାଦ୍ୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏ ବର୍ଷ କୃଷି ପାଇଁ ୨୦ହଜାର କୋଟିରୁ ଅଧିକ ଟଙ୍କାର ବଜେଟ ☞ପୃଷ୍ଠା-୪

ଝରିଗାଁ ବିଧାୟକଙ୍କ ନାମରେ ଯୌନ ନିର୍ଯାତନା ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ଦାବିକଲା ଭାଜପା, କଂଗ୍ରେସ

ନବରଙ୍ଗପୁର/ଉମରକୋଟ,୩।୫(ବି.ପ୍ର./ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବିଜେଡି ବିଧାୟକ ପ୍ରକାଶ ମାଝିଙ୍କ ନାମରେ ଜଣେ ଯୁବତୀ ଯୌନ ନିର୍ଯାତନା ଓ ହତ୍ୟା ଧମକ ଦେବା ଅଭିଯୋଗ ଆଣିଛନ୍ତି। ପୀଡ଼ିତା ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ ଏତଲା ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛି କଂଗ୍ରେସ ଓ ଭାଜପା। ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ମଙ୍ଗଳବାର ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ଉଭୟ ଦଳର ନେତା ଓ କର୍ମୀମାନେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ଉଭୟ ଭାଜପା ଓ କଂଗ୍ରେସ ପୃଥକ୍ ଖବରଦାତା ସମ୍ମିଳନୀ କରି ଚେତାବନୀ ଦେଇଛନ୍ତି। ବିଧାୟକ ୩ ବର୍ଷ ହେବ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ☞ପୃଷ୍ଠା-୪

୫୦ଲକ୍ଷ ଟଙ୍କା ଜୁଆ ଖେଳିଛନ୍ତି ପ୍ରେମିକ

ଭୁବନେଶ୍ୱର,୩।୫(ବ୍ୟୁରୋ)

ପ୍ରେମିକ ପାଇଁ ୯୭ ଲକ୍ଷ ହଡ଼ପ ପାପଲା

- ଜେଲଗଲେ ଝାଡ଼ଖଣ୍ଡରୁ ଗିରଫ ଅଭିଯୁକ୍ତ ବିକାଶ
- ୫ ଦିନିଆ ରିମାଣ୍ଡ ପାଇଁ ଆଜି ହେବ ଆବେଦନ

ଭୁବନେଶ୍ୱର ଉପକଣ୍ଠ ଏକ ଘରୋଇ ଇଞ୍ଜିନିୟରିଂ କଲେଜରୁ ୯୭ ଲକ୍ଷ ଟଙ୍କା ହଡ଼ପ ଘଟଣାର ଅନ୍ୟତମ ଅଭିଯୁକ୍ତ ପ୍ରେମିକ ବିକାଶ କୁମାରଙ୍କୁ ପୋଲିସ ଗିରଫ କରିଛି। ତମାଣ୍ଡୋ ଥାନା ପୋଲିସ ବିକାଶଙ୍କୁ ସୋମବାର ଝାଡ଼ଖଣ୍ଡ ହଜାରିବାଗରୁ ଗିରଫ କରିବା ପରେ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିବା ପାଇଁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ଅନୁମତି ମିଳିବା ପରେ କମିଶନରେଟ ପୋଲିସ ଅଭିଯୁକ୍ତ ବିକାଶଙ୍କୁ ଧରି ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିବା ପରେ ଅପରାହ୍ଣରେ କୋର୍ଟ ଚାଲାଣ କରାଯାଇଥିଲା। ସେଠାରୁ ଜେଲ ହାଜତକୁ ପଠାଇଦିଆଯାଇଛି। ବିକାଶଙ୍କୁ ପୋଲିସ ପଚରାଉଚୁରା ସମୟରେ ସେ ପ୍ରେମିକାଙ୍କଠାରୁ ଟଙ୍କା ନେଇ ଅନ୍‌ଲାଇନରେ ଜୁଆ ଏବଂ ଶେୟାର ମାର୍କେଟରେ ବିନିଯୋଗ କରିଥିବା ସ୍ୱୀକାର କରିଥିଲେ। ଏପରି କି ପ୍ରାୟ ୫୦ଲକ୍ଷ ଟଙ୍କା ଜୁଆରେ ଉଡ଼ାଇ ଦେଇଥିବା ଜଣାପଡ଼ିଛି। ତେବେ କଥାବାର୍ତ୍ତାରେ ତାଳମେଳ ରହୁ ନ ଥିବା କାରଣରୁ କିଛି କଥା ଲୁଚାଉଥିବା ପୋଲିସ ସନ୍ଦେହ କରୁଛି। ଏତେ ଟଙ୍କା କେଉଁଠି ବିକାଶ ବିନିଯୋଗ କରିଛନ୍ତି, ତା'ର ତଥ୍ୟ ପାଇବା ପାଇଁ ଉଭୟ ବିକାଶ ଏବଂ ପୂର୍ବରୁ ଗିରଫ ହୋଇଥିବା ତାଙ୍କ ପ୍ରେମିକା ପାୟଲ ମହାପାତ୍ରଙ୍କୁ ୫ଦିନ ରିମାଣ୍ଡରେ ଆଣିବାକୁ ମଙ୍ଗଳବାର ଆବେଦନ କରିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ସିଭି ରମଣ ବିଶ୍ୱବିଦ୍ୟାଳୟରେ ୨୦୧୭ ଫେବୃୟାରୀରୁ ପାୟଲ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟରୁ ୨୦୧୯ରେ ☞ପୃଷ୍ଠା-୪

ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ

ବଇଣ୍ଡା,୩।୫(ଡି.ଏନ.ଏ.)- ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଟକବା ଜଙ୍ଗଲରେ ସୋମବାର ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ବିମ୍ବଳା ସାହୁ (୫୫)ଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ତାଙ୍କ ପରିବାର ଟକବା ଜଙ୍ଗଲରୁ ମୃତଦେହ ଉଦ୍ଧାର କରିଛନ୍ତି। ହଣ୍ଡପା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଘଟଣାରୁ ଜଣାପଡିଛି, ବିମ୍ବଳା ସୋମବାର ସକାଳୁ କେନ୍ଦୁପତ୍ର ତୋଳିବା ପାଇଁ ନିକଟରେ ଥିବା ଜଙ୍ଗଲକୁ ଯାଇଥିଲେ। ହେଲେ ସେଠାରେ ଭାଲୁ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ଜଙ୍ଗଲର ଏକ ଲଟି ବୁଦା ମୂଳେ ତାଙ୍କ ମୃତଦେହ ଠାବ ହୋଇଥିଲା।

ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ରାଜ୍ୟ କୃଷି ଯନ୍ତ୍ରପାତି ତାଲିମ ଓ ପରୀକ୍ଷଣ କେନ୍ଦ୍ରଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ କୃଷକ ଦିବସ ପାଳନ ଅବସରରେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ବିଲରେ ଅଖିମୁଠି ଅନୁକୂଳ କରୁଛନ୍ତି।

ଓଡ଼ିଶା ବିକାଶର ଭୂଖଣ୍ଡ: କୃଷିମନ୍ତ୍ରୀ

ଭୁବନେଶ୍ୱର,୩।୫(ବ୍ୟୁରୋ)

ଅକ୍ଷୟ ତୃତୀୟା। ଚାଷ ଅନୁକୂଳର ମହାପର୍ବ। ଚାଷୀମାନେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହ ବିଲରେ ଅଖିମୁଠି ଅନୁକୂଳ କରିଛନ୍ତି। ନୂଆ ଧାନ ବୁଣି ହଳ କରିଛନ୍ତି। ମଙ୍ଗଳବାର ଅକ୍ଷୟ ତୃତୀୟା ଅବସରରେ କୃଷି ଯନ୍ତ୍ରପାତି ଓ ତାଲିମ କେନ୍ଦ୍ର ପରିସରରେ କୃଷିମନ୍ତ୍ରୀ ଅରୁଣ ସାହୁ ଅଖିମୁଠି ଅନୁକୂଳ କରିଛନ୍ତି। ବିଧି ମୁତାବକ ସେ ଖେତରେ ବିହନ ଅନୁକୂଳ କରିଛନ୍ତି। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୃଷକ ଦିବସ-୨୦୨୨ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷିମନ୍ତ୍ରୀ କହିଛନ୍ତି,

ରାଜ୍ୟସ୍ତରୀୟ କୃଷକ ଦିବସ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷି କ୍ଷେତ୍ରକୁ ଦେଇଥିବା ପ୍ରାଧାନ୍ୟ ଓ କୃଷିଭିତ୍ତିକ ଅନେକ କାର୍ଯ୍ୟକ୍ରମ ଗ୍ରହଣର ଫଳସ୍ୱରୂପ ଆଜି ଓଡ଼ିଶା ଭୋକର ଭୂଗୋଳରୁ ବିକାଶର ଭୂଖଣ୍ଡରେ ପରିଣତ ହୋଇଛି। ୧୯୯୯ ମହାବାତ୍ୟା ସମୟରେ ଚାଉଳର ଅଭାବୀ ସ୍ଥିତିରୁ ୨୦୨୧ରେ ରାଜ୍ୟ ଚାଉଳ ବଳକା ରାଜ୍ୟ ଭାବେ ଉଭା ହୋଇଛି। କୃଷକର ଆୟ ଦ୍ୱିଗୁଣିତ କରିବା ନିମନ୍ତେ ସମନ୍ୱିତ କୃଷିକୁ ଅଧିକ ପ୍ରୋତ୍ସାହନ ଦିଆଯାଉଛି। ମାଛ, କ୍ଷୀର, ମାଂସ, ଅଣ୍ଡା ଆଦି ଉତ୍ପାଦନରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଏକ କୃଷି ମେଳାର ଆୟୋଜନ କରାଯାଇଥିଲା। ମେଳାକୁ ଉଦ୍‌ଘାଟନ କରିବା ସହ ମନ୍ତ୍ରୀ ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ। ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା, ବିଭାଗୀୟ ସ୍ୱତନ୍ତ୍ର ସଚିବ ସଞ୍ଜୀବ ଚଢ଼ା ଚଳିତ ବର୍ଷ ଉତ୍ତମ ମୌସୁମୀ ଓ ସଫଳ ଖରିଫ ଋତୁ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ମେ' ୧୦ ଯାଏ ଘୁଞ୍ଚିଲା ଆବେଦନ ସମୟ

ମାଗଣା ଲାପ୍‌ଟପ୍ ପାଇଁ ଆର୍ଥିକ ସହାୟତା

ଭୁବନେଶ୍ୱର, ୩।୫(ବ୍ୟୁରୋ)

ବିଜୁ ଯୁବ ସଶକ୍ତୀକରଣ ଯୋଜନା-୨୦୨୧ ଅଧୀନରେ ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା ପାଇବା ପାଇଁ ଆବେଦନର ଅବଧିକୁ ଘୁଞ୍ଚାଇ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ଆବେଦନ ଅବଧିକୁ ମେ' ୧୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଆବେଦନ କରିପାରି ନ ଥିବା ଯୋଗ୍ୟ ଛାତ୍ରୀଛାତ୍ରମାନେ ଏହି ସମୟସୀମା ମଧ୍ୟରେ ଆବେଦନ କରିବାକୁ କୁହାଯାଇଛି। ଏନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯୁକ୍ତ୨ ପାସ୍ କରିଥିବା ମେଧାବୀ ଛାତ୍ରୀଛାତ୍ର ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା ଲାଗି ଆବେଦନ କରିପାରିବେ। ତୃତୀୟ ଥର ପାଇଁ ଆବେଦନର ଅବଧିକୁ ଘୁଞ୍ଚାଇ ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୨୨ରେ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହୋଇଥିବାବେଳେ ଆବେଦନର ଶେଷ ତାରିଖ ଏପ୍ରିଲ ୧୦ ଥିଲା। ପରେ ଏହାକୁ ଏପ୍ରିଲ ୩୦ ଯାଏ ବୃଦ୍ଧି କରାଯାଇଥିଲା। କେବଳ ୧୫ ହଜାର ଛାତ୍ରୀଛାତ୍ର ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ନାମ ପ୍ରକାଶ ପାଇଥିଲା। ସେମାନଙ୍କୁ ରାଜ୍ୟ ସରକାର ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ। ଯୋଗ୍ୟ ବିବେଚିତ ମେଧାବୀ ଛାତ୍ରୀଛାତ୍ର ଓଡ଼ିଶା ସରକାରଙ୍କ ସ୍କଲାରଶିପ୍‌ପୋର୍ଟାଲର ଅଫିସିଆଲ ୱେବ୍‌ସାଇଟ୍ https://scholarship.odisha.gov.inକୁ ଯାଇ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

୨୪ ଘଣ୍ଟାରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୩।୫(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଆଣ୍ଡାମାନ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଆସନ୍ତା ୬ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ଏହାର ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଘନୀଭୂତ ହୋଇ ଅବପାତ (ଡିପ୍ରେସନ)ରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୯ କିମ୍ବା ୧୦ ତାରିଖ ବେଳକୁ ଏହା ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହୋଇ ବାତ୍ୟାରୂପ ନେଇପାରେ। ଯଦି ଲଘୁଚାପ ବାତ୍ୟାରୂପ ନେବ ତେବେ ଏହାର ଗତିପଥ କେଉଁ ଆଡ଼କୁ ହେବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ। ଲଘୁଚାପ ହେବା ପରେ ବାତ୍ୟା ସମ୍ପର୍କରେ ସମ୍ପୂର୍ଣ୍ଣ ଚିତ୍ର ଦିଆଯାଇପାରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବିଭିନ୍ନ ପାଣିପାଗ ମଡେଲ ଏବଂ ୟୁଏସ୍ ନୌସେନା ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ଦକ୍ଷିଣ ଆଣ୍ଡାମାନରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ବାତ୍ୟାରେ ପରିଣତ ହେବ। ଏହାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିଲୋମିଟର ରହିବ। ବେଳେ ବେଳେ ଏହା ୧୩୦ କିଲୋମିଟର ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ଆନ୍ଧ୍ର ଉପକୂଳ, ଗଞ୍ଜାମ କିମ୍ବା ପଶ୍ଚିମବଙ୍ଗର ସୁନ୍ଦରବନ ଦେଇ ସ୍ଥଳଭାଗକୁ ଅତିକ୍ରମ କରିପାରେ ।

ବାତ୍ୟା ପ୍ରଭାବରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ,

ମୁଗ ଫସଲକୁ ନେଇ ଚାଷୀଙ୍କ ଚିନ୍ତା

- ୬ରେ ଲଘୁଚାପ
- ୧୦ରେ ବାତ୍ୟା ସମ୍ଭାବନା

ଜଗତ୍‌ସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପବନ ସାଙ୍ଗକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ହେଲେ ବିଲରେ ରବିଧାନ ଅଧା ପାଚିଲା ହୋଇଥିବା ବେଳେ ମୁଗ ଅମଳ ସମୟ ହୋଇଗଲାଣି। ଯଦି ପବନ ସହିତ ବର୍ଷା ହେବ, ତେବେ ମୁଗ ଫସଲ ଧୋଇଯିବା ଆଶଙ୍କା ରହିଛି। ଏହାକୁ ନେଇ ଚାଷୀକୁଳ ଆତଙ୍କିତ ହୋଇ ପଡ଼ିଛନ୍ତି।

ଅନ୍ୟପକ୍ଷରେ ଗତ ଦୁଇଦିନ ହେବ ରାଜ୍ୟରେ ତାତିର ପ୍ରକୋପ କିଛି ମାତ୍ରାରେ ହ୍ରାସ ପାଇଛି। ପାରଦ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଉପକୂଳ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି। ଆସନ୍ତା ୫ ତାରିଖ ବେଳକୁ ରାଜ୍ୟରେ ତାତି ଆହୁରି କମିବା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ରାଜ୍ୟର ୧୮ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ୬ଟି ସ୍ଥାନରେ ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ମଙ୍ଗଳବାର ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୪୩.୫, ଝାରସୁଗୁଡ଼ା ୪୩, ବଲାଙ୍ଗୀର ୪୩, ସୁନ୍ଦରଗଡ଼ ୪୩ ଏବଂ ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୨.୫, ହୀରାକୁଦ ୪୧.୪, ଭବାନୀପାଟଣା ୪୧, ଫୁଲବାଣୀ ୪୨.୪, ଟିଟିଲାଗଡ଼ ୪୧.୮, ମାଲକାନଗିରି ୪୦, ନୟାଗଡ଼ ୪୧, ଯାଜପୁର ୪୧, ବରଗଡ ୪୦.୪, ଦେବଗଡ଼ ୪୨.୫,ନୂଆପଡ଼ାରେ ୪୦, ଭୁବନେଶ୍ୱରରେ ୩୯, ପୁରୀରେ ସର୍ବୋଚ୍ଚ ତାପମାତ୍ରା ୩୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଗୁରୁବାର ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଏବଂ ୭ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ୩୦ରୁ ୪୦ କି.ମି. ବେଗରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ଗୋପାଳପୁର,୩।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ପଥରା ପୋଖରୀରେ ବୁଡ଼ିଯାଇ ଦୁଇ ନାବାଳକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋପାଳପୁର ଥମସନ ସାହିର ବି.ଅନୀଲ (୧୧) ଓ ବି.ପ୍ରେମ (୧୨)। ମଙ୍ଗଳବାରଠାରୁ ମାଣ୍ଡିଆପଲ୍ଲୀରେ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିବାରୁ ଗୋପାଳପୁର ସଙ୍କୀର୍ତ୍ତନ ଦଳ ସେଠାକୁ ଯାଇଥିଲେ। ସଙ୍କୀର୍ତ୍ତନ ଦଳ ଅପରାହ୍ନରେ ଖାଇ ସାରିବା ପରେ ସନ୍ଧ୍ୟାରେ ୫ ଜଣ ସାଙ୍ଗ ହୋଇ ପଥରା ପୋଖରୀକୁ ଗାଧୋଇ ଯାଇଥିଲେ। ଅସାବଧାନତାରୁ ଅନୀଲ ଓ ପ୍ରେମ ବୁଡ଼ି ଯାଇଥିଲେ। ଏହା ଦେଖି ସେମାନଙ୍କ ସାଙ୍ଗରେ ଥିବା ଅନ୍ୟ ୩ ଜଣ ପାଟି କରି ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ପୋଖରୀରୁ ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ। ସେଠାରେ ଅନୀଲ ଓ ପ୍ରେମଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

ଝିଅ ବିବାହ ପୂର୍ବରୁ ବାପାଙ୍କ ଆତ୍ମହତ୍ୟା

ବଇଣ୍ଡା,୩।୫(ଡି.ଏନ.ଏ.)

- କରଜ ଅର୍ଥକୁ ନେଇ ରାତିରେ ହୋଇଥିଲା କଳହ
- ସକାଳୁ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଦେଲେ

ମଙ୍ଗଳବାର ରାତିରେ ହୋଇଥାନ୍ତା ଝିଅ ବାହାଘର। ଏଥିପାଇଁ ଘରେ ସରିଥିଲା ସମସ୍ତ ପ୍ରସ୍ତୁତି। ହେଲେ ବଧୂ ବେଶରେ ଝିଅକୁ ଶାଶୁଘରକୁ ବିଦା କରିବା ପୂର୍ବରୁ ସକାଳୁ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଦେଲେ ବାପା। ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ପରସୁମାଳ ଗ୍ରାମରେ ଘଟିଥିବା ଏପରି ଦୁଃଖଦ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ପରସୁମାଳ ଗ୍ରାମର ବ୍ୟବସାୟୀ ସୁରଥ ବେହେରା (୫୨)ଙ୍କ ଝିଅ ବାହାଘର ମଙ୍ଗଳବାର ସ୍ଥିର ହୋଇଥିଲା। ଧୁମ୍‌ଧାମରେ ବାହାଘର ଆୟୋଜନ ହୋଇଥିବା ବେଳେ ଘରେ ବନ୍ଧୁବାନ୍ଧବ ପହଞ୍ଚି ସାରିଥିଲେ। ଝିଅକୁ ସମସ୍ତ ଘର କରଣା ସାମଗ୍ରୀ ଦେବାକୁ କିଣାକିଣି ସରିଥିଲା। ଏଥିପାଇଁ ସୁରଥ ଲକ୍ଷାଧିକ ଟଙ୍କା କରଜ କରିଥିଲେ। ଏହାକୁ ନେଇ ସୋମବାର ରାତିରେ ପରିବାର ମଧ୍ୟରେ କଳହ ଲାଗିଥିଲା। ଫଳରେ ମାନସିକ ଭାରସାମ୍ୟ ହରାଇଥିବା ସୁରଥ ମଙ୍ଗଳବାର ସକାଳେ ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ଖାଲପାଳ ନିକଟରେ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତଦେହ ରେଳ ଧାରଣାରେ ପଡିଥିବା ଦେଖି ଅଞ୍ଚଳବାସୀ ବଇଣ୍ଡା ରେଳ ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲକୁ ପଠାଇ ଦେଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ସୁରଥଙ୍କ ଝିଅ ବାହାଘର ହୋଇପାରି ନାହିଁ।

'ଝିଅ ସହ ଦେଖି ସହିପାରିଲିନି, ରଡ୍ ଭୁସିଦେଲି'

ଉଦଳା, ୩।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଜୟପୁର ଗ୍ରାମର ଛାତ୍ର ଶୁଭାଶିଷ ବାରିକଙ୍କ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ଶୁଭାଶିଷଙ୍କ ଗୁପ୍ତାଙ୍ଗ ତଳେ ରଡ୍ ଭୁସି ହତ୍ୟା କରାଯାଇଛି। ତାଙ୍କ ପ୍ରେମିକାଙ୍କ ବାପା ହିଁ ହତ୍ୟାକାରୀ ବୋଲି ପୋଲିସ ସ୍ପଷ୍ଟ କରିଛି। ଶୁଭାଶିଷ ଓ ଝିଅକୁ ଅସଂଯତ ଅବସ୍ଥାରେ ଦେଖି ସହି ପାରିଲିନି, ରଡ୍ ଭୁସି ମାରିଦେଲି ବୋଲି ଅଭିଯୁକ୍ତ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଏନେଇ ଉଦଳା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କପ୍ତିପଦା ଏସ୍‌ଡିପିଓ ସାର୍ଥକ ରାଏ ଓ ଆଇଆଇସି ନିରୋଜ କୁମାର ସାମଲ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ଝିଅ ସହ ଶୁଭାଶିଷଙ୍କର ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ଏହାକୁ ନେଇ ଝିଅ ଘର ପକ୍ଷରୁ ଅନେକ ବାର ଶୁଭାଶିଷଙ୍କୁ ତାଗିଦ୍ କରାଯାଇଥିଲା। ହେଲେ ଗତ ୩୦ତାରିଖ ରାତିରେ ଝିଅ ସହ ଶୁଭାଶିଷଙ୍କୁ ହଠାତ୍ ଦେଖି ଅଭିଯୁକ୍ତ ହିତାହିତ ଜ୍ଞାନ ଭୁଲିଯାଇଥିଲେ। ପୂର୍ବରୁ ଶୁଭାଶିଷଙ୍କ ଉପରେ ଥିବା ରାଗ ତାଙ୍କୁ ହିଂସ୍ର କରିଦେଇଥିଲା। ସେ ତାଙ୍କୁ ମାରିବାକୁ ଉଦ୍ୟମ କରି ଗୋଡ଼ାଇଥିଲେ।

ପ୍ରେମ ପାଇଁ ଛାତ୍ରଙ୍କୁ ହତ୍ୟା ଘଟଣା

ଅଭିଯୁକ୍ତ ବାପାଙ୍କ ଚାଞ୍ଚଲ୍ୟକର ବୟାନ

ଶେଷରେ ତାଙ୍କ ଗୁପ୍ତାଙ୍ଗ ତଳେ ଏକ ରଡ୍ ଭୁସି ଦେଇଥିଲେ। ଶୁଭାଶିଷ ଜୀବନ ବିକଳରେ ଘର ପଛପଟ ଦେଇ ପଳାଇ ଯାଉଥିବା ବେଳେ ବିଲ ମଝିରେ ପଡ଼ିଯାଇଥିଲେ। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ରଡ୍‌କୁ ଅଭିଯୁକ୍ତ ନିଜ ଘରେ ଲୁଚାଇ ରବିବାର ସକାଳୁ ଶରତ ଅଞ୍ଚଳକୁ ଚାଲିଯାଇଥିଲେ। ଅନ୍ୟପଟେ ପୋଲିସ ଝିଅ, ତାଙ୍କ ମା' ଓ ୪ ଜଣ ସମ୍ପର୍କୀୟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ମୁଖ୍ୟ ଅଭିଯୁକ୍ତ ଝିଅର ବାପାଙ୍କୁ ପୋଲିସ ଶରତ ଅଞ୍ଚଳରୁ ଗିରଫ କରିଛି। ପୋଲିସ୍ ପୂରା ଘଟଣାର ଖିଅ ଖୋଜି ବାହାର କରିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ରଡ୍‌କୁ ଜବତ କରିଛି। ହତ୍ୟା ସମୟରେ ଅଭିଯୁକ୍ତ ପିନ୍ଧିଥିବା କପଡ଼ାକୁ ମଧ୍ୟ ପୋଲିସ ଜବତ କରିଛି। ଏନେଇ ମାମଲା (ନଂ.୧୩୫/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଆଗ୍ନେୟ ଉଦ୍‌ଗିରଣରୁ ନଷ୍ଟ ହୋଇପାରେ ଓଜୋନ ସ୍ତର

ୱାଶିଂଟନ୍, ୩।୫

ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହରେ ଜୀବସତ୍ତାର ସନ୍ଧାନରେ ବୈଜ୍ଞାନିକମାନେ ଲାଗିଥିବାବେଳେ ଏବେ ଆମେରିକାର ମହାକାଶ ଏଜେନ୍ସି ନାସା ଚିନ୍ତା ବଢ଼ାଇବା ଭଳି ରିପୋର୍ଟ ପ୍ରକାଶ କରିଛି। ଅତ୍ୟଧିକ ଆଗ୍ନେୟଗିରି ଉଦ୍‌ଗିରଣ ପୃଥିବୀ ପାଇଁ ବିନାଶକାରୀ ପାଲଟିପାରେ ଏବଂ ନୀଳଗ୍ରହର ଅବସ୍ଥା ଶୁକ୍ର ଓ ମଙ୍ଗଳ ପରି ହୋଇପାରେ ବୋଲି ଜଳବାୟୁ ଅନୁକରଣ ସଂକ୍ରାନ୍ତୀୟ ଏକ ରିପୋର୍ଟରେ ନାସା କହିଛି। ଶୁକ୍ର ଓ ମଙ୍ଗଳ ଜୀବନଧାରଣ ପାଇଁ ଉପଯୁକ୍ତ ନ ହେବାର କାରଣ ମଧ୍ୟ ଆଗ୍ନେୟ ଉଦ୍‌ଗିରଣ ହୋଇଥାଇପାରେ ବୋଲି ଜିଓଫିଜିକାଲ ରିସର୍ଚ୍ଚ ଲେଟରରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଗବେଷକଙ୍କ ମତରେ, ଅତ୍ୟଧିକ ଆଗ୍ନେୟ ଉଦ୍‌ଗିରଣ ପୃଥିବୀ ବାୟୁମଣ୍ଡଳ ଏବଂ ସୂର୍ଯ୍

କୃଷକ ସଙ୍ଗଠନ ପାଳିଲା ଅକ୍ଷୟ ତୃତୀୟା

ଅମରପାଲି,(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ବୀରମହାରାଜପୁର ବ୍ଲକ ଉଫୁଲାଠାରେ ଅକ୍ଷୟ ତୃତୀୟା ଉତ୍ସବ ପାଳନ କରାଯାଇଛି। ସଙ୍ଗଠନ ଜିଲା ସଭାପତି ବୈକୁଣ୍ଠନାଥ ଶତପଥୀ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧରଣୀଧର ପାଢ଼ୀ, ନରୋତ୍ତମ ପଧାନ, ପଦ୍ମଲୋଚନ ମିଶ୍ର, ପ୍ରଦୀପ ପୁରୋହିତ, ସତ୍ୟ ପଧାନ, ଗୋପାଳ ଦାସ, ଆଲୋକ ହୋତା, ଶୃଙ୍ଖ ବାଘ ଉପସ୍ଥିତ ଥିଲେ। ସେହିଭଳି ବୀରମହାରାଜପୁର କୃଷକ ବିକାଶ ପରିଷଦ ପକ୍ଷରୁ ଯାଲୋଏଠାରେ ଉପଖଣ୍ଡସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ପୁରୁଖା ଚାଷୀ ଅଚ୍ୟୁତ ପଧାନଙ୍କ ଦ୍ୱାରା ମାଟି ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

ଏମ୍‌ସିଏଲ୍‌ରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ

ସମ୍ବଲପୁର,୩।୫(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ପକ୍ଷରୁ ବନ୍ଧବାହାଲସ୍ଥିତ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ମୁଖ୍ୟଅତିଥି, ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଓ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ସିଂ କହିଥିଲେ କୋଲମାଇନର୍ସ ଦେଶର ଅର୍ଥନୈତିକ ଓ ପ୍ରଗତି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସେମାନେ ହେଉଛନ୍ତି ପ୍ରକୃତ ମେରୁଦଣ୍ଡ। ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଏମ୍‌ସିଏଲ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ ସ୍ୱାଗତ ଭାଷଣ ଓ ଏସ୍.କେ. ଭରଦ୍ୱାଜ ଧନ୍ୟବାଦ ଦେଇଥିଲେ।

ଆଦର୍ଶ ଥାନା ସମ୍ମୁଖରେ ଧାରଣା

ଭାଜପା କର୍ମୀ ଓ ନେତାମାନେ ଧାରଣା ଦେଇଛନ୍ତି।

ଦେବଗଡ଼,୩।୫(ଡି.ଏନ.ଏ)

ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଗିରଫଦାରିର ପ୍ରତିବାଦ ଓ ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଗିରଫ ଦାବିରେ ମଙ୍ଗଳବାର ଦେବଗଡ ଜିଲା ଭାଜପା ପକ୍ଷରୁ ଦେବଗଡ ଥାନା ସମ୍ମୁଖରେ ଏକଘଣ୍ଟିଆ ଧାରଣା ଦିଆଯାଇଥିଲା। ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନଙ୍କ ଆହ୍ୱାନ କ୍ରମେ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଉପ ନଗରପାଳ ତଥା ଜିଲା ଭାଜପା ଏସ୍‌ସି ସେଲ ସଭାପତି ପ୍ରଜିତ କୁମାର ଭୋଜ, ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ,

ବିଧାୟକଙ୍କ ଗିରଫଦାରିର ପ୍ରତିବାଦ ଓ ବିଡିଓଙ୍କ ଗିରଫ ଦାବି

ନଗର ସମ୍ପାଦକ ରମଣୀ ରଞ୍ଜନ ଆଚାର୍ଯ୍ୟ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧୀର କୁମାର ବ୍ରହ୍ମା ଓ ଦୟାଶଙ୍କର ଦ୍ୱିବେଦୀଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ଦେବଗଡ ଆଦର୍ଶ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ ସହ ଦେବଗଡ ପୌର ପରିଷଦ ୮ ନଂ ୱାର୍ଡର କାଉନସିଲର ପିଙ୍କିରାଣୀ ସାହୁ ଓ ୯ ନଂ. ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଆକ୍ରମଣ ଘଟଣାରେ ଦେବଗଡ ଥାନା ପୋଲିସ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମାତ୍ର ବିଧାୟକ ଦେଇଥିବା ଅଭିଯୋଗ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ପ୍ରତିବାଦରେ ବିଡିଓଙ୍କୁ ତୁରନ୍ତ ଗିରଫ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି ।

କୁଆଁରମୁଣ୍ଡାରେ କାଳବୈଶାଖୀ

କୁଆଁରମୁଣ୍ଡା,୩।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରାୟ ଦେଢ ଘଣ୍ଟା ଧରି ଘଡଘଡ଼ି ସହ ବର୍ଷା ଓ ପବନ ହୋଇଛି । ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗି ପଡିଛି। ଫଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି।ବର୍ଷା ଯୋଗୁ ମଙ୍ଗଳବାର ବଜାରରେ ବେପାରୀଙ୍କ ଠାରୁ ଆରମ୍ଭ କରି ଲୋକେ ନାହିଁ ନ ଥିବା ହୀନସ୍ଥା ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି।ସେହିପରି କୁଆଁରମୁଣ୍ଡା ତହସିଲ ରୋଡ, ଚେକ୍‌ଗେଟ୍ ଛକ ଜଳାର୍ଣ୍ଣବ ହୋଇଯାଇଛି। ଝଡବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳର ତାପମାତ୍ରା ହ୍ରାସ ପାଇଛି।

ବର୍ଷାରେ କୁଆଁରମୁଣ୍ଡା ଚେକଗେଟ୍‌ର ଅବସ୍ଥା ବେହାଲ ହୋଇଯାଇଛି।

ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

କୁତ୍ରା,୩।୫(ଡି.ଏନ.ଏ.)

ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧୀନ ତରକେରା ଗ୍ରାମର ସୁଶାନ୍ତ ଲାକଡା (୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁଶାନ୍ତ କୁତ୍ରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ୨୦୧୭ ମସିହାରୁ ଭଲ ପାଇ ବିବାହର ପ୍ରତିଶ୍ରୁତି ଦେବା ସହ ଶାରୀରିକ ସଂପର୍କ ରଖିଥିଲେ। ହେଲେ ବିବାହ କରିବାକୁ ମନା କରି ଦେବାରୁ ଯୁବତୀ ଜଣକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

WALK-IN-INTERVIEW - 09 May 2022

Location - Access Livelihoods, Near CHC, Railway station road, Loisingha, Bolangir - 767020, Time - 9:00 AM

Access Livelihoods, a Hyderabad-based group of social enterprises, is looking to hire for the following positions for a project supported by the Department of Agriculture and Farmers Empowerment, Government of Odisha.

	Field Executive (Organic Farming)	Field Executive (2 Positions)
Qualification	B.Sc.(Agriculture)/M.Sc. (Agriculture)/ Any Graduate with 1-3 years experience in organic farming, degree from a recognized university.	Any Graduate/ Post Graduate from a recognized university
Experience	1-3 years in agriculture or related fields	0-1 year in community services, freshers welcome
Salary Range	Rs. 12,000 - 15,000 per month	Rs. 6,000 - 10,000 per month

Email CV to bisworanjan.parida@alcindia.org by 06 May 2022; only shortlisted candidates will be called for an interview.
Contact: +91 70087 80484

ଇସ୍ପାତ ସହରରେ ଇଦ୍ ପର୍ବ ପାଳନ

ରାଉରକେଲାର ଏକ ମସଜିଦ୍‌ରେ ନମାଜ ପାଠ କରାଯାଉଛି।

ରାଉରକେଲା ଅଫିସ୍,୩।୫

ଇସ୍ପାତ ସହର ରାଉରକେଲାରେ ମଙ୍ଗଳବାର ମୁସ୍‌ଲିମ୍ ସମ୍ପ୍ରଦାୟର ପବିତ୍ର ଇଦ୍ ପର୍ବ ପାଳିତ ହୋଇଛି। ଏହି ଅବସରରେ ସହରର ବିଭିନ୍ନ ମସଜିଦ୍‌ରେ ନମାଜ ପାଠ କରାଯାଇଥିଲା। ରାଉରକେଲା ମହତାବ ରୋଡ୍ ନିକଟରେ ଥିବା ଇଦ୍‌ଗା ମୈଦାନରେ ସକାଳ ୮ଟାରେ ନମାଜ ପାଠ କରାଯାଇଥିଲା। ମୁସଲମାନ ଭାଇମାନେ ନମାଜ ପାଠ କରିସାରିବା ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ନମାଜ ପାଠ ସମୟରେ ସବୁ ସମ୍ପ୍ରଦାୟର ଲୋକମାନେ ଉପସ୍ଥିତ ଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ନଗରପାଳ କାଳନ୍ଦୀ ବଡ଼ଜେନା, ରମେଶ ବଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଗାୟତ୍ରୀ ଶକ୍ତିପୀଠରେ ସାମୂହିକ ବ୍ରତୋପନୟନ

ରାଉରକେଲାରେ ସାମୂହିକ ବ୍ରତୋପନୟନ କରାଯାଉଛି।

ରାଉରକେଲା ଅଫିସ୍,୩।୫

ପବିତ୍ର ଅକ୍ଷୟ ତୃତୀୟାରେ ରାଉରକେଲା ସେକ୍ଟର-୨ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ସାମୂହିକ ବ୍ରତୋପନୟନ ସଂସ୍କାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ତଥା ଆଖପାଖ ଅଞ୍ଚଳର ବହୁ ବ୍ରହ୍ମଚାରୀ ଯୋଗଦେଇ ଗୁରୁଦୀକ୍ଷା ନେବା ସହ ଯଜ୍ଞୋପବୀତ ଧାରଣ କରିଥିଲେ। ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟି ନିତ୍ୟାନନ୍ଦ ଦାସ ଉପସ୍ଥିତ ବ୍ରହ୍ମଚାରୀମାନଙ୍କୁ ଗୁରୁଦୀକ୍ଷା ପ୍ରଦାନ କରିଥିଲେ। ଏହାସହ ଏକ ସଂସ୍କାରିତ ବ୍ରହ୍ମଚାରୀ କିପରି ଭବିଷ୍ୟତରେ ଆଦର୍ଶ ବ୍ୟକ୍ତି, ପରିବାର ଏବଂ ଏକ ଆଦର୍ଶ ସମାଜ ଗଠନ କରିପାରିବ ତାହା ବୁଝାଇଥିଲେ। କାର୍ଯ୍ୟକ୍ରମରେ ଲମ୍ବୋଦର ମହାଳିକ, ରାମମୋହନ ସାହୁ ତଥା ଗାୟତ୍ରୀ ପରିବାରର ବହୁ ସଦସ୍ୟ ସହଯୋଗ କରିଥିଲେ। ଆଗାମୀ ଦିନରେ ଗାୟତ୍ରୀ ଶକ୍ତିପୀଠ ତରଫରୁ ମହାଳୟାରେ ସାମୂହିକ ପିତୃ ତର୍ପଣ, ଶିବରାତ୍ରୀରେ ସାମୂହିକ ରୁଦ୍ରାଭିଷେକ ତଥା ସାମୂହିକ ଆଦର୍ଶ ବିବାହ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗାୟତ୍ରୀ ମିଡ଼ିଆ ପ୍ରମୁଖ ବିଜୟ କୁମାର କର ସୂଚନା ଦେଇଥିଲେ।

ରିଆମାଳରେ ଅକ୍ଷୟ ତୃତୀୟା ପର୍ବ

ରିଆମାଳ, ୩।୫(ଡି.ଏନ୍.ଏ.): ଦେବଗଡ ଜିଲା ରିଆମାଳ ବ୍ଲକ ସଦର ମହକୁମା କଲ୍ୟାଣମଣ୍ଡପଠାରେ କୃଷି ବିଭାଗ ତରଫରୁ ମଙ୍ଗଳବାର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଏହି ଉତ୍ସବରେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ପ୍ରାଣୀ ଚିକିତ୍ସକ ସ୍ୱପ୍ନେଶ୍ୱର ନାୟକ, ରିଆମାଳ ସରପଞ୍ଚ ବୀଣାପାଣି ନାୟକଙ୍କ ସମେତ ୨୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଚାଷୀ ଉପସ୍ଥିତ ଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଧାନ ବିହନ ବୁଣିଥିବା ବେଳେ ବ୍ଲକ ଅଧ୍ୟକ୍ଷ ହଳ କରିଥିଲେ।

ପୀତବାସ ହେଲେ ବ୍ଲକ କାର୍ଯ୍ୟକାରୀ ସଭାପତି

ମିଶ୍ରଣ ପର୍ବରେ ଯୋଗ ଦେଇଥିବା ନୂତନ କର୍ମୀ ଓ ଜିଲା ବିଜେଡି ସଭାପତି।

ବଡ଼ଗାଁ ବିଜେଡ଼ିର ମିଶ୍ରଣ ପର୍ବ

ବଡ଼ଗାଁ,୩।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ମିଶ୍ରଣ ପର୍ବ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡ଼ି ସଭାପତି ବିନୟ ଟପୋ, ଜିଲା ସମ୍ପାଦକ ଦେବାଶିଷ ପୁରୋହିତ, ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ବଡ଼ଗାଁର ଅବସରପ୍ରାପ୍ତ ଶିକ୍ଷକ ପୀତବାସ ପଣ୍ଡା, ଅବସରପ୍ରାପ୍ତ ଜିପିଓ ମୁକ୍ତେଶର ସା ଓ ବରପାଲି ଗ୍ରାମର ଅବସରପ୍ରାପ୍ତ ଏବିଇଓ ବେଣୁ ମାଧବ ବିଶିଙ୍କୁ ଜିଲା ସଭାପତି ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଗଲା ବୋଲି ଘୋଷଣା କରିଥିଲେ। ଏହାପରେ ଜିଲା ସଭାପତି ଟପୋ , ପୀତବାସ ପଣ୍ଡାଙ୍କୁ ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଗଲା ବୋଲି ଘୋଷଣା କରିଥିଲେ । ଦଳରେ ନୂତନ ଭାବେ ସାମିଲ ହୋଇଥିବା କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କରି ଦଳରେ ଯୋଗ ଦେଇଥିବା କହିଥିଲେ।



ଜନ୍ମଦିନର ଶୁଭେଚ୍ଛା

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅସତୀ ଭୁଞ୍ଜାଇ ପଲଙ୍କ ସୁପାତି
କୁଳବତୀ ହୁଏ ଦାସୀ
ସାଇ ସାଇ ହୋଇ ବିକାଏ ଗୋରସ
ସୁରା ବିକାଯାଏ ବସି ।

ପୁରୁଷର ମନୋହରିଣୀ ହେଉଛି ବେଶ୍ୟା ଅଥଚ ସେ ତା'ର ସୁନ୍ଦରୀ ସ୍ତ୍ରୀକୁ ଆଦର କରେ ନାହିଁ। ଠିକ୍ ସେହିପରି ଗାଈ କ୍ଷୀର ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥିଲେ ସୁଦ୍ଧା ଗଉଡ଼ ତାକୁ ଭାଣ୍ଡରେ ଧରି ସାଇ ସାଇ ବୁଲି ବିକ୍ରି କରେ କିନ୍ତୁ ମଦ ଭଳି ଅସ୍ୱାସ୍ଥ୍ୟକର ପଦାର୍ଥ ସେବନ କରିବା ପାଇଁ ମଣିଷ ମଦ ଦୋକାନକୁ ଧାଇଁଯାଏ। ଆଜିର ଯୁଗର ବିଚିତ୍ର ରୀତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଅଙ୍ଗ କଉଡ଼ି ଭଙ୍ଗରେ ଯାଏ
ଚିତା କଉଡ଼ି ସଙ୍ଗରେ ଯାଏ ।

ସାଧାରଣତଃ ନିଜ ଦ୍ୱାରା ଉପାର୍ଜିତ ହୋଇଥିବା ସମସ୍ତ ଧନ ସମ୍ପତ୍ତି ମୃତ୍ୟୁ ପରେ ଅନ୍ୟମାନେ ହିଁ ଭୋଗ କରିଥାନ୍ତି। କେବଳ ଅର୍ଜିଥିବା ଯଶ ବା ସୁନାମ ହିଁ ସାଙ୍ଗରେ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

ବିଦ୍ୟୁତ୍ ଆଘାତରେ...

ପ୍ରଥମ ପୃଷ୍ଠାରୁ...

ଝଡ ତୋଫାନରେ ପୂର୍ବରୁ ନଇଁ ପଡିଥିବା ଏକ ଲୁହା ଖୁଣ୍ଟକୁ ଟେକିବା ବେଳେ ଉପରେ ଯାଇଥିବା ୧୧କେଭି ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ୪ଜଣ ଖେଳାଳି ଗୁରୁତର ହୋଇଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ରାଜଗାଙ୍ଗପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ବୀରେନ୍ଦ୍ର ଓ ସୁଜଲଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁଇ ଖେଳାଳିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ହକି ପ୍ରଶିକ୍ଷକ ଜଣକ ଖେଳାଳିମାନଙ୍କୁ ଡାକି ଲୁହା ଖୁଣ୍ଟ ଉଠାଇବା ବେଳେ ଏଭଳି ଘଟଣା ଘଟିଥିବା ମୃତ ଖେଳାଳିଙ୍କ ପରିବାରବର୍ଗ ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାର କେସ୍ ନଂ ୨୦୫/୨୨।

ଯୋଧପୁରରେ ଦଙ୍ଗା...

୩ ଦିନିଆ ପର୍ଶୁରାମ ଜୟନ୍ତୀ ଉତ୍ସବ ପାଳନ ହେବାକୁ ଯାଉଥିବାବେଳେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ସୋମବାର ରାତିରେ ପତାକା ଲଗାଇବାକୁ ନେଇ ବଚସାରୁ ସଂଘର୍ଷ ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। ଲୋକଙ୍କ ଢେଲାମାଡ଼ରେ ୫ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ବ୍ୟାପକ ପୋଲିସ ମୁତୟନ ପରେ ଭୋର ସମୟରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତେବେ ମଙ୍ଗଳବାର ସକାଳେ ଇଦ୍‌ଗାରେ ନମାଜ ପାଠ ଆରମ୍ଭ ପରେ ପୁଣିଥରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଜାଲୋରି ଗେଟ୍ ଅଞ୍ଚଳରେ ଥିବା ଦୋକାନ, ଗାଡ଼ି ଓ ଘର ଉପରକୁ ଟେକାମାଡ଼ ହୋଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟମାନେ ଇଦ୍ ପତାକା ଲଗାଇବା ସହ ସ୍ୱାଧୀନତା ସଂଗ୍ରାମୀ ବାଲମୁକୁନ୍ଦ ବିସାଙ୍କ ପ୍ରତିମୂର୍ତ୍ତିରେ ପତାକା ଗୁଡ଼ାଇଦେଇଥିଲେ। ପର୍ଶୁରାମ ଜୟନ୍ତୀ ପାଳନ ଲାଗି ସେଠାରେ ଲଗାଯାଇଥିବା ଗୈରିକ ପତାକା ନ ଥିବାରୁ ଏହାକୁ ନେଇ ଦୁଇ ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା, ଯାହା ପରେ ଢେଲାମାଡ଼ ଓ ସଂଘର୍ଷର ରୂପ ନେଇଥିଲା।

ଯୋଧପୁରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ବିରୋଧୀ ଦଳ ଭାଜପା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ନିକଟରେ ଇଦ୍ ପତାକା ଲଗାଇବାକୁ ନେଇ ଯୋଧପୁର ଭାଜପା ବିଧାୟକ ସୂର୍ଯ୍ୟକାନ୍ତ ବ୍ୟାସ ଆପତ୍ତି ଉଠାଇଛନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଇସ୍‌ଲାମୀୟ ପତାକା ଲଗାଇବା ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟ ଏବଂ ଗୈରିକ ପତାକା ହଟାଇଦିଆଯିବା ନିନ୍ଦନୀୟ ଘଟଣା ବୋଲି ଭାଜପା ରାଜ୍ୟ ସଭାପତି ସତୀଶ ପୁନିଆ କହିଛନ୍ତି।

୫୦ଲକ୍ଷ ଟଙ୍କା ଜୁଆ...

ପାସ୍ ଆଉଟ୍ ଛାତ୍ର ବିକାଶ କୁମାରଙ୍କ ସହ ପାୟଲଙ୍କ ବନ୍ଧୁତା ହୋଇଥିଲା। ପରବର୍ତ୍ତୀ ସମୟରେ ପାୟଲଙ୍କୁ ପ୍ରେମ ଜାଲରେ ବିକାଶ ଫସାଇଥିଲେ। ଉଭୟ ପରସ୍ପରକୁ ଭଲ ପାଇ ବସିଥିଲେ। ପାଠପଢ଼ା ସରିବା ପରେ ବିକାଶ ଝାଡ଼ଖଣ୍ଡ ଚାଲିଯାଇଥିଲେ ମଧ୍ୟ ପାୟଲଙ୍କ ସହ ସବୁବେଳେ ଯୋଗାଯୋଗରେ ରହୁଥିଲେ। ମା'ବାପାଙ୍କ ଦେହ ଖରାପ କହି ବିକାଶ ପ୍ରେମିକା ପାୟଲଙ୍କୁ ବାରମ୍ବାର ଟଙ୍କା ମାଗିଥିଲେ। ପାୟଲ ବିଶ୍ୱବିଦ୍ୟାଳୟର ଟଙ୍କା କାରବାର ଦାୟିତ୍ୱରେ ଥିବାରୁ ତାହାକୁ ହଡ଼ପ କରି ବିକାଶଙ୍କୁ ଟଙ୍କା ଦେବାକୁ ଚିନ୍ତା କରିଥିଲେ। ଫଳରେ ଆଡମିଶନ ଓ ଟ୍ୟୁଶନ ଫି' ବାବଦକୁ ପିଲା ଦେଉଥିବା ଟଙ୍କାକୁ ଉକ୍ତ ଆକାଉଣ୍ଟରେ ନ ରଖି ନିଜ ନାମରେ ଥିବା ମହୁରା ଶାଖାସ୍ଥିତ ୟୁନିୟନ ବ୍ୟାଙ୍କ ଏବଂ ବାଦାମବାଡ଼ିସ୍ଥିତ ଆକ୍ସିସ୍ ବ୍ୟାଙ୍କ ଶାଖା ଆକାଉଣ୍ଟରେ ଜମା କରୁଥିଲେ। ପରେ ଉକ୍ତ ଟଙ୍କାକୁ ଫୋନ୍ ପେ' ଓ ଇ-ଟ୍ରାଞ୍ଜାକ୍ସନ ମାଧ୍ୟମରେ ପ୍ରେମିକ ବିକାଶଙ୍କ ପାଖକୁ ପଠାଉଥିଲେ। ଅଭିଯୋଗର ୭ଦିନ ପୂର୍ବରୁ ବିଶ୍ୱବିଦ୍ୟାଳୟର ବାର୍ଷିକ ଅଡିଟ୍ ସମୟରେ ଟଙ୍କା ଜମାରେ ହେରଫେର ହୋଇଥିବା ଜଣାପଡ଼ିଥିଲା। ଏହାପରେ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ପଚରାଉଚୁରା କରିବାରୁ ପାୟଲ ଟଙ୍କା ନେଇଥିବା ମାନିଥିଲେ। ଏନେଇ ବିଶ୍ୱବିଦ୍ୟାଳୟର ଜେନେରାଲ ମ୍ୟାନେଜର (ଆକାଉଣ୍ଟସ୍) ଫିରୋଦ କୁମାର ଶତପଥୀଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଗତ ୨୯ତାରିଖରେ ପାୟଲଙ୍କୁ ତାଙ୍କ ଅଫିସରୁ ଗିରଫ କରିଥିଲା। ପୋଲିସ ପଚରାଉଚୁରାବେଳେ ସେ ବର୍ଷକ ଭିତରେ ଫି' ବାବଦରେ ଆଦାୟ ହୋଇଥିବା ୯୭ଲକ୍ଷ ଟଙ୍କାକୁ ବିଶ୍ୱବିଦ୍ୟାଳୟ ଆକାଉଣ୍ଟରେ ଡିପୋଜିଟ ନ କରି ବିକାଶଙ୍କ ପାଖକୁ ପଠାଇଥିବା କହିଥିବା ଜଣାପଡ଼ିଛି।

୪୦ ଲକ୍ଷ ଚାଷୀଙ୍କୁ...

ରଖାଯାଇଛି। ଏହି ଅବସରରେ କୃଷି ବିକାଶ ପାଇଁ ୮ଟି ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ପଣସ ମିଶନ ଓ ରିୱାର୍ଡ (ରେଜୁଭିନେଟିଂ ୱାଟରସେଡ୍ ଫର୍ ଏଗ୍ରିକଲ୍‌ଚରାଲ ରେଜିଲେନ୍ସ ଥ୍ରୁ ଇନୋଭେଟିଭ ଡେଭଲପମେଣ୍ଟ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହାସହ ମିଲେଟ୍ ମିଶନ ଓ ସମନ୍ୱିତ କୃଷି ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରସାର ମଧ୍ୟ କରାଯାଉଛି। ପଣସ ମିଶନରେ ୯ ଜିଲାର ଚାଷୀଙ୍କ ପାଇଁ ୯୭ କୋଟି ଟଙ୍କାର ପ୍ରୋତ୍ସାହନ ରଖାଯାଇଥିବା ବେଳେ ରିୱାର୍ଡ ଯୋଜନାରେ ବୈଜ୍ଞାନିକ ପ୍ରଣାଳୀରେ ଜଳ ବିଭାଜିକା କାର୍ଯ୍ୟକ୍ରମ ଜରିଆରେ ଚାଷ ଜମିର ଉତ୍ପାଦକତା ବୃଦ୍ଧି ପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ଓଡ଼ିଶା ମିଲେଟ୍ ମିଶନରେ ୧୯ ଜିଲାର ୧୮୨ଟି ବ୍ଲକର ଚାଷୀଙ୍କ ପାଇଁ ୨୮୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୮ଟି ଜିଲାର ୧.୮ ଲକ୍ଷ କୃଷକ ପରିବାରକୁ ସାମିଲ କରିବା ପାଇଁ ୨୩୯ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ଏହି ୪ଟି ଯୋଜନା ପାଇଁ ୩୬୪୪ କୋଟି ଟଙ୍କା ଖର୍ଚ୍ଚ ହେବ।

ଏହି ଅବସରରେ ଚାଷୀଙ୍କ ପାଇଁ ନୂଆ 'କୃଷକ ଓଡ଼ିଶା' ପୋର୍ଟାଲ ଲୋକାର୍ପିତ କରାଯାଇଛି। ଏଥିରେ ଚାଷୀମାନେ ସାମିଲହୋଇ ସେମାନଙ୍କ ତଥ୍ୟ ଅପ୍‌ଡେଟ୍ କଲେ ଆବଶ୍ୟକ ସେବା ଓ ପରାମର୍ଶ ପାଇପାରିବେ। ଏହାସହ କୃଷକ ଓ କୃଷି ଉଦ୍ୟୋଗୀଙ୍କ ପାଇଁ 'ଗୋ-ସୁଗମ' ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହା କୃଷକଙ୍କ ପାଇଁ ଦେଶର ପ୍ରଥମ ସିଙ୍ଗଲ ୱିଣ୍ଡୋ ପ୍ଲାଟ୍‌ଫର୍ମ। ଏହାସହ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ବାସ୍ତବମୁଖୀ ନୀତି ନିର୍ଦ୍ଧାରଣ ପାଇଁ ଆନ୍ତର୍ଜାତିକ ଖାଦ୍ୟନୀତି ଗବେଷଣା ପ୍ରତିଷ୍ଠାନ ଓ ରାଜ୍ୟ କୃଷି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। କୃଷକଙ୍କ ସଶକ୍ତୀକରଣ ପାଇଁ କୃଷକ ଉତ୍ପାଦକ ସଙ୍ଗଠନର ଏକ ମାର୍ଗଦର୍ଶିକା ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି।

ଏହି ଅବସରରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦୃଢ଼ ନେତୃତ୍ୱ ପାଇଁ ଓଡ଼ିଶା ଆଜି କୃଷି କ୍ଷେତ୍ରରେ ଅଗ୍ରଣୀ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ କାଳିଆ ଯୋଜନା ଯୋଗୁ ସେମାନଙ୍କ ଚାଷକାମରେ କିପରି ଉନ୍ନତି ଆସିଛି ସେନେଇ ନିଜର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ। କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଜିଲାରେ ଜିଲାପାଳ ଓ ଚାଷୀ ମାନେ ଉପସ୍ଥିତ ଥିଲେ।

ଝରିଗାଁ ବିଧାୟକଙ୍କ ନାମରେ...

ତାଙ୍କୁ ହତ୍ୟା ଧମକ ଦେଇଛନ୍ତି। କିନ୍ତୁ ପୋଲିସ ବିଧାୟକଙ୍କ ନାମରେ ମାମଲା ରୁଜୁ କରୁ ନ ଥିବା ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଅଭିଯୋଗ କରିଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନଷ୍ଠାନ ଗ୍ରହଣ ସହ ବିଧାୟକ ପଦ ରଦ୍ଦ କରିବାକୁ କଂଗ୍ରେସ ଦାବି କରିଛି।

ସେହିଭଳି ନବରଙ୍ଗପୁର ଚାମୁରିଆଗୁଡ଼ାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ମଧ୍ୟ ଦଳୀୟ ନେତାମାନେ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ପୋଲିସ କାହା ଇଙ୍ଗିତରେ ବିଧାୟକ ମାଝିଙ୍କୁ ସୁରକ୍ଷା ଦେଉଛି ବୋଲି ଭାଜପା ପ୍ରଶ୍ନ କରିଛି। ଭାଜପା ମଧ୍ୟ ପ୍ରକାଶ ମାଝିଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦାବି କରିଛି।

କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ଦିଲୀପ ବେହେରା, ସମ୍ପାଦକ ପରି ସାହୁ ଉପସ୍ଥିତ ଥିଲେ। ଭାଜପାର ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଘଟଣା ସମ୍ପର୍କରେ ଜାଣିବାକୁ ବିଧାୟକଙ୍କୁ ଫୋନ୍ ଲଗାଇବାରୁ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା। ତେଣୁ ଘଟଣା ସମ୍ପର୍କରେ ତାଙ୍କ ମତାମତ ମିଳିପାରିନାହିଁ।

AFFIDAVIT

By virtue of an affidavit sworn before the Notary Public, Sambalpur, I Swapna Rani Barik, W/o. Ishak Nayak, R/o. Christianpada, Ashapali, PO/ Dist.- Sambalpur, Odisha declare that before marriage I was known as Swapna Rani Barik, but after marriage I am known as Swapna Rani Nayak. That both the names relates to one and the same person. Henceforth, I shall be known as Swapna Rani Nayak for all purposes. D-334

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି ଆପଣଙ୍କର ଉନ୍ନତଚିନ୍ତା ଓ ନୂତନ ଯୋଜନା ଫଳପ୍ରଦ ହେବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହି ପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣକରି ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି। ପରିବହନ ତଥା ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ।

ବୃଷ

ଦୃଢ଼ ମନୋବଳ ନେଇ କାର୍ଯ୍ୟ ସାଧନ କରିବେ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସଭାସମିତି, କଳା, କ୍ରୀଡ଼ା, ସାହିତ୍ୟ, ସଂଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜିବେ। ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

ମିଥୁନ

ମଙ୍ଗଳଙ୍କ ପ୍ରଭାବରେ ଭ୍ରାତୃସମ୍ପର୍କରେ ଅବନ୍ନତି ଘଟିବା ସୂଚନା ରହିଛି। ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ କାମ ସକାଶେ ସାହାଯ୍ୟ ପାଇବେ । ଆଜି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

କର୍କଟ

ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହ ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

ସିଂହ

ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ଅଫିସ୍ କାମରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ଦେଇ ସମାଲୋଚିତ ହୋଇପାରନ୍ତି। ଆଜି ସନ୍ଧ୍ୟାରେ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

କନ୍ୟା

ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ପ୍ରତିବନ୍ଧକ ଜନିତ କାମଗୁଡିକ ଠିକ୍ ସମୟରେ ନ ହୋଇପାରେ। ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିପାରନ୍ତି। ଆକସ୍ମିକ ସମସ୍ୟା ଓ ପ୍ରତିବନ୍ଧକ ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

ତୁଳା

ସପ୍ତମସ୍ଥ ପ୍ରଭାବଶାଳୀ ଗ୍ରହ ହେତୁ ଆପଣ ପ୍ରତିଦ୍ୱନ୍ଦ୍ୱିତା କଲେ ଅପଦସ୍ଥ ହେବେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହା କି ଅନର୍ଥର କାରଣ ହୋଇପାରେ। ବନ୍ଧୁଙ୍କ ମୁହଁ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରି ନ ପାରି ଅନୁତାପ କରିପାରନ୍ତି।

ବିଛା

ବୈଷୟିକ ଅଭିବୃଦ୍ଧି ସାମୟିକ ସୁଖ ପ୍ରଦାନ କଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। ସମୟ ସ୍ରୋତରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସହ ବୈରତା ସୃଷ୍ଟି ହୋଇପାରେ। ବହୁତ ଯୁକ୍ତି ତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି।

ଧନୁ

ସହନଶୀଳତା, ପରୋପକାର କାରଣରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହାତ୍ମକ ବ୍ୟବହାର ମନରେ ଭାବାନ୍ତର ସୃଷ୍ଟି କରିବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ସାମାନ୍ୟ ବିଳମ୍ବ ଘଟିବ । ମାନସିକ ଚାପଗ୍ରସ୍ତ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ମକର

ପ୍ରତିରୋଧ ଓ ପ୍ରତିବନ୍ଧକ କାରଣରୁ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ଧନିଷ୍ଠା ନକ୍ଷତ୍ର ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିପାରନ୍ତି।

କୁମ୍ଭ

ସାମାଜିକ ସ୍ତରରେ ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍

କଂଗ୍ରେସ ଛାଡ଼ି ଭାଜପାରେ ଅଶ୍ୱିନ କୋଟୱାଲ

ଅହମଦାବାଦ: ଗୁଜରାଟ ବିଧାନସଭା ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ୩ ଥରର କଂଗ୍ରେସ ବିଧାୟକ ଅଶ୍ୱିନ କୋଟୱାଲଙ୍କ ଇସ୍ତଫା ଦଳକୁ ଶକ୍ତ ଝଟ୍‌କା ହୋଇଛି। ଉତ୍ତର ଗୁଜରାଟର ଖେଦବ୍ରହ୍ମା ଆସନରୁ ବିଧାୟକ ଥିବା ଅଶ୍ୱିନ ଦଳୀୟ ନେତୃତ୍ୱକୁ ନେଇ ଅସନ୍ତୁଷ୍ଟ ଥିଲେ। ତାଙ୍କୁ ଦଳରେ ଅଣଦେଖା କରାଯାଉଥିବା ସେ ଅଭିଯୋଗ କରିଆସୁଥିଲେ। ସେ ଦଳରୁ ଇସ୍ତଫା ଦେବା ସହ ବିଧାୟକ ପଦ ମଧ୍ୟ ଛାଡ଼ିଛନ୍ତି। ବାଚସ୍ପତଙ୍କୁ ଭେଟି ସେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହାର କିଛି ସମୟ ପରେ ଅଶ୍ୱିନ ତାଙ୍କ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି।

ଡାକରା ଆସିଲା

୯ରେ ଦିଲ୍ଲୀ ଯିବେ କଂଗ୍ରେସ ବିଧାୟକ

ଭୁବନେଶ୍ୱର,୩।୫(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି)କୁ ନୂଆ ସଭାପତି ମିଳିପାରନ୍ତି। ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର ନିକଟରେ ଓଡ଼ିଶା ଗସ୍ତରେ ଆସି ଦଳର ସବୁ ବିଧାୟକଙ୍କ ସହ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିବା ସହିତ ଦଳର ଅନ୍ୟ ନେତାଙ୍କୁ ମଧ୍ୟ ଭେଟି ସମସ୍ତଙ୍କ ମତାମତ ଲୋଡ଼ିଥିଲେ। ଏହାପରେ ଦଳ ବାହାରର କେତେଜଣ ବରିଷ୍ଠ ନେତାଙ୍କ ସହ ମଧ୍ୟ ଚେଲ୍ଲାକୁମାର ଆଲୋଚନା କରିଥିବା ଜଣାପଡ଼ିଥିଲା। ତେବେ ରାଜ୍ୟରେ କଂଗ୍ରେସର ସ୍ଥିତି ସଜାଡ଼ିବା ଲାଗି କଂଗ୍ରେସ କ'ଣ କରିବା ଦରକାର ବୋଲି ସେ ନେତାଙ୍କ ମତାମତ ନେବା ସହ କାହାକୁ ପିସିସି ସଭାପତି ପଦରେ ବସାଇଲେ ଭଲ ହେବ ସେକଥା ମଧ୍ୟ ପଚାରି ବୁଝିଥିଲେ। ତେବେ ଦଳର ସବୁ ବିଧାୟକ ପିସିସି ସଭାପତି ପରିବର୍ତ୍ତନ ଦାବି ଜୋର୍‌ଦାର ଭାବେ କରିଥିବା ବେଳେ ଏଥର ଜଣେ ବିଧାୟକଙ୍କୁ ଏହି ଦାୟିତ୍ୱ ଦେବାକୁ ଦାବି କରିଥିଲେ। ଏଭଳି ସ୍ଥିତିରେ ଆସନ୍ତା ୯ ତାରିଖରେ ଦଳର ସବୁ ବିଧାୟକ ଦିଲ୍ଲୀ ଗସ୍ତ କରିବେ। ରାହୁଲ ଗାନ୍ଧୀ ବିଧାୟକମାନଙ୍କୁ ଭେଟିବେ ବୋଲି ଦିଲ୍ଲୀରୁ ସବୁ ବିଧାୟକଙ୍କୁ ଫୋନ୍ ଆସିଥିବା ଜଣାପଡ଼ିଛି। ତେବେ ବିଧାୟକମାନଙ୍କ ମଧ୍ୟରୁ କାହାରିକୁ ପିସିସି ସଭାପତି କରିବା ଲାଗି ଦିଲ୍ଲୀରୁ ଡାକରା ଆସିଛି ଏବଂ ସେନେଇ ଆଲୋଚନା ହେବ ନା ସେମାନଙ୍କୁ ବୁଝାଇ ଜଣେ ଅଣବିଧାୟକଙ୍କୁ ଦାୟିତ୍ୱ ମିଳିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହି ଦୁଇଟି ମଧ୍ୟରୁ ଗୋଟିଏ କାରଣ ହୋଇଥାଇପାରେ ବୋଲି ବିଧାୟକମାନେ ଅନୁମାନ କରୁଛନ୍ତି। ତେବେ ସଭାପତି ଦୌଡ଼ରେ ଥିବା କେତେଜଣ ବିଧାୟକ କିନ୍ତୁ ଦିଲ୍ଲୀରୁ ଡାକରା ପାଇବା ପରେ ସାମାନ୍ୟ ଉତ୍ସାହିତ ଥିବା ଭଳି ମନେହେଉଛି।

- ନରସିଂହ କଂଗ୍ରେସ ବିଧାୟକ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି: ତାରା
- ଡାକରା ଆସିବା ପରେ ସଭାପତି ଦୌଡ଼ରେ ଥିବା ବିଧାୟକ ଉତ୍ସାହିତ
- ଦିଲ୍ଲୀ ବୈଠକ ପରେ ହୋଇପାରେ ଚୂଡ଼ାନ୍ତ ଘୋଷଣା

ମିଳିଥିବା ସୂଚନା ମୁତାବକ, ରାହୁଲ ଓଡ଼ିଶାର ଦଳର ସବୁ ବିଧାୟକଙ୍କ ସହ ପୃଥକ୍ ପୃଥକ୍ ଭାବେ ଭେଟି ଆଲୋଚନା କରିବେ। ଚେଲ୍ଲାକୁମାର ଓଡ଼ିଶା ନେତାଙ୍କୁ ଭେଟିବା ପରେ ପ୍ରସ୍ତୁତ କରିଥିବା ରିପୋର୍ଟ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ନିକଟରେ ପହଞ୍ଚାଇବା ପରେ ବିଧାୟକଙ୍କୁ ଡାକରା ଆସିଥିବା କୁହାଯାଉଛି। ବିଧାୟକମାନଙ୍କୁ ଏ ନେଇ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ମହମ୍ମଦ ମୋକିମ ସୂଚନା ଦେଇଛନ୍ତି।

ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଆସନ୍ତା ୯ ତାରିଖରେ ଦିଲ୍ଲୀରେ ପହଞ୍ଚିବାକୁ ନିର୍ଦ୍ଦେଶ ରହିଛି। ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଭେଟିବାକୁ ଦିଲ୍ଲୀରୁ ଟେଲିଫୋନ୍ ଆସିଛି। ସେଥିଲାଗି ପ୍ରଥମ ୯ ବିଧାୟକ ବସି ଆଲୋଚନା କରିବୁ। ଆମ୍ଭମାନଙ୍କ ମଧ୍ୟରୁ ଜଣଙ୍କୁ ପିସିସି ସଭାପତି କଲେ ଭଲ ହେବ। ତଥାପି ସୋନିଆ ଏବଂ ରାହୁଲ ଯାହା ନିଷ୍ପତ୍ତି ନେବେ ତାକୁ ମାନିବୁ ବୋଲି ତାରା କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ପଦରୁ ତାରାପ୍ରସାଦ ବାହିନୀପତି ଇସ୍ତଫା ଦେଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଏକଥାକୁ ତାରା ସ୍ୱୀକାର କରିଛନ୍ତି। ନରସିଂହ ମିଶ୍ର ମଧ୍ୟ କଂଗ୍ରେସ ବିଧାୟକ ଦଳ ନେତା ପଦବୀରୁ ଇସ୍ତଫା ଦେଇଥିବା ଚର୍ଚ୍ଚା ସତ୍ୟ ବୋଲି ତାରା କହିଛନ୍ତି।

ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଉପନିର୍ବାଚନ

ବ୍ରଜରାଜନଗର,୩।୫ (ଡି.ଏନ.ଏ.)

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ଏଠାକାର ଦଳୀୟ ରାଜନୀତି ସରଗରମ ହୋଇଉଠିଛି। ତିନି ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଚୟନକୁ ନେଇ ଅଙ୍କଙ୍କଷା ଆରମ୍ଭ କରିଦେଇଛନ୍ତି। ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର୍ ହେବାକୁ ଥିବାବେଳେ ଉଭୟ ଦଳ କାହାକୁ ପ୍ରାର୍ଥୀ କରିବେ ସେ ନେଇ ମୁହଁ ଖୋଲୁନାହାନ୍ତି।

ବିଜୁ ଜନତା ଦଳ ନଗର ସଭାପତି ରାଧାକାନ୍ତ ପ୍ରଧାନ କହନ୍ତି, ଦଳର ନେତୃତ୍ୱ ଠିକ୍ ସମୟରେ ନିଷ୍ପତ୍ତି ନେବେ। ନିର୍ବାଚନମଣ୍ଡଳୀର ଭୋଟରମାନେ ଚାହୁଁଥିବା ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେବ। ଦଳ ଯାହାକୁ ପ୍ରାର୍ଥୀ କରିବ ତାକୁ ଆମେ ସମସ୍ତେ ସମର୍ଥନ କରିବୁ ବୋଲି ସେ ପ୍ରକାଶ କରିଛନ୍ତି। ସେହଭଳି ଭାଜପା ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ଦଳ ପ୍ରାର୍ଥୀ କଲେ ବିଜୟ ସମ୍ଭାବନା ଅଧିକ ରହିବ ବୋଲି ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟିକା ପଣ୍ଡା କହନ୍ତି, ବ୍ରଜରାଜନଗରରେ ଅନେକ କାମ ବାକି ରହିଯାଇଛି। ଦଳୀୟ ପଦାଧିକାରୀ ଯଦି ମୋ ଉପରେ ଭରସା କରି ଟିକେଟ ଦେବ ତା'ହେଲେ ନିବାଚନ ମଣ୍ଡଳୀର ଉନ୍ନତି ସହିତ ଲୋକଙ୍କ ସମସ୍ୟା ଉପରେ ଧ୍ୟାନ ଦେଇ କାମ କରିବେ। ଅନ୍ୟପକ୍ଷରେ କଂଗ୍ରେସର ଯୁବ ସଭାପତି ଦେବେଶ ପଣ୍ଡା କହନ୍ତି, ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ଆଲୋଚନା ଚାଲିଛି। ଦୁଇଦିନ ମଧ୍ୟରେ ପ୍ରାର୍ଥୀଙ୍କ ନାମ ଘୋଷଣା ହେବା ନେଇ ସୂଚନା ମିଳିଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ୨୦୧୯ ନିର୍ବାଚନରେ ବିଜୁ ଜନତା ଦଳର ସ୍ୱର୍ଗତ କିଶୋର ମହାନ୍ତି ୮୦୧୫୨ଖଣ୍ଡ, ରାଧାରାଣୀ ପଣ୍ଡା ୬୮୫୧୮ଖଣ୍ଡ ଭୋଟ ପାଇଥିବାସ୍ଥଳେ କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀ ୯୩୫୦ଖଣ୍ଡ ଭୋଟ ପାଇଥିଲେ। ସେହିପରି ନିକଟରେ ସରିଥିବା ପୌର ନିର୍ବାଚନରେ ବ୍ରଜରାଜନଗର ପୌରାଞ୍ଚଳରୁ ବିଜୁ ଜନତା ଦଳ ମୋଟ ୨୨୦୮୫, ଭାଜପା ୧୩୧୦୩ ଓ ଅନ୍ୟ ଦଳ ମିଶି ୩୮୪୭ଖଣ୍ଡ ଭୋଟ ପାଇଥିଲେ। ଦୀର୍ଘବର୍ଷ ଧରି ଏହି ଆସନଟି ସରକାରଙ୍କ ବିରୋଧରେ ଯାଇଥିଲା। ଏହି ଧାରାରେ ପରିବର୍ତ୍ତନ ଆଣିଥିଲେ ସ୍ୱର୍ଗତ କିଶୋର ମହାନ୍ତି। ବିଗତ ଦିନରେ ଶେଷ ହୋଇଥିବା ନିର୍ବାଚନରେ ବିଜୁ ଜନତା ଦଳ ଜିତିବାରେ ସକ୍ଷମ ହୋଇଛି ସତ ହେଲେ ବିଜୟ ବ୍ୟବଧାନ ବହୁ କମ୍ ଥିବା ଜଣାପଡ଼ିଛି। ଚଳିତ ଉପନିର୍ବାଚନରେ ମୁଖ୍ୟତଃ ଭାଜପା ଓ ବିଜୁ ଜନତା ଦଳ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଅଞ୍ଚଳର ପୁରୁଖା ରାଜନେତା ମତପୋଷଣ କରିଛନ୍ତି।

'ସୁବାସଙ୍କ ବିରୋଧରେ ରୁଜୁ ମିଛ ମାମଲା ପ୍ରତ୍ୟାହାର କର'

ଭୁବନେଶ୍ୱର,୩।୫(ବ୍ୟୁରୋ)

ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇ ରୁଜୁ ମିଛ ମାମଲା ପ୍ରତ୍ୟାହାର କରାଯାଉ। ବିଧାୟକ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଥମେ ରୁଜୁ ହୋଇଥିବା ଏତଲା ଆଧାରରେ ତିଲେଇବଣି ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବୁକ୍ ସର୍କୁଲାର-୪୭ର ଠିକ୍ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଓ ବିହୀତ ପଦକ୍ଷେପ ଗ୍ରହଣ ଦାବିରେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟପାଳଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ତିଲେଇବଣି ବିଡିଓଙ୍କ ବିଶୃଙ୍ଖଳିତ ଆଚରଣ ଓ ଦୁର୍ବ୍ୟବହାର ପ୍ରଦର୍ଶନକୁ ଆଧାର କରି ବିଧାୟକ ପାଣିଗ୍ରାହୀ ପ୍ରଥମେ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସରକାରଙ୍କ ପରୋକ୍ଷ ଚାପରେ ବିଧାୟକଙ୍କ ଅଭିଯୋଗକୁ ତଦନ୍ତ କରାଗଲା ନାହିଁ। ଅନ୍ୟପକ୍ଷରେ ତା'ପରଦିନ ଏକ ଅଭାବନୀୟ ଘଟଣାକ୍ରମେ ତିଲେଇବଣି ବିଡିଓଙ୍କ ଅଭିଯୋଗକୁ ଭିତ୍ତିକରି ବିନା ତଦନ୍ତରେ ସରକାରଙ୍କ ସିଧାସଳଖ ଚାପରେ ବିଧାୟକ ପାଣିଗ୍ରାହୀଙ୍କୁ ତାଙ୍କ ଭୁବନେଶ୍ୱର ବାସଭବନରୁ ଗିରଫ କରାଯାଇଛି। ସୁପରିକଳ୍ପିତ ଏବଂ ଷଡ଼ଯନ୍ତ୍ର ରଚାଯାଇ ମିଛ ମାମଲାରେ ବିଧାୟକ ପାଣିଗ୍ରାହୀଙ୍କୁ ଗିରଫ କରାଯିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ତେଣୁ ପାଣିଗ୍ରାହୀଙ୍କ ବିରୋଧରେ ଥିବା ମିଛ ମାମଲା ପ୍ରତ୍ୟାହାର କରାଯାଇ ତାଙ୍କୁ ମୁକ୍ତ କରାଯାଉ। ଏହାସହ ବିଧାୟକଙ୍କ ଏତଲା ଆଧାରରେ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି। ଦାବିପତ୍ରରେ ପୁଣି ଉଲ୍ଲେଖ ହୋଇଛି, ବୁକ୍ ସର୍କୁଲାର ୪୭କୁ ସରକାରୀ ଅଧିକାରୀ ମାନୁନାହାନ୍ତି। ସଦାଚାର କମିଟିର ଅଧ୍ୟକ୍ଷ ତଥା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ଅକ୍ଟୋବର ୨୧ରୁ ୨୪ ମଧ୍ୟରେ ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ, ସୋନପୁର ଓ ବରଗଡ଼ ଜିଲା ଗସ୍ତ କରିଥିଲେ। ଗସ୍ତ ସମୟରେ ସଦାଚାର କମିଟିର ପ୍ରତିନିଧି ଦଳ ଅନେକ କିଛି ବ୍ୟତିକ୍ରମ ପରିଲକ୍ଷିତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ଏହାକୁ ସରକାର ଜାଣିଶୁଣି ଅଣଦେଖା କରୁଛନ୍ତି। ଏହା ପାଳନ ଲାଗି ରାଜ୍ୟପାଳ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଛି।

ରାଜ୍ୟପାଳଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ରୋହିତଙ୍କୁ ମନ୍ତ୍ରୀପଦ ମିଳିବା ନେଇ ଚର୍ଚ୍ଚା

ସମ୍ବଲପୁର,୩।୫(ବ୍ୟୁରୋ)

ପ୍ରାୟ ଏକସପ୍ତାହ ହେବ ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ନେଇ ରାଜ୍ୟ ରାଜନୀତି ଜୋର ଧରିଛି। ମନ୍ତ୍ରିମଣ୍ଡଳରୁ କିଏ ବିଦା ହେବ ଓ କାହାକୁ ସାମିଲ କରାଯିବ ସେ ନେଇ ଆଲୋଚନା ହେଉଛି। ସମ୍ବଲପୁର ଜିଲାରେ ମଧ୍ୟ ଏ ନେଇ ଆଲୋଚନା ଚାଲିଛି। ଜିଲାରେ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଓ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ରହିଛନ୍ତି। ଏମାନଙ୍କ ଭିତରୁ କାହାକୁ ମନ୍ତ୍ରୀ କରି ଦଳ ସୁପ୍ରିମୋ ଜିଲାକୁ ଭେଟି ଦେଇ ପାରନ୍ତି ବୋଲି ଆଲୋଚନା ହେଉଛି। ବିଧାୟକ ପୂଜାରୀ ରେଢ଼ାଖୋଲରୁ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଛନ୍ତି। ଆଗକୁ ମହାନଗର ନିଗମ ନିର୍ବାଚନ ରହିଛି। ତେଣୁ ଜିଲାରୁ ଜଣେ ମନ୍ତ୍ରୀ ହେଲେ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବ ବୋଲି ଦଳୀୟ ନେତା ଓ ରୋହିତଙ୍କ ସମର୍ଥକ ଆଶା କରିଛନ୍ତି। ଅନ୍ୟପଟେ ଜିଲା ପର୍ଯ୍ୟବେକ୍ଷକ ଓ ବିଧାୟକ ନିଜର ରିପୋର୍ଟ କାର୍ଡ ଦାଖଲ କରିଛନ୍ତି। ପଞ୍ଚାୟତ ନିର୍ବାଚନ ଫଳାଫଳ ମଧ୍ୟ ଏକ ମାଧ୍ୟମ ହୋଇଛି।

ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ମୋଟ ୭ ଗୋଟି ଜିଲାପରିଷଦରୁ ୬ଟିରେ ବିଜେଡି ବିଜୟୀ ହୋଇଥିବାରୁ ରୋହିତଙ୍କୁ ଫାଇଦା ମିଳିବା କୁହାଯାଉଛି। ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଓ ମାନେଶ୍ୱର ବ୍ଲକ ଅଧ୍ୟକ୍ଷା ପଦ ଭାଜପା ହାତକୁ ଚାଲି ଯାଇଥିଲା। ହେଲେ ନାକଟିଦେଉଳ, ଯୁଯୁମୁରା, ରେଢ଼ାଖୋଲ ବ୍ଲକରେ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ପଦ ବିଜେଡି ସମର୍ଥିତ ରହିଛନ୍ତି। ଅନ୍ୟପଟେ ୨୦୧୪ ନିର୍ବାଚନ ଅପେକ୍ଷା ରୋହିତଙ୍କ ବିଜୟର ଭୋଟ ବ୍ୟବଧାନ ଅଧିକ ହୋଇଛି। କୁଚିଣ୍ଡା ବିଧାୟକ କିଶୋର ନାଏକ ଦଳରେ ନବାଗତ ହୋଇଥିବାରୁ ରୋହିତଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି।

'ମହାଦ୍ରୁମରୁ କେବଳ ପତ୍ର ଝଡ଼ିଛି'

ବିଜେଡିର ମିଶ୍ରଣ ପର୍ବରେ ବିରୋଧୀଙ୍କୁ ମନ୍ତ୍ରୀଙ୍କ କଡ଼ା ଜବାବ

ଖଇରା, ୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରାଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର ଓ ଗଡପୋଖରୀ ପଞ୍ଚାୟତର ଭାଜପା ନେତା ରଞ୍ଜନ ଦଳେଇ କିଛି ଦିନର ନୀରବତା ପରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାଛଡା ଗଡପୋଖରୀ ପଞ୍ଚାୟତରେ ନବନିର୍ବାଚିତ ୱାର୍ଡସଭ୍ୟା ଗାୟତ୍ରୀ ପାତ୍ର, ସଭ୍ୟ ଜୟନ୍ତ ସେଠୀ, ମହେଶ୍ୱର ପାତ୍ର, ଟୁନା ସାହୁ, ପୂର୍ବତନ କଂଗ୍ରେସ ସଭାପତି ଗଣନାଥ ସିଂ, ସାରୁଗାଁ ପଞ୍ଚାୟତରୁ ହେମନ୍ତ ଲେଙ୍କା ପ୍ରମୁଖ ବିଜେଡିର ଉତ୍ତରୀୟ ପିନ୍ଧିବା ସଦସ୍ୟ ପଦ ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିରୋଧୀଙ୍କୁ ଭାଷଣ ଆଳରେ ଶାଣିତ ପ୍ରହାର କରିଛନ୍ତି।

ସିମୁଳିଆ ନିର୍ବାଚନମଣ୍ଡଳୀରେ ନାଗରିକମାନେ ୧୫ବର୍ଷ ଧରି ଶାନ୍ତି ପ୍ରଗତି ଭିତରେ ଜୀବନ ବିତାଉଥିଲେ। ହେଲେ ଏବେ କିଛି ବାହ୍ୟଶକ୍ତି ଗାଁ ଗାଁରେ ପଶି ଅଶାନ୍ତି ସୃଷ୍ଟି କରୁଛନ୍ତି। କିଛି ପଦବୀ ହାତରୁ ଚାଲିଯିବାକୁ ଇଙ୍ଗିତ କରି ସିମୁଳିଆରେ ବିଜେଡି ଏବେ ମହାଦ୍ରୁମ। ହୁଏତ କିଛି ପତ୍ର ଝଡିଛି। ଅନ୍ୟ ନିର୍ବାଚନମଣ୍ଡଳୀରେ ଭୋଟ ହାର୍ ଦେଖିଲେ ବିଜେଡି ଏଠାରେ ଯଥେଷ୍ଟ ଅଧିକ ଭୋଟ ପାଇଛି। ଏହି ମିଶ୍ରଣ ଆଗାମୀ ଦିନରେ ବିଜେଡିର ବିଜୟକୁ ଅଧିକ ସହଜ କରିବ ବୋଲି ପ୍ରକାଶ କରିଥିଲେ। ରାଧାକାନ୍ତ ପାତ୍ର ତାଙ୍କ ବକ୍ତବ୍ୟରେ କିଛି କୁଟକ୍ରୀଙ୍କ ପାଇଁ ବର୍ତ୍ତମାନ ମନ୍ତ୍ରୀଙ୍କ ସହ ତାଙ୍କର ମନୋମାଳିନ୍ୟ ହୋଇଥିଲା। ଏବେଠାରୁ ଦଳ ଅଧିକ ସଙ୍ଗଠିତ ହେବ ବୋଲି କହିଥିଲେ। ଅନ୍ୟତମ ଯୁବନେତା ରଞ୍ଜନ ଦଳେଇ ତାଙ୍କ ବକ୍ତବ୍ୟରେ ନବୀନ ପଟ୍ଟନାୟକ ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଛନ୍ତି। ଆଗାମୀ ନିର୍ବାଚନରେ ଭାଜପା ଗଡପୋଖରୀ ପଞ୍ଚାୟତରେ ଅସ୍ତିତ୍ୱ ହରାଇବ ବୋଲି କହିଥିଲେ। ଉକ୍ତ ସଭାରେ ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା, ଜିଲା ପରିଷଦ ସଭ୍ୟ ମାନସ ଦାଶ, ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର ,ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ ଓ ବିଧାୟକ ପ୍ରତିନିଧି କରୁଣାକର ଜେନା ପ୍ରମୁଖ ଯୋଗ ଦେଇଥିଲେ।

ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ମିଶିଥିବା ଅନ୍ୟ ଦଳର କର୍ମୀ।

ଓଡ଼ିଶା ସରକାର
ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଘୋଷଣା

File No.168 Dt.25.02.2022

No. XXIX-13: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ବଡକେରଜାଙ୍ଗ, ଥାନା-ଜରପଡା, ତହସିଲ-ବଅଁରପାଳ, ଜିଲ୍ଲା-ଅନୁଗୋଳ**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢାପଙ୍କ ତାଳଚେର ଠାରୁ ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮, ତା.୨୬.୦୨.୨୦୨୧ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-ବଡକେରଜାଙ୍ଗ, ଥାନା-ଜରପଡା, ଜିଲ୍ଲା-ଅନୁଗୋଳ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଅନୁଗୋଳ ତହସିଲ-ବଅଁରପାଳ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର । ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର । ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ । –ଶ୍ରୀମା

ଖୁସି ଗଲା କୁଆଡ଼େ

ମେ ୩ରେ ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବଳରାମପ୍ରସାଦର ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରାଯାଇଛି । ଏହାକୁ ମିଶାଇ ଗତ ତିନି ମାସ ମଧ୍ୟରେ ଓଡ଼ିଶାରେ ରାଜନୈତିକ ହିଂସାକାଣ୍ଡରୁ ୨୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ଘରୋଇ ହିଂସାଜନିତ ହତ୍ୟା ଓ ଆତ୍ମହତ୍ୟା ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ ହୋଇଥିବା ଖବର ପ୍ରକାଶ ପାଇଛି । ରିପୋର୍ଟ ହୋଇ ନ ଥିବା ହିଂସାଜନିତ ମୃତ୍ୟୁକୁ ହିସାବକଲେ ସଂଖ୍ୟା ବଢ଼ିଯିବ । ଆଇନ ଶୃଙ୍ଖଳା ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅପେକ୍ଷାକୃତ ଭଲ ସ୍ଥିତିରେ ଥିଲା । ଗାଁଗଣ୍ଡାରେ ନିର୍ବାଚନ ପରେ ଶତ୍ରୁତା ବଢ଼ିଥିବାରୁ ଗୋଷ୍ଠୀବଦ୍ଧ ଆକ୍ରମଣ ହେଉ ବା ଜିତିଥିବା ପ୍ରାର୍ଥୀଙ୍କ ଟାହିଟାପରା ସହି ନ ପାରି ପରାଜିତ ପ୍ରାର୍ଥୀ କିମ୍ୱା ତାଙ୍କ ପରିବାର ସଦସ୍ୟ କେତେକ ସ୍ଥାନରେ ଆତ୍ମହତ୍ୟା କରିଥିବା ଖବର ସମସ୍ତେ ପଢ଼ିଥିବେ । ସେହିପରି ସମ୍ପତ୍ତି ବିବାଦରୁ ସାନ ଭାଇ କ୍ରୋଧିତ ହୋଇ ବଡ଼ ଭାଇ ସମେତ ତାଙ୍କ ପରିବାରର ୫ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏଭଳି ଘଟଣାସବୁ ବର୍ଣ୍ଣନା କଲେ ତାଲିକା ଲମ୍ବି ଚାଲିବ ।

ରାଜ୍ୟରେ ଏ ଯେଉଁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ରାଜନୈତିକ ବାତାବରଣ ସହ ପୋଲିସର ନିଷ୍କ୍ରିୟତା ମୁଖ୍ୟତଃ ଦାୟୀ । କୋଭିଡ୍–୧୯ ପରେ ବହୁ ଲୋକ ରୋଜଗାର ହରାଇ ଗାଁକୁ ପଳାଇ ଆସିଛନ୍ତି । ଅନେକ ଯୁବକ ବେରୋଜଗାର ହେବା ଫଳରେ ରାଜନୀତିରେ ପ୍ରବେଶ କରିଛନ୍ତି । ଗୁଣ୍ଡାମି ହୋଇଛି ମୁଖ୍ୟ ଅସ୍ତ୍ର । ସାଧାରଣରେ ସମସ୍ତଙ୍କ ଧାରଣା ଯେ, ବାହୁବଳ ଥିବା ଲୋକ ପାଇଁ ରାଜନୀତି ସହଜ । ଏହି ଦୃଷ୍ଟିରୁ ଥୋଡ଼େ ଟୋକାଙ୍କୁ ସାଥିରେ ରଖିପାରିଲେ କାର୍ଯ୍ୟ ହାସଲ ହୋଇଥାଏ । ନେତାଙ୍କ ପଛରେ ଥିବା ଗୁଣ୍ଡା ଦଳ ହିଂସା ଘଟାଇବା ସକାଶେ ଆଗଭର ହୋଇଥାଆନ୍ତି । ତେବେ ସାମାନ୍ୟ ଘଟଣାକୁ ନେଇ ଯେତେବେଳେ କିଛି ଗଣ୍ଡଗୋଳ ହେଉଛି ସେତେବେଳେ ଅପ୍ରୀତିକର ସ୍ଥିତି ଉପୁଜୁଛି । ଅନେକ ସ୍ଥାନରେ ଦେଖାଦେଇଛି ଯେଉଁଠାରେ ପ୍ରବଳମାତ୍ରାରେ ହିଂସା ଘଟିଛି ସେଠାରେ ପୋଲିସର ଉପସ୍ଥିତି ନ ଥାଏ । କାରଣ ପୋଲିସ ସବୁବେଳେ ଧନ ପଛରେ ପଡ଼ିଥାଏ । ସଦ୍ୟ ଉଦାହରଣ ଦେଖିଲେ କୋରାପୁଟ ଜିଲା ଲମଟାପୁଟ ବ୍ଲକର କୁମାରଗନ୍ଧଣାସ୍ଥିତ ଏକ ଚୂନମାଟି ଖଣି ଖନନକୁ ଗ୍ରାମବାସୀ ବିରୋଧ କରୁଥିବା ବିଷୟ ସାମ୍ନାକୁ ଆସୁଛି । ସେଭଳି ସ୍ଥଳେ ପୋଲିସ ବାହିନୀ ଖଣିଖନନ କମ୍ପାନୀକୁ ସାହାଯ୍ୟ କରିବାକୁ ଯାଇ ସ୍ଥାନୀୟ ବାସିନ୍ଦାଙ୍କୁ ବୁଝାଶୁଝା କରିବା ପାଇଁ ଚେଷ୍ଟା କରୁଥିଲା । ପୋଲିସ ଉପରେ ପଡ଼ିଲା ମାତ୍ର । ଉପରଲିଖିତ ଘଟଣାକୁ ଦେଖିଲେ ସାଧାରଣ ପୋଲିସର ଚରିତ୍ର ବୁଝାପଡ଼ିଯାଉଛି । ଏହି ସ୍ତମ୍ଭରେ ଆମେ ବାରମ୍ବାର କହିଛୁ ଯେ ଏଠାରେ ପୋଲିସ ଲୋକଙ୍କ ଆସ୍ଥାଭାଜନ ହୋଇପାରୁ ନାହିଁ । ନାଗରିକଙ୍କୁ ଦମନ କରିବାର ଯେଉଁ ଔପନିବେଶିକ ଚିନ୍ତାଧାରା ରହିଆସିଛି, ତାହାଠାରୁ ଖାକି ପୋଷାକଧାରୀ ଦୂରେଇ ଯାଇପାରୁ ନାହିଁ । ଏହା ପଛରେ ସରକାରୀ ମନୋଭାବର ପ୍ରଭାବ ରହିଛି ।

ଗତ କିଛି ଦଶନ୍ଧି ଧରି ଭାରତରେ କେବଳ ଜିଡିପି ବା ମୋଟ ଘରୋଇ ଉତ୍ପାଦ ଉପରେ ଗୁରୁତ୍ୱ ଦିଆଯାଇ ଆସୁଥିବାରୁ ସମାଜରେ ମଣିଷପଣିଆ ହ୍ରାସ ପାଉଛି । ସାଧାରଣ ମଣିଷ ପାଇଁ ସୁଖଶାନ୍ତିର ଜୀବନ ସବୁଠାରୁ ଅଧିକ ଗୁରୁତ୍ୱ ରଖେ । ପୂର୍ବରୁ ପରିବାର ପ୍ରତି ଶ୍ରଦ୍ଧା ଓ ସମ୍ମାନ ଥିଲା । ଏବେ ମା'ବାପାଙ୍କୁ ହାଣିଦେବା ସହିତ ସ୍ତ୍ରୀ ଓ ଛୁଆଙ୍କୁ ମଧ୍ୟ ହତ୍ୟା କରିବା ଏକ ଦୈନନ୍ଦିନ ଖବରରେ ପରିଣତ ହୋଇଗଲାଣି । ମଣିଷର ସୁଖ ପ୍ରତି ଧ୍ୟାନ ଦିଆ ନ ଗଲେ ଅସହିଷ୍ଣୁତା ବୃଦ୍ଧି ପାଇବା ସ୍ୱାଭାବିକ । ସବୁବେଳେ ବସ୍ତୁବାଦୀ ଚିନ୍ତାଧାରାରେ ବଞ୍ଚି ରହିଥିବା ସମାଜ ବିଭିନ୍ନ ବିକୃତିର ସମ୍ମୁଖୀନ ହେବ । ଏବେ ଭାରତ ବିଶେଷକରି ଓଡ଼ିଶାରେ ଆମେ ଏସବୁ ଦେଖୁଛେ ।

ତୈଳ ନୀତିକୁ ସରକାରଙ୍କ ନାତ

ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଏପ୍ରିଲ ୨୮ରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ ପୁଣିଥରେ ଆଶଙ୍କା କରାଯାଉଥିବା କୋଭିଡ୍ ଲହର ଉପରେ ହେବାର ଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ସେହି ବୈଠକକୁ ମହଙ୍ଗାକୁ ନେଇ ତାଙ୍କର ଚିନ୍ତା ଜାହିର କରିବାର ମାଧ୍ୟମ ବୋଲି ବିଚାରିଲେ । ବିଦ୍ରୂପ କଲା ଭଳି ଢଙ୍ଗରେ କହିଲେ ଯେ, କିଛି ରାଜ୍ୟ ପେଟ୍ରୋଲ ଡିଜେଲ ଉପରେ ମୂଲ୍ୟଯୁକ୍ତ ଟିକସ ବା ଭାଟ୍ ଦର ନ ଖସାଇ ସେହି ରାଜ୍ୟର ଲୋକଙ୍କ ସହ ପଡ଼ୋଶୀ ରାଜ୍ୟ ଉପରେ ଅନ୍ୟାୟ କରୁଛନ୍ତି । ସେ କହିଲେ ଯେ, ଭାଟ୍ ନ କମାଇ କିଛି ରାଜ୍ୟ ହଜାର ହଜାର କୋଟି ଟଙ୍କାର ଅତିରିକ୍ତ କର ଆଦାୟ କରିଛନ୍ତି । ପ୍ରଧାନମନ୍ତ୍ରୀ ଭାବରେ ଅନ୍ୟମାନଙ୍କୁ ଉପଦେଶ ଦେଲାବେଳେ ତାଙ୍କ ସରକାର କ'ଣ କରୁଛି ତାହା ମଧ୍ୟ ଜଣାଇବାର ଉତ୍ତରଦାୟିତ୍ୱ ତାଙ୍କର ରହିଛି । କୋଭିଡ୍‌କୁ ନେଇ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଅଣ–ଭାଜପା ଶାସିତ ରାଜ୍ୟ ଗୁଡ଼ିକରେ ଭାଟ୍ ଦରକୁ ନେଇ ଦେଖାଇଥିବା ଚିନ୍ତା କିନ୍ତୁ ଉତ୍ତରଦାୟିତ୍ୱର ସେହି ମାପଦଣ୍ଡରେ ଆଦୌ ଉତୁରୁ ନାହିଁ । ଏହି ଆଲେଖ୍ୟରେ ଆମେ ରାଜ୍ୟଗୁଡ଼ିକର ଭାଟ୍ ଦର ବିଷୟରେ ଆଲୋଚନା କରିବା ନାହିଁ । କେବଳ କେନ୍ଦ୍ର ସରକାର କେମିତି ପେଟ୍ରୋଲ ଡିଜେଲ ଦରକୁ ନେଇ ଲୋକଙ୍କୁ ଭ୍ରମିତ କରୁଛନ୍ତି ଓ ଠକୁଛନ୍ତି ତାହାର କିଛି ସଦ୍ୟ ଉଦାହରଣ ହିଁ ରଖିବା ।

କେନ୍ଦ୍ର ସରକାର ବାରମ୍ବାର କହିଆସୁଛନ୍ତି ଯେ, ପେଟ୍ରୋଲ ଡିଜେଲ ଦର ସ୍ଥିର କରିବାରେ କେନ୍ଦ୍ର ସରକାରଙ୍କ କୌଣସି ଭୂମିକା ନାହିଁ । 'ପେଟ୍ରୋଲ ଡିଜେଲର ଦରରେ ସରକାରଙ୍କ ନିୟନ୍ତ୍ରଣ ନ ଥିବା ନୀତି ଏବେ ବି ପ୍ରଚଳିତ ଅଛି କି' ବୋଲି ୧୪।୦୩।୨୦୨୨ରେ ରାଜ୍ୟ ସଭାରେ ପଚରାଯାଇଥିବା ଏକ ତାରକା ପ୍ରଶ୍ନର ଉତ୍ତରରେ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀ ସେହି ଆଳାପକୁ ଦୋହରାଇ କହିଲେ ଯେ, ୨୬।୧୦।୨୦୧୦ରୁ ପେଟ୍ରୋଲ ଓ ୧୯।୧୦।୨୦୧୪ରୁ ଡିଜେଲ ଦର ବଜାରରେ ତୈଳ ଦର ଅନୁସାରେ ନିର୍ଦ୍ଧାରଣ ହେଉଛି । ସେବେଠାରୁ ସରକାର ଦରକୁ ନିୟନ୍ତ୍ରଣ କରୁ ନାହାନ୍ତି, ତୈଳ କମ୍ପାନୀଗୁଡ଼ିକ ନିଷ୍ପତ୍ତି ନେଉଛନ୍ତି । ମଜାର କଥା ଯେ ସେହି ସମାନ ପ୍ରଶ୍ନରେ ପଚରାଯାଇଥିବା ଆଉ ଏକ ପ୍ରଶ୍ନ 'ଏଇ ନିକଟରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବହୁତ ବଢ଼ିଥିଲେ ବି ଦେଶରେ କାହିଁକି ପେଟ୍ରୋଲ ଡିଜେଲ ଦର ଅପରିବର୍ତ୍ତିତ ରହିଛି'ର କିଛି ଉତ୍ତର ମନ୍ତ୍ରୀ ରଖି ନ ଥିଲେ । ଶାସକ ଦଳର ବରିଷ୍ଠ ସଦସ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବ୍ରମନ୍ୟମ ସ୍ୱାମୀ ମଧ୍ୟ ୦୪।୦୪।୨୦୨୨ରେ ସେହିଭଳି ଏକ ପ୍ରଶ୍ନ ରାଜ୍ୟ ସଭାରେ ପଚାରି ଥିଲେ । ସରକାର ସେହି ସମାନ ଉତ୍ତର ରଖିଥିଲେ ଯେ ପେଟ୍ରୋଲ ଡିଜେଲ ଦର କମ୍ପାନୀଗୁଡ଼ିକ ହିଁ ସ୍ଥିର କରୁଛନ୍ତି, ସେଥିରେ ସରକାରଙ୍କ କିଛି କରିବାର ନାହିଁ । ଏହା ତାହା ମିଛ ।



କ୍ରମାଗତ ପେଟ୍ରୋଲ ଡିଜେଲ ଦର ବୃଦ୍ଧିକୁ ନେଇ ସାଧାରଣରେ ଆକ୍ରୋଶ ବଢ଼ିବାରୁ କେନ୍ଦ୍ର ସରକାର ୦୪।୧୧।୨୦୨୧ରେ ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଶୁଳ୍କକୁ ହ୍ରାସ କରିଥିଲେ । ତାହା ପୂର୍ବରୁ ପ୍ରାୟ ପ୍ରତ୍ୟେକ ଦିନ ପେଟ୍ରୋଲ ଡିଜେଲ ଦରରେ କିଛିକିଛି ପରିବର୍ତ୍ତନ ହେଉଥିଲା । ମଜାର କଥା ଯେ ସେହି ଦିନଠାରୁ ୧୯।୦୩।୨୦୨୨ ଯାଏ, ୧୩୫ ଦିନ ଧରି ଦେଶରେ ପେଟ୍ରୋଲ ଡିଜେଲ ଦରରେ କିଛି ପରିବର୍ତ୍ତନ ହେଲା ନାହିଁ । ସରକାର ରାଜ୍ୟ ସଭାରେ ଦେଇଥିବା ଉତ୍ତର ଯଦି ଠିକ ଥିଲା ତା'ହେଲେ ଧରି ନେବା ଯେ ଅନ୍ତର୍ଜାତୀୟ ବଜାରରେ ସେହି ସାଢ଼େ ଚାରି ମାସ ପ୍ରାକୃତିକ ତୈଳର ଦର ସ୍ଥିର କରିବାର ଭାବନା ବ୍ୟତିରେକ ଦାନ ଦ୍ୱାରା ନିଜର କୌଣସି ଗୋପନ ଅଭିଳାଷ ଚରିତାର୍ଥ କରିବାର ଭାବନା ରଖିବା ଉଚିତ ନୁହଁ କିମ୍ୱା ଆତ୍ମଶ୍ଳାଘା ଆଣିବା ଉଚିତ ନୁହଁ । ନଚେତ ପୁଣ୍ୟ ବଦଳରେ ବିପରୀତ ଫଳ ଭୋଗିବାକୁ ପଡ଼ିପାରେ ବୋଲି ମନରେ ଭୟ ଭାବ ସହ ଦାନ ଦେବା ଉଚିତ । ପୁଣି, ଯାହାକୁ ଦାନ ଦିଆଯିବ ତା'ର ଆବଶ୍ୟକତା ବିଷୟରେ ସମ୍ୟକ୍ ଧାରଣା ଆଣି ସମ୍ବେଦନଶୀଳ ଭାବରେ ଦାନ ଦିଆଯିବା ଉଚିତ । ଦାନ ଗ୍ରହଣ କରୁଥିବା ଲୋକର ହାତ ନିଜ ହାତଠାରୁ ତଳେ ନ ରହୁ ବୋଲି କର୍ଣ୍ଣ କାଳେ ଦାନ ପଦାର୍ଥକୁ ଦୁଇ ପାପୁଲିରେ ତୋଳି ଧରୁଥିଲେ ଏବଂ ଗ୍ରହୀତା ମନରେ କିଛି ଲଜ୍ଜା ବୋଧ ନ ଆସୁ ବୋଲି କର୍ଣ୍ଣ ନିଜ ମୁହଁ ତଳକୁ କରି ରଖୁଥିଲେ ।

ଏତକ କହିସାରି ବନ୍ଧୁଙ୍କୁ ପଚାରିଲି, 'ଏଥର କୁହ, ତମେ କେତେଜଣ ଦାନୀଙ୍କୁ ଜାଣିଛ ?' ସେ କହିଲେ, ହିଁ ଥିଲା । ତେଣୁ ଇଣ୍ଡିଆନ ଅଏଲ କର୍ପୋରେଶନ ଭଳି କମ୍ପାନୀ ଦେଶରେ ଦର ଏପାଖସେପାଖ କରି ନ ଥିଲେ । କିନ୍ତୁ ସ୍ଥିତି କ'ଣ ସେୟା ଥିଲା ? ଯେଉଁ ଦିନ ଭାରତ ସରକାର ଉତ୍ପାଦ ଶୁଳ୍କ କମାଇଲେ, ସେହିଦିନ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ବା ଅଶୋଧିତ ପ୍ରାକୃତିକ ତୈଳର ଦର ବ୍ୟାରେଲ ପ୍ରତି ୮୨.୪୩ ଡଲାର ଥିଲା । ସେହି ଦିନଠାରୁ ପରବର୍ତ୍ତୀ ପରିବର୍ତ୍ତନ ହେବା ଦିନ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୬୯ ଡଲାରରେ ବି ପହଞ୍ଚିଥିଲା ଆଉ ୧୩୪ ଡଲାରର ଶିଖରକୁ ବି ଛୁଇଁଥିଲା କିନ୍ତୁ ଭାରତରେ ଦର ଏପଟସେପଟ ହୋଇ ନ ଥିଲା । ଏଥିରୁ କେନ୍ଦ୍ର ସରକାରଙ୍କ ପ୍ରବଞ୍ଚନାର ଅନ୍ତତଃ ଦୁଇଟି ସ୍ପଷ୍ଟ ଉଦାହରଣ ମିଳୁଛି । ଏହି ୧୩୫ ଦିନର ଶେଷ ଅଳ୍ପ କିଛି ସପ୍ତାହରେ ରୁଷିଆ–ୟୁକ୍ରେନ ଯୁଦ୍ଧ କାରଣରୁ ତୈଳ ଦର ଅନେକ ବଢ଼ିଲା କିନ୍ତୁ ଉତ୍ତରପ୍ରଦେଶ, ପଞ୍ଜାବ ଆଦି ରାଜ୍ୟରେ ଭୋଟ ଜିତିବା ପାଇଁ ନୀତିକୁ ଜଳାଞ୍ଜଳି ଦେଇ ତୈଳ କମ୍ପାନଗୁଡ଼ିକର ଅନେକ କ୍ଷତି କରାଇଲେ । କିନ୍ତୁ ଏହି ୧୩୫ ଦିନର ବାକି ସମସ୍ତ ଦିନଗୁଡ଼ିକରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର କମ ଥିଲେ ମଧ୍ୟ ଦେଶରେ ତୈଳ ଦର ଖସୁ ନ ଥିଲା । ସରକାର ଓ ତୈଳ କମ୍ପାନୀଗୁଡ଼ିକ ଲୋକଙ୍କୁ ଭକୁଆ ବନାଇ ଲାଭ ସାଉଁଟି ଚାଲିଥିଲେ ।

ନଭେମ୍ବର ୪ରେ ଉତ୍ପାଦ ଶୁଳ୍କ କମାଇବା ଦିନଠାରୁ ଅନ୍ତତଃ ତିନି ମାସ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଦର ୮୨.୪୩ ଡଲାରରୁ ଖସି ୦୧।୧୨।୨୦୨୧ରେ ୬୯ ଡଲାରରେ ପହଞ୍ଚିଥିଲା । ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିବା ଦିନ ଅନ୍ତର୍ଜାତୀୟ ଦର ଯାହାଥିଲା, ଡିସେମ୍ବର ୧ ତାରିଖ ବେଳକୁ ତାହା ୧୫.୬% କମ ଥିଲା । ଉତ୍ପାଦ ଶୁଳ୍କ ଛାଡ଼ କରାଯିବା ଦିନଠାରୁ ପରବର୍ତ୍ତୀ ତିନି ମାସ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ହାରାହାରି ତୈଳ ଦର ୮୦ ଡଲାର ହିଁ ଥିଲା ; ଯାହା ଉତ୍ପାଦ ଶୁଳ୍କ ହ୍ରାସ କରାହେବା ଦିନର ଦରଠାରୁ ଅନ୍ତତଃ ୨.୪ ଡଲାର ବା ପ୍ରାୟ ୩% କମ୍ ଥିଲା । ତୈଳ ଦର ନିୟନ୍ତ୍ରଣମୁକ୍ତ ଥାଇ ଅନ୍ତର୍ଜାତୀୟ ଦର ଅନୁସାରେ କମ୍ପାନୀମାନେ ପ୍ରତିଦିନ ତୈଳ ଦର ସ୍ଥିର କରିବାର ନୀତି ରହିଥିବା ସତ୍ତ୍ୱେ ଅନ୍ତର୍ଜାତୀୟ ଦର କମୁଥିବା ବେଳେ ମଧ୍ୟ କମ୍ପାନୀଗୁଡ଼ିକ କାହିଁକି ଦର ଖସାଉ ନ ଥିଲେ ? ଏବେ ଆସିବା ସେହି ମାୟାପୂର୍ଣ୍ଣ ୧୩୫ ଦିନର ଶେଷ କିଛି ଦିନକୁ । ରୁଷର ମତି ଦେଖି ଅନ୍ତର୍ଜାତୀୟ ବଜାରରେ ତୈଳ ଦର ଫେବୃୟାରୀ ୧୨ରେ ୧୦୦ ଡଲାର ଡେଇଁଲା । ମାର୍ଚ୍ଚ ୬ରେ ୧୩୪ ଡଲାରରେ ବି ପହଞ୍ଚିଗଲା । କିନ୍ତୁ ଭାରତରେ ପେଟ୍ରୋଲ ଡିଜେଲ ଦର ସେହି ସମୟରେ ବଢୁ ନ ଥିଲା । ବଦଳିଲା ୨୦ ମାର୍ଚ୍ଚରେ, ଉତ୍ତରପ୍ରଦେଶ ପଞ୍ଜାବ ଆଦି ରାଜ୍ୟର ନିର୍ବାଚନ ଫଳ ଘୋଷଣା ହେବାର କିଛି ଦିନ ପରେ । ସେତେବେଳକୁ ଅନ୍ତର୍ଜାତୀୟ ବଜାରରେ ଦର ଶୀର୍ଷରୁ ଅନେକ ଖସି ସାରିଥିଲା ।

ଯଦି ଅନ୍ତର୍ଜାତୀୟ ଦରକୁ ଦେଖି ପ୍ରତିଦିନ କମ୍ପାନୀମାନେ ପେଟ୍ରୋଲ ଡିଜେଲ ଦର ସ୍ଥିର କରିବାର ନୀତି ଅଛି, ତେବେ ଏହି ସମୟ ମଧ୍ୟରେ ତାହା ଲାଗୁ ନ ହେବା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହା କହିବା ଅବଶ୍ୟ ଉପଯୋଗୀ ହେବ ଯେ ଯଦି କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ କମେଇବେ, ରାଜ୍ୟଗୁଡ଼ିକର ଭାଟ୍ ଟିକସ ମଧ୍ୟ ଆପେ ଆପେ କମିଯିବ କାରଣ ରାଜ୍ୟ ସରକାରଗୁଡ଼ିକ ଉତ୍ପାଦ ଶୁଳ୍କ ମିଶ୍ରିତ ଦର ଉପରେ ହିଁ ଭାଟ୍ ଲଗାଇଥାନ୍ତି । ରାଜ୍ୟଗୁଡ଼ିକୁ ଟ୍ୟାକ୍ସ କମାଇବା ପାଇଁ ଉପଦେଶ ଦେବା ସ୍ୱାଗତଯୋଗ୍ୟ, କିନ୍ତୁ ପ୍ରଧାନମନ୍ତ୍ରୀ ମହୋଦୟ ନିଜ ଚାଦରରେ ଲାଗିଥିବା ଗାଢ଼ ମଇଳାକୁ ଆଗ ସଫା କରିଥିଲେ ଠିକ୍ ହୋଇଥାନ୍ତା ।

ସମୟର ଖେଳ

ସମ୍ପ୍ରତି ଗୁଜବ ରୋକିବା ପାଇଁ ଇଣ୍ଟରନେଟ୍ ଉପରେ କଟକଣା ଏକ ସହଜ ଉପାୟ ପାଲଟିଛି । ଡିଜିଟାଲ ରାଇଟ୍ସ ଆଡ୍‌ଭୋକେସି ଗ୍ରୁପ୍ ଆସେସ୍ ନାଓର ଏକ ରିପୋର୍ଟ ଅନୁସାରେ ୨୦୧୬ରୁ ୨୦୨୧ ମଧ୍ୟରେ ବିଶ୍ୱର ୩୪ ଦେଶରେ ମୋଟ ୯୩୧ ଥର ଇଣ୍ଟରନେଟ୍ ବନ୍ଦ କରାଯାଇଥିଲା । ସେଥିରୁ ଅର୍ଦ୍ଧାଧିକ ଅର୍ଥାତ୍ ୫୬୭ ଥର କେବଳ ଭାରତରେ ବନ୍ଦ ହୋଇଥିଲା । ଗତବର୍ଷ ସାରା ଭାରତରେ ୧୦୬ ଥର ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା । ୧,୧୫୭ ଘଣ୍ଟା ସେବା ବ୍ୟାହତ ହେବା ଯୋଗୁ ଦେଶର ୫୮୩ ନିୟୁତ ଡଲାର (୪,୪୬୩ କୋଟି ୫୬ ଲକ୍ଷ ୪୬ ହଜାର କୋଟି ଟଙ୍କା) କ୍ଷତି ହୋଇଥିଲା । ଏଥିରେ ୫୯.୧ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ ବୋଲି ନିକଟରେ ଇଣ୍ଟରନେଟ୍ ଫାର୍ମ 'ଟପ୍ ଟେନ୍ ଭିପିଏନ୍ ଡଟ୍ କମ୍' ଦର୍ଶାଇଥିଲା । ରାସ୍ତାରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି ନିଜ ମୋବାଇଲ ଫୋନ୍‌ରେ ପରିସ୍ଥିତିର ଭିଡିଓ ବା ଫଟୋ ଉଠାଇ ବାସ୍ତବତାକୁ ବିଶ୍ୱବ୍ୟାପୀ ଲୋକଲୋଚନକୁ ଆଣିପାରନ୍ତି । ତେଣୁ ବାକ୍ ସ୍ୱାଧୀନତାକୁ ସଙ୍କୁଚିତ କରିବା ଅଭିସନ୍ଧି ରଖି ଅନେକ ରାଜ୍ୟର ସରକାର ଇଣ୍ଟରନେଟ୍ ସେବା ବନ୍ଦ କରୁଥିବା ଦେଖିବାକୁ ମିଳୁଛି । ଚାଇନା ଓ ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ ଏଭଳି କଟକଣା ଜାରି କରୁଥିବାବେଳେ ଏବେ ଭାରତ ମଧ୍ୟ ସେହି ଗୋଷ୍ଠୀରେ ନିଜକୁ ସାମିଲ କରିଛି ।

କିଛି ମାସ ତଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ବାପା ସ୍ୱର୍ଗତ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ଭାରତକୁ ଇଣ୍ଟରନେଟ୍ ଆଣିଥିବା ଦାବି କରିଥିଲେ । ତାଙ୍କ ମନ୍ତବ୍ୟରୁ ମନେହେଉଛି ସତେ ଯେମିତି ରାଜୀବ ନିଜ ପୈତୃକ ସମ୍ପତ୍ତିରୁ ଇଣ୍ଟରନେଟ୍ ଉଦ୍ଭାବନ କରିଥିଲେ । ରାହୁଲଙ୍କ ଦାବି ହାସ୍ୟାସ୍ପଦ ମନେହୁଏ । ରାଜୀବଙ୍କୁ ଆମେରିକୀୟ ଡେଭେଲପର ତଥା ଇଣ୍ଟରନେଟ୍‌ର ଜନକ ଭିଣ୍ଟନ୍ ସର୍ଫଙ୍କ ସହ ତୁଳନା କରାଯାଇ ନ ପାରେ । ବିଶ୍ୱବ୍ୟାପୀ ଗୋଟିଏ ସମୟରେ ଇଣ୍ଟରନେଟ୍‌ର ସୃଷ୍ଟି ହୋଇଥିବାବେଳେ ୯୦ ଦଶକର ମଧ୍ୟଭାଗରେ ଏହାକୁ ଭାରତ ଦେଖିଥିଲା । ସେତେବେଳେ କଂଗ୍ରେସର ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିଲେ । ତା'ର ଅର୍ଥ ନୁହେଁ ଯେ ନରସିଂହ ରାଓ ଭାରତରେ ଇଣ୍ଟରନେଟ୍‌କୁ ପ୍ରବେଶ କରାଇଥିଲେ । କିନ୍ତୁ ଆମ ଦେଶର ସ୍ଥିତିକୁ ଦେଖିଲେ ଜାଣିହୁଏ ଯେ, ଏଭଳି ତ୍ରୁଟି ସମସ୍ତେ କରନ୍ତି । ନୂଆ ରେଳ ସଂଯୋଗ କାର୍ଯ୍ୟକାରୀ ହେଲେ ଦାବି କରାଯାଏ, ଅମୁକ ରେଳମନ୍ତ୍ରୀଙ୍କ ଦ୍ୱାରା ଏହା କରାଯାଇଛି । ଭାରତୀୟ ବାୟୁସେନାର ରାଫାଲ ଯୁଦ୍ଧବିମାନ ମୋଦିଙ୍କ ଯୋଗୁ ଆସିଲା ବୋଲି କେତେଜଣ ଲୋକ ଦାବି କରିପାରନ୍ତି । କିନ୍ତୁ ସେହି କିଣାବିକା ପ୍ରକ୍ରିୟା ହୁଏତ ୧ ଦଶନ୍ଧି ପୂର୍ବରୁ ଗଡ଼ିଆସୁଥିଲା । ଅନେକ ହଜାର କୋଟି ଟଙ୍କାର କିଣାବିକା ନିଷ୍ପତ୍ତି ଦିନକରେ କିମ୍ୱା ୫ ବର୍ଷରେ ଶେଷ ହୁଏନାହିଁ । ଅନ୍ୟପଟେ ଦେଶରେ ବୈଷୟିକ ଜ୍ଞାନର ପ୍ରବେଶ କୌଣସି ରାଜନେତାଙ୍କ ଯୋଗୁ ଘଟେ ନାହିଁ । ରୁଷିଆ ସହିତ ଯୁଦ୍ଧ ଯୋଗୁ ୟୁକ୍ରେନ୍‌ର ସେନା ତୁର୍କୀଠାରୁ ଆକ୍ରମଣକାରୀ ଡ୍ରୋନ୍ ପାଇପାରିଲା । ଏଥିରେ ଯଦି ଦାବି କରାଯାଏ ଯେ, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଡ୍ରୋନ୍‌ର ଉଦ୍ଭାବକ ତେବେ ତାହାଠାରୁ ହାସ୍ୟାସ୍ପଦ କଥା ଖୋଜିବା କଷ୍ଟକର ହେବ । ସେହିଭଳି ଭାରତରେ କରୋନା ସଂକ୍ରମଣ ସମୟରେ ଦିଆଯାଉଥିବା ଟିକା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋ

ମଦ ପିଇବା ପାଇଁ ଟ୍ରେନ୍‌କୁ ଘଣ୍ଟାଏ ଅଟକାଇ ରଖିଲେ ଚାଳକ

ବିହାରର ହସନପୁରରେ ଜଣେ ଆସିଷ୍ଟାଣ୍ଟ ଲୋକୋପାଇଲଟ (ଏଏଲ୍‌ପି) ମଦ ପିଇବା ପାଇଁ ପାସେଞ୍ଜର ଟ୍ରେନ୍‌କୁ ଘଣ୍ଟାଏ ଅଟକାଇ ରଖିଥିବା ସାମ୍ନାକୁ ଆସିଛି। ସମସ୍ତିପୁରରୁ ସହର୍ଷ ଯାଉଥିବା ଯାତ୍ରୀବାହୀ ଟ୍ରେନ୍ ୧ ଘଣ୍ଟାରୁ ଅଧିକ ସମୟ ହାସନପୁର ରେଳ ଷ୍ଟେଶନ୍‌ରେ ଅଟକିଥିଲା। ସିଗ୍‌ନାଲ ମିଳିବା ପରେ ଟ୍ରେନ୍ ଆଗକୁ ବଢ଼ି ନ ଥିବାବେଳେ ଏଏଲ୍‌ପି କରନବୀର ଯାଦବ ଇଞ୍ଜିନରେ ନ ଥିବା ଦେଖି ଷ୍ଟେଶନ ମାଷ୍ଟର ଯାଞ୍ଚ କରିଥିଲେ। ପରେ କରନବୀରଙ୍କୁ ଷ୍ଟେଶନ ନିକଟ ମାର୍କେଟରେ ନିଶାସକ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା।

ସଂକ୍ଷେପରେ

ଏସ୍‌ୟୁଭି ଧକ୍କାରେ ୮ ମୃତ

କସ୍‌ଗଞ୍ଜ,୩।୫ (ପି.ଟି.): ଉତ୍ତରପ୍ରଦେଶର ପଟିୟାଲି ଅଞ୍ଚଳ ଅନ୍ତର୍ଗତ ବୁଦାଉଁ-ମୈନପୁରୀ ଜାତୀୟ ରାଜପଥରେ ଏକ ଏସ୍‌ୟୁଭି ଅନ୍ୟ ଏକ ଟେମ୍ପୋକୁ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଛନ୍ତି। ଟେମ୍ପୋରେ ଯାତ୍ରୀମାନେ ଏକ ସତ୍‌ସଙ୍ଗରେ ଯୋଗଦେବାକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏସ୍‌ୟୁଭି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୬ ଜଣ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକବ୍ୟକ୍ତ କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

'ହିଂସାର ଶିକାର ହେଉଛନ୍ତି ମୁସଲମାନ'

ୱାଶିଂଟନ୍, ୩।୫: ସାରା ବିଶ୍ୱରେ ମୁସଲମାନ ସମ୍ପ୍ରଦାୟର ଲୋକେ ହିଂସାର ଶିକାର ହେଉଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ମୁସଲମାନମାନେ ବାସ୍ତବ ଚ୍ୟାଲେଞ୍ଜକୁ ସାମ୍ନା କରିବା ସହ ସମାଜରେ କଷ୍ଟକର ପରିସ୍ଥିତିରେ ପଡ଼ିବା ସତ୍ତ୍ୱେ ପ୍ରତ୍ୟେକ ଦିନ ଆମେରିକାକୁ ଅଧିକ ମଜଭୁତ କରୁଥିବା ବାଇଡେନ୍ ଇଦ-ଅଲ୍-ଫିତର ଅବସରରେ କହିଛନ୍ତି। ଏଥିସହ ବାଇଡେନ ଇଣ୍ଟରନ୍ୟାଶନାଲ ରିଲିଜିୟସ୍ ଫ୍ରିଡମ୍ ପାଇଁ ରାଷ୍ଟ୍ରଦୂତ ଭାବେ ପ୍ରଥମ କରି ଜଣେ ମୁସଲମାନଙ୍କୁ ନିଯୁକ୍ତ କରିଛନ୍ତି।



ଧାନ ହଟାଇବାକୁ ଭାଜପାର ଚକ୍ରାନ୍ତ: ଗେହଲଟ୍

ନୂଆଦିଲ୍ଲୀ, ୩।୫: ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି। ବେକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିପର୍ଯ୍ୟସ୍ତ ଅର୍ଥନୀତିକୁ ସଳଖାଇବାରେ କେନ୍ଦ୍ର ସରକାର ବିଫଳ ହୋଇଥିବାବେଳେ ଭାଜପା ସେଥିରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରୁଛି। ରାଜସ୍ଥାନର ଯୋଧପୁରରେ ଘଟିଥିବା ସଦ୍ୟ ସାମ୍ପ୍ରଦାୟିକ ହିଂସା ଏହାର ପରିଣାମ ବୋଲି କେନ୍ଦ୍ର ଉପରେ ମଙ୍ଗଳବାର ଦୋଷ ଲଦିଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍।

ଚାକିରି ନୁହେଁ, ଟୁଇଟର ପାଇଁ ଚିନ୍ତା: ପରାଗ

ୱାଶିଂଟନ୍, ୩।୫: ଟେସ୍‌ଲା ମାଲିକ ଏଲନ୍ ମସ୍କ ଟୁଇଟର କିଣିବା ପରେ ଏହି ସାମାଜିକ ଗଣମାଧ୍ୟମର ସିଇଓ ପରାଗ ଅଗ୍ରୱାଲ ପଦରୁ ବିଦା ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଏ ନେଇ ପରାଗଙ୍କ ପ୍ରତିକ୍ରିୟା ଆସିଛି। ସେ କହିଛନ୍ତି, ନିଜ ଚାକିରି ପାଇଁ ନୁହେଁ, ବରଂ ଟୁଇଟରର ଭବିଷ୍ୟତକୁ ନେଇ ଚିନ୍ତିତ। ନିକଟରେ ଜଣେ ୟୁଜର୍ସ ତାଙ୍କ ଚାକିରିକୁ ନେଇ କରିଥିବା ପୋଷ୍ଟ ଉପରେ ପରାଗ ଟୁଇଟ କରିଛନ୍ତି, ଆପଣଙ୍କୁ ଧନ୍ୟବାଦ। ବଡ଼ କଥା ହେଉଛି, ଟୁଇଟରର ବ୍ୟବସ୍ଥାରେ ଉନ୍ନତି ଆଣି ଏହାର ଉତ୍ତୋରତ୍ତର ବିକାଶ କରିବା।

ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କ ଘରେ ଓଡ଼ିଶା ପଟଚିତ୍ର

କୋପେନହେଗେନ୍,୩।୫

ଡେନ୍‌ମାର୍କ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ତାଙ୍କ ଡାନିସ୍ ପ୍ରତିପକ୍ଷ ମେଟେ ଫ୍ରେଡେରିକ୍‌ସେନ୍‌ଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଓ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଫ୍ରେଡେରିକ୍‌ସେନ୍ ତାଙ୍କ ବାସଭବନରେ ଲାଗିଥିବା ଓଡ଼ିଶାର ପଟଚିତ୍ରକୁ ମୋଦିଙ୍କୁ ଦେଖାଇଥିଲେ। ପୂର୍ବରୁ ସେ ଭାରତ ଗସ୍ତରେ ଆସିଥିବାବେଳେ ମୋଦି ତାଙ୍କୁ ଏହି ପଟଚିତ୍ର ଉପହାର ଦେଇଥିଲେ। ଅଯୋଧ୍ୟାର ରାମ ଦରବାରକୁ ନେଇ ଏହି ସୂକ୍ଷ୍ମ କାରୁକାର୍ଯ୍ୟ ତଥା ଓଡ଼ିଶାର ସମ୍ପଦ ଏହି ପଟ୍ଟଚିତ୍ର ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କ ଘରେ ସଜ୍ଜାହୋଇଛି। ଏଥିପାଇଁ ମୋଦି ତାଙ୍କୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ପଟଚିତ୍ର କେବଳ ଜାତୀୟ ସ୍ତରରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବେଶ୍ ପ୍ରସିଦ୍ଧ। ଏଥିରେ ଥିବା ସୌନ୍ଦର୍ଯ୍ୟ କାରୁକାର୍ଯ୍ୟକୁ ଭାଷାରେ ବର୍ଣ୍ଣନା କରାଯାଇପାରିବ ନାହିଁ।

ବିଏସ୍‌ଏଫ୍‌ରେ ଯବାନ ଅଭାବ

ନୂଆଦିଲ୍ଲୀ, ୩।୫

୨୦୨୧ରେ ଆମେରିକା ଓ ଚାଇନା ପରେ ଭାରତର ପ୍ରତିରକ୍ଷା ବଜେଟ୍ ବିଶ୍ୱର ତୃତୀୟ ସର୍ବାଧିକ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଚାଇନା ପଟୁ ଆସୁଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଭାରତ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଆମଦାନୀ ବଢ଼ାଇବା ସହ ସ୍ୱଦେଶୀ ଜ୍ଞାନକୌଶଳରେ ଅସ୍ତ୍ରଶସ୍ତ୍ର ନିର୍ମାଣକୁ ଗୁରୁତ୍ୱ ଦେଉଛି। କିନ୍ତୁ ପାକିସ୍ତାନ ଓ ବାଂଲାଦେଶ ଭଳି ସମ୍ବେଦନଶୀଳ ବର୍ଡରରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ରେ ଯବାନ ଓ ଅନ୍ୟ ଅଧିକାରୀଙ୍କ ଅଭାବ ଉପୁଜିଛି। ଆବଶ୍ୟକତାଠାରୁ କର୍ତ୍ତବ୍ୟରତ ସୈନ୍ୟ ଓ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ଏହି ଅର୍ଦ୍ଧସାମରିକ ବାହିନୀ ପାଇଁ ଚିନ୍ତାର କାରଣ ପାଲଟିଛି। ଏହା ଭିତରେ କାର୍ଯ୍ୟରେ ନିୟୋଜିତ କେହି କର୍ମଚାରୀ ଅସୁସ୍ଥ ହେଲେ ସମ୍ପୂର୍ଣ୍ଣ ୟୁନିଟ୍ ଉପରେ ଚାପ ପଡୁଥିବା ବିଏସ୍‌ଏଫ୍ ପକ୍ଷରୁ ଅଭିଯୋଗ ଆସିଛି। ଜଣେ ସୀମା ସୁରକ୍ଷା ବଳ ଅଧିକାରୀଙ୍କ କହିବା ମୁତାବକ, ପ୍ରତି ୟୁନିଟ୍‌ରେ ପ୍ରାୟ ୧୦୦ ଅଧିକାରୀ ଲୋ ମେଡିକାଲ କାଟାଗୋରୀ (ଏଲ୍‌ଏମ୍‌ସି)ରେ ଆସୁଛନ୍ତି। ଅର୍ଥାତ୍ ଏହି ବର୍ଗରେ ଥିବା ଯବାନ ତଥା ଅନ୍ୟ କର୍ମଚାରୀ ହାଇ ରିସ୍କ ଏରିଆ କିମ୍ବା ଅତି ବିପଦପୂର୍ଣ୍ଣ ସୀମାନ୍ତରେ ଚ୍ୟାଲେଞ୍ଜିଂ ଅପରେଶନ କରିବା ପାଇଁ ଶାରୀରିକ ଦୃଷ୍ଟିରୁ ସକ୍ଷମ ନୁହନ୍ତି। ପ୍ରତ୍ୟେକ ବିଏସ୍‌ଏଫ୍ ୟୁନିଟ୍‌ରେ ୧,୨୧୦ କର୍ମଚାରୀ ରହିଛନ୍ତି। ବିଏସ୍‌ଏଫ୍‌ରେ ପ୍ରାୟ ୨୦ ହଜାର ପଦବୀ ଖାଲି ପଡ଼ିଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

■ ଅନ୍‌ଫିଟ୍ ବର୍ଗରେ ପ୍ରତି ୟୁନିଟ୍‌ର ୧୦୦

■ ୨୦ ହଜାର ପଦ ଖାଲି

ଚିନ୍ତାଜନକ ତଥ୍ୟ ହେଉଛି, ଅଫିସର ର୍ୟାଙ୍କଠାରୁ ତଳସ୍ତରର କର୍ମଚାରୀଙ୍କ ଅଭାବ ସଂଖ୍ୟା ଅଧିକ। ସେମାନେ ସିକ୍ୟୁରିଟି ନେଟ୍‌ର ପ୍ରମୁଖ ଅଙ୍ଗ। ପର୍ଯ୍ୟବେକ୍ଷକ ଭାବେ ପ୍ରଥମ ସ୍ତରରେ ହେଡ୍ କନଷ୍ଟେବଳ ରହିଥାନ୍ତି। ପରେ ଏଏସ୍‌ଆଇ, ଏସ୍‌ଆଇ, ଇନ୍ସପେକ୍ଟର ଏବଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁପରଭାଇଜର ଭୂମିକା ନେଇଥାନ୍ତି। କିନ୍ତୁ ଏହି ସ୍ତରରେ ବହୁ ଅଧିକାରୀ ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ବିଏସ୍‌ଏଫ୍ କର୍ତ୍ତୃପକ୍ଷ ଭଲଭାବେ ଅବଗତ ବୋଲି ସମ୍ପୃକ୍ତ ଅଫିସର ଜଣକ କହିଛନ୍ତି। ପ୍ରବେଶ ସ୍ତରରେ କନଷ୍ଟେବଳମାନଙ୍କୁ ପ୍ରଥମ ପ୍ରମୋଶନ ପାଇବା ନିମନ୍ତେ ୨୦ ବର୍ଷରୁ ଅଧିକ ସମୟ ଲାଗିଯାଉଛି। ଏହି ଅସୁବିଧା ବିଏସ୍‌ଏଫ୍‌ର ପ୍ରତ୍ୟେକ ର୍ୟାଙ୍କରେ ରହିଛି। ବରିଷ୍ଠ ଅଧିକାରୀମାନେ ପୂର୍ବରୁ ଏକ 'ଦରବାର୍' ଡାକି କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ଭାବେ ଭେଟୁଥିଲେ। କିନ୍ତୁ କରୋନା ମହାମାରୀ ପରଠାରୁ ତାହା ମଧ୍ୟ ବନ୍ଦ ହୋଇଯାଇଛି। କେବଳ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟାଳୟ ସ୍ତରରେ ଅନୌପଚାରିକ ଭାବେ ବୈଠକ ବସୁଥିବା ଜଣାପଡ଼ିଛି।

ବିଏସ୍‌ଏଫ୍‌ରେ ୧୯୦ ବାଟାଲିୟନ ରହିଛି। ୫,୫୦୦ ଅଧିକାରୀ ଗ୍ରୁପ୍ 'ଏ'ରେ ଥିବାବେଳେ ଗ୍ରୁପ୍ 'ବି' ଏବଂ 'ସି'ରେ ପ୍ରାୟ ୨.୫ ଲକ୍ଷ କର୍ମଚାରୀ ରହିଛନ୍ତି। ଏଥିସହ ବିଏସ୍‌ଏଫ୍‌ରେ ସହକର୍ମୀଙ୍କୁ ହତ୍ୟା କରିବା ଭଳି ଘଟଣା ମଧ୍ୟ ଅନେକ ସମୟରେ ଘଟୁଛି। ୨୦୨୧ରେ ଏଭଳି ୨ଟି ମାମଲା ସାମ୍ନାକୁ ଆସିଥିବାବେଳେ ଚଳିତ ବର୍ଷ ଅଦ୍ୟାବଧି ଏପରି ୫ ଘଟଣା ଘଟିସାରିଲାଣି। ପଡ଼ୋଶୀ ପାକିସ୍ତାନ ଓ ଚାଇନା ସଂଲଗ୍ନ ସୀମାରେ ଭାରତୀୟ ଯବାନମାନେ ପ୍ରତିପକ୍ଷଙ୍କ ସହ ମୁହାଁମୁହିଁ ହେଉଥିବାବେଳେ ବିଏସ୍‌ଏଫ୍‌ରେ ଖାଲି ପଡ଼ିଥିବା ପଦବୀ ସଂଖ୍ୟା ସାମରିକ ବଳର ଦୁର୍ବଳତାକୁ ପଦାକୁ ଆଣୁଛି।

ଭାରତରେ ନିବେଶ ପାଇଁ ମୋଦିଙ୍କ ଆହ୍ୱାନ

କୋପେନହାଗେନ, ୩।୫

ତିନି ଦିନିଆ ୟୁରୋପ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପ୍ରଥମ ଥର ପାଇଁ ଡେନ୍‌ମାର୍କରେ ପହଞ୍ଚିଛନ୍ତି। ସେଠାରେ ସେ ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍‌ସେନଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ସହ ଉଭୟ ଦେଶର ହିତରେ ଏକାଧିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଜର୍ମାନୀରୁ ଡେନ୍‌ମାର୍କରେ ପହଞ୍ଚିବା ପରେ ଫ୍ରେଡେରିକ୍‌ସେନ୍ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଫ୍ରେଡେରିକ୍‌ସେନ୍ ଭାରତ ଗସ୍ତବେଳେ ଉପହାର ଭାବେ ଗ୍ରହଣ କରିଥିବା ଓଡ଼ିଶାର ଏକ ପଟ୍ଟଚିତ୍ର ମୋଦିଙ୍କୁ ଦେଖାଇଥିଲେ। ଭାରତ-ଡେନ୍‌ମାର୍କ ବିଜ୍‌ନେସ ଫୋରମରେ ପ୍ରଧାନମନ୍ତ୍ରୀ ମୋଦି ଭାରତରେ ନିବେଶ ଆହ୍ୱାନ ଦେଇଥିଲେ। ଯେଉଁମାନେ ଏବେ ଭାରତରେ ନିବେଶ କରୁନାହାନ୍ତି ସେମାନେ ସୁଯୋଗ ହାତଛଡ଼ା କରୁଛନ୍ତି ବୋଲି ମୋଦି କହିଥିଲେ। ଡେନ୍‌ମାର୍କ ଗସ୍ତବେଳେ ମୋଦି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ୟୁକ୍ରେନ୍‌ରେ ତୁରନ୍ତ ଯୁଦ୍ଧବିରତି ସହ କୂଟନୈତିକ ରାସ୍ତାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପାଇଁ ଆହ୍ୱାନ ଦେଇଥିଲେ।

ଭାରତରେ ଏକ୍ସଇ ଭାରିଆଣ୍ଟ

ନୂଆଦିଲ୍ଲୀ,୩।୫ (ଆଇଏଏନ୍‌ଏସ୍)

ଭାରତରେ ଏକ୍ସଇ କୋଭିଡ୍ ଭାରିଆଣ୍ଟର ପ୍ରଥମ ମାମଲା ଚିହ୍ନଟ ହୋଇଛି। ଭାରତୀୟ ସାର୍ସ-ସିଓଭି୨ ଜିନୋମିକ୍ସ କନସୋର୍ଟିୟମ (ଆଇଏନ୍‌ଏସ୍‌ଏସିଓଜି) ପକ୍ଷରୁ ପ୍ରକାଶିତ ସଦ୍ୟ ବୁଲେଟିନ୍‌ରେ ଏହା ସ୍ପଷ୍ଟ କରାଯାଇଛି। ଏହା ଉପରେ ଅଧିକ ଅନୁଧ୍ୟାନ କରାଯାଉଛି। ଗତ ୨୫ ତାରିଖରେ ନୂଆ ମାମଲା ଚିହ୍ନଟ ହୋଇଥିଲେ ହେଁ ନିର୍ଦ୍ଦିଷ୍ଟ ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଯାଇ ନାହିଁ। ଗତ ସପ୍ତାହରେ ୧୨ ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢୁଥିବାବେଳେ ୧୯ ରାଜ୍ୟରେ ଏହା ହ୍ରାସ ପାଉଥିବା ଦେଖାଯାଇଥିଲା। ପୂର୍ବରୁ ବିଏ.୨ର ଦୁଇଟି ଉପବଂଶଜ ବିଏ.୨.୧୦ ଏବଂ ବିଏ.୨.୧୨ ଚିହ୍ନଟ ହୋଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଭାରତରେ ଏକ୍ସଇ କ୍ଲଷ୍ଟର ରିପୋର୍ଟ ମିଳି ନ ଥିବା ବୁଲେଟିନ୍‌ରେ କୁହାଯାଇଛି।

ରାଜ୍ ଠାକ୍‌ରେଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

ମୁମ୍ବାଇ,୩।୫

ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେଙ୍କ ବିରୋଧରେ ଏକ ୧୪ ବର୍ଷର ପୁରୁଣା ମାମଲାରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ସାଙ୍ଗଲି ଜିଲାର ଏକ କୋର୍ଟ ତାଙ୍କୁ ଗିରଫ କରି ଅଦାଲତରେ ହାଜର କରାଇବା ପାଇଁ ମୁମ୍ବାଇ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୮ରେ ଉତ୍ତେଜକ ଭାଷଣ ଦେବା ଅଭିଯୋଗରେ ରାଜଙ୍କ ବିରୋଧରେ ଆଇପିସିର ଦଫା ୧୦୯ ଓ ୧୧୭ ବଳରେ ମାମଲା ରୁଜୁ ହୋଇଥିଲା। ସେହିପରି ଔରଙ୍ଗାବାଦରେ ରବିବାର ଅନୁଷ୍ଠିତ ରାଲିରେ ଉତ୍ତେଜକ ଭାଷଣ ଦେବା ଅଭିଯୋଗରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ରାଲିର ଆୟୋଜନ କରିଥିବା ୩ ଜଣଙ୍କ ନାଁ ମଧ୍ୟ ଏତଲାରେ ରହିଛି। ମୁମ୍ବାଇରେ ଥିବା ମସ୍‌ଜିଦଗୁଡ଼ିକରୁ ଡାକବାଜି ଯନ୍ତ୍ର ହଟାଇବା ପାଇଁ ଗତ ମାସରେ ରାଜ୍ ଠାକ୍‌ରେ ଶିବସେନା ନେତୃତ୍ୱାଧୀନ ମେଣ୍ଟ ସରକାରକୁ ଆହ୍ୱାନ ଦେଇ ଚର୍ଚ୍ଚାକୁ ଆସିଥିଲେ। ମେ' ୩ ସୁଦ୍ଧା ଡାକବାଜି ଯନ୍ତ୍ର ନ ହଟିଲେ ମସ୍‌ଜିଦ ବାହାରେ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ତାଙ୍କ କର୍ମୀମାନେ ଆଜାନକୁ ବିରୋଧ କରି ହନୁମାନ ଚାଳିଶା ଗାନ କରିବେ ବୋଲି ଏମ୍‌ଏନ୍‌ଏସ୍ ଅଧ୍ୟକ୍ଷ ଚେତାବନୀ ଦେଇଥିଲେ। ଗତ ରବିବାର ସେ ଔରଙ୍ଗାବାଦ ରାଲିରେ ପୁଣି ଥରେ ଉକ୍ତ ଚେତାବନୀର ପୁନରାବୃତ୍ତି କରିଥିଲେ। ୩ ତାରିଖ ଇଦ୍ ହୋଇଥିବାରୁ ୪ ସୁଦ୍ଧା ଡାକବାଜି ଯନ୍ତ୍ର ହଟା ନ ଗଲେ ମସ୍‌ଜିଦ ଆଗରେ ଦୁଇଗୁଣା ଶବ୍ଦରେ ହନୁମାନ ଚାଳିଶା ଗାନ କରାଯିବ ବୋଲି କହିଥିଲେ।

ଗୋହତ୍ୟା ଅଭିଯୋଗରେ ୨ ଆଦିବାସୀଙ୍କୁ ପିଟି ମାରିଦେଲେ

ଭୋପାଳ,୩।୫: ମଧ୍ୟପ୍ରଦେଶର ସିଓନି ଜିଲାରେ ଗୋହତ୍ୟା ସନ୍ଦେହରେ ଉଦ୍ୟୁକ୍ତ ଲୋକେ ଆଦିବାସୀ ସମ୍ପ୍ରଦାୟର ୨ ଜଣଙ୍କୁ ପଟ ମାରିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଭିଡ଼ହିଂସାରେ ପ୍ରାୟ ୨୦ ଜଣ ସାମିଲ ଥିଲେ ବୋଲି ପୋଲିସ କହିଛି। ସେମାନେ ସମ୍ପୃକ୍ତ ଆଦିବାସୀଙ୍କ ଘରକୁ ଯାଇ ଗାଈ ହତ୍ୟା ପାଇଁ ସେମାନଙ୍କୁ ଦାୟୀ କରିବା ସହ ମାଡ଼ ମାରିଥିଲେ। ସେମାନଙ୍କୁ ହସ୍ପିଟାଲ ନେବା ବାଟରେ ମୃତ୍ୟୁ ହୋଇଥିଲା। ଭିଡ଼ହିଂସା ପ୍ରତିବାଦରେ ଜବଲପୁର-ନାଗପୁର ଜାତୀୟ ରାଜପଥ ଅବରୋଧ କରାଯିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି କଂଗ୍ରେସ ବିଧାୟକ ଅର୍ଜୁନ ସିଂ କକୋଦିଆ ଦାବି କରିଛନ୍ତି। ୬ ଜଣଙ୍କ ନାମରେ ହତ୍ୟା ମାମଲା ଦାଏର ହୋଇଥିବା ପୋଲିସ କହିଛି।

ବେଙ୍ଗାଲୁରୁରେ ମଙ୍ଗଳବାର ଇଦ୍-ଉଲ୍-ଫିତର ପାଳନ ଅବସରରେ ପିଲାମାନେ ନମାଜ ପାଠ କରୁଛନ୍ତି ।

ନେପାଳ ନାଇଟ୍ କ୍ଲବ୍‌ରେ ରାହୁଲ

ନୂଆଦିଲ୍ଲୀ,୩।୫ (ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ଏକ ଭିଡିଓ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। କଂଗ୍ରେସ ନେତା ନେପାଳର ଏକ ନାଇଟ୍ କ୍ଲବ୍‌ରେ ଯୋଗ ଦେଇଥିବା ଭାଜପା ଅଭିଯୋଗ କରିଛି। ଅନ୍ୟ ପକ୍ଷରେ ରାହୁଲ ତାଙ୍କର ଜଣେ ସାମ୍ବାଦିକ ବନ୍ଧୁଙ୍କ ବିବାହ ଉତ୍ସବରେ ଯୋଗଦେବା ଲାଗି ନେପାଳ ଯାଇଥିଲେ ବୋଲି କଂଗ୍ରେସ ସଫେଇ ଦେବା ସହ ଏହା ଅପରାଧ ନୁହେଁ ବୋଲି କହିଛି। ଭାଜପା ସୋସିଆଲ ମିଡିଆ ବିଭାଗ ମୁଖ୍ୟ ଅମିତ୍ ମାଲବ୍ୟ ଏବଂ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଉକ୍ତ ଭିଡିଓକୁ ଟୁଇଟ୍ କରିଛନ୍ତି। ୨୦୦୮ରେ ମୁମ୍ବାଇର ଏକ ନାଇଟ୍ କ୍ଲବ୍‌ରେ ଥାଇ ଧରାପଡ଼ିଥିଲେ। ଏବେ ଦଳର ବିପର୍ଯ୍ୟୟ ବେଳେ ଏହାର ନେତା ନାଇଟ କ୍ଲବ ଯାଉଛନ୍ତି। ବାହାରୁ କାହାକୁ ଦଳ ଅଧ୍ୟକ୍ଷ କରିବା ଲାଗି କଂଗ୍ରେସ ମନା କରିବା ପରେ ସେମାନଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଏଭଳି କାର୍ଯ୍ୟରେ ଲିପ୍ତ ରହୁଥିବା ମାଲବ୍ୟ ଟୁଇଟ୍‌ରେ ଲେଖିଛନ୍ତି। ସେହିପରି ଗିରିରାଜ ଏହାକୁ ରଙ୍ଗୀନ କାର୍ଯ୍ୟକ୍ରମ ବୋଲି କହିଛନ୍ତି।



ଏହାର ଜବାବରେ କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି, ରାହୁଲ ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ସେଠାକୁ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ବନ୍ଧୁ କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ ବିବାହ ଉତ୍ସବରେ ଯୋଗଦେବା ଅପରାଧ ନୁହେଁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ରାହୁଲ ବିନା ନିମନ୍ତ୍ରଣରେ ଯାଇ ନ ଥିଲେ। ମୋଦି ବିନା ନିମନ୍ତ୍ରଣରେ ପାକିସ୍ତାନ ଯାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଜନ୍ମଦିନରେ କେକ୍ କାଟିଥିଲେ ବୋଲି ସୁର୍ଜେୱାଲା କହିଛନ୍ତି।

■ ଭାଇରାଲ ଭିଡିଓକୁ ନେଇ ବିବାଦ

■ ସାଙ୍ଗ ବାହାଘରକୁ ଯାଇଥିଲେ: କଂଗ୍ରେସ

ନାଇଟ୍ କ

କିପରି କରିବେ ପାଳନ

ଖରାଦିନେ ଛେଳି ମେଣ୍ଢା ରହୁଥିବା ଘର ଭିତର ପରିବେଶ ଥଣ୍ଡା ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ। ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୧୦ ରୁ ୨୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

ଗୋରୁଙ୍କୁ ଅଂଶୁଘାତରୁ ସୁରକ୍ଷା

ବର୍ତ୍ତମାନ ଖରାଦିନ। ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ । ଗୋରୁଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦-୫୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ପ୍ରାୟ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ସନ୍ଧ୍ୟା ସମୟରେ ଦାନାକୁ ଯଥା ସମ୍ଭବ ଦେବାକୁ ଚେଷ୍ଟା କରନ୍ତୁ ।



ଅଧିକ ଅମଳକ୍ଷମ ଭେଣ୍ଡି

ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।

ତରଭୁଜ ଚାଷ ଆଣିଦେଇଛି ସଫଳତା

ସଫଳ ଚାଷୀ
ପ୍ରମୋଦ ମହାନ୍ତ

ଚମ୍ପୁଆ ବ୍ଲକ ବଡ଼ନଈ ପଞ୍ଚାୟତ ଅନ୍ତର୍ଗତ ଇଚିଣ୍ଡା ଗ୍ରାମର ପ୍ରମୋଦ ମହାନ୍ତ। ତରଭୁଜ ଚାଷ କରି ସେ ସ୍ଥାନୀୟ ଅଞ୍ଚଳରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ତା'ସହ ଏଠାକାର କେତେଜଣ ଯୁବକ ଏହି ଚାଷକୁ ଆପଣେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଚାକିରି ଛାଡ଼ି ଚାଷକୁ ନିଜର ରୋଜଗାରର ମୁଖ୍ୟ ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି ସେ। ଏ ସମ୍ପର୍କରେ ପ୍ରମୋଦ କହନ୍ତି, ''ମୁଁ ପ୍ରଥମେ ବେଙ୍ଗାଲୁରୁରେ ଏକ ବେସରକାରୀ ସଂସ୍ଥାରେ ଚାକିରି କରିଥିଲି। ହେଲେ ଚାକିରି ଛାଡ଼ି ଘରକୁ ଫେରି ଆସିଲି। ଥରେ ଭାବିଲି ଯେ, ଯଦି ମୁଁ ଚାଷକରେ ତେବେ ସେଥିରୁ ମଧ୍ୟ କିଛି ରୋଜଗାର କରିହେବ। ଚଳିତ ବର୍ଷ ନିଜର ୭ ଏକର ଜମିରେ ହଳଦିଆ ସ୍ୱାଦିଷ୍ଟ ତରଭୁଜ ଚାଷ କରଛି। ଚାଷ ପାଇଁ ପାଣିର ଏକାନ୍ତ ଆବଶ୍ୟକ। ତେଣୁ ସ୍ଥାନୀୟ ଉଠାଜଳସଚନ ବିଭାଗର ଦ୍ୱାରସ୍ଥ ହୋଇ ନିଜ ଜମିରେ ଏକ ଗଭୀର ନଳକୂପ ଖୋଳାଇବାକୁ ଅନୁରୋଧ କରିଥିଲି। ୨୦୧୬ ମସିହାରେ ବିଭାଗ ତରଫରୁ ମୋତେ ବିଜୁ କୃଷକ କଲ୍ୟାଣ ଯୋଜନାରେ ଏକ ଗଭୀର ନଳକୂପ ମଞ୍ଜୁର କରାଯାଇଥିଲା। ସେହିଦିନଠାରୁ ଆଉ ପଛକୁ ଫେରି ଚାହିଁ ନ ଥିଲି। ପ୍ରଥମେ ଲଙ୍କା, କୋବି, ମଟର, ବାଇଗଣ ଆଦି ଚାଷ କରି ଦୁଇପଇସା ରୋଜଗାର କରିପାରିଥିଲି। ଚାଷକୁ ନେଇ ଆତ୍ମବିଶ୍ୱାସ ଦୃଢ଼ୀଭୂତ ହେବା ପରେ ପ୍ରଥମେ ପୋଟଳ ଏବଂ ପରେ ତରଭୁଜ ଚାଷ ଆରମ୍ଭ କଲି। ଏହି ଚାଷ ମୋତେ ସ୍ୱାବଲମ୍ବୀ ହେବାରେ ଯଥେଷ୍ଟ ସାହାଯ୍ୟ କରିଛି।'' ପ୍ରମୋଦ ପରେ ନନି କମ୍ପାନୀର ଏକ ନୂତନ ପ୍ରଜାତିର ତରଭୁଜ ଚାଷ କରିଥିଲେ। ଗତବର୍ଷ ହଳଦିଆ ଚୋପା ଓ ଭିତରେ ଲାଲ ଥିବା ତରଭୁଜ ଚାଷ କରିଥିଲେ। ମାତ୍ର ଚଳିତ ବର୍ଷ ଏକ ପ୍ରକାର ହଳଦିଆ ତରଭୁଜ ଚାଷ କରି ସେ ବେଶ୍ ସଫଳତା ପାଇପାରିଛନ୍ତି। ତରଭୁଜ ଚାଷରେ ନିଜର ସଫଳତାର ଶ୍ରେୟ ସେ ଉଠା ଜଳସେଚନ ବିଭାଗକୁ ଦେଇଛନ୍ତି।

-ମହେଶ୍ୱର ଦାସ

ଚାଷୀଙ୍କ ପାଇଁ..

ଖରାଦିନିଆ ବର୍ଷାର ସଦୁପଯୋଗ କରି ମାଟି ବତର ଥିବା ଅବସ୍ଥାରେ ଜମିକୁ ୨-୩ ଓଡ଼ ଖରାଟିଆ ଚାଷ କରନ୍ତୁ । ଏହାଦ୍ୱାରା ଅନିଷ୍ଟକାରୀ କୀଟର ଶୁକ ଓ ଅଣ୍ଡା ନଷ୍ଟ ହୋଇଯାଏ ଏବଂ ମାଟିର ଜଳଧାରଣ ଶକ୍ତି ବୃଦ୍ଧି ପାଏ । ଜମିରେ ଫସଲ ନ ଥିବା ଅବସ୍ଥାରେ ନମୁନା ମାଟି ସଂଗ୍ରହକରି ପରୀକ୍ଷାଗାରକୁ ପଠାଇ ଦିଅନ୍ତୁ । ମାଟି ପରୀକ୍ଷାକରି ଅନୁମୋଦିତ ଖତ ଓ ସାର ବ୍ୟବହାର କରନ୍ତୁ । ରୁଆଧାନ ଫସଲ ପାଇଁ ସବୁଜ ସାର ଉଦ୍ଦେଶ୍ୟରେ ମେ' ଦ୍ୱିତୀୟ ପକ୍ଷରେ ହେକ୍ଟର ପିଛା ୨୫ କି.ଗ୍ରା. ହିସାବରେ ଧଣିଚା ବିହନ ବୁଣନ୍ତୁ ।

ଡାଲୁଅ ଧାନ କାଟିବା ସମୟରେ...

ଡାଲୁଅ ଧାନର ଶତକଡ଼ା ୮୦ ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ । ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାଇ ଦିଅନ୍ତୁ । ଧାନ ଅମଳ ପରେ ୩-୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଜମିର କିସମ ଅନୁସାରେ ଖରିଫ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ । କଟା ହୋଇ ନ ଥିବା ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ-ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟକରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୩୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ଡାଲିଜାତୀୟ ଫସଲ : ମୁଗ, ବିରି ଆଦି ଡାଲିଜାତୀୟ ଫସଲରେ ଛୁଇଁ ୮୦ ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ । ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ । ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।

ନଳିତା : ଏପ୍ରିଲ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ । ନଳିତା ଗଛ ୧୧-୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫-୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ଆଖୁ : ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୋସା କରି ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ । ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ ।

ତୈଳବୀଜ ଫସଲ

ରାଶି : ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୦.୫ ଗ୍ରାମ୍ ଇମାମେକ୍‌ଟିନ୍ ବେନ୍‌ଜୋଏଟ୍ ୫% ଏସ୍‌ଜି ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

ଚିନାବାଦାମ : ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ କରି ଅମଳ କରନ୍ତୁ ।

ସୂର୍ଯ୍ୟମୁଖୀ : ଏହି ଚାଷରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଏଥିରେ ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।

ପରିବା ଚାଷ : ଖରାଟିଆ ପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ । ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ । ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ । ବର୍ଷା ଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ । ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନକରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)। କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ ।

ମସଲା ଜାତୀୟ ଫସଲ : ବର୍ତ୍ତମାନ ଗୁଡ଼ିଆ ଚାଷ ପାଇଁ ଉପଯୁକ୍ତ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି । ବିହନର ପରିମାଣ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ।

କୁକୁଡ଼ା ଓ ବତକ ପାଳନ : କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଚଳାଚଳର ସୁବିଧା କରନ୍ତୁ । ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ । ଦିନକୁ ୨ରୁ ୩ ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ଦୁଇ ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ। ଦାନାକୁ ଯଥା ସମ୍ଭବ ସକାଳୁ ଏବଂ ସନ୍ଧ୍ୟା ସମୟରେ ଦିଅନ୍ତୁ। ଦିନ ୧୦ଟା ପରେ ଦାନା ଦିଅନ୍ତୁ ନାହିଁ।

ମାଛଚାଷ : ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ । ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ । ବର୍ଷିକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,ଓୟୁଏଟି, ଭୁବନେଶ୍ୱର-୩

ଏ ମାସର କୃଷି ସୂଚନା

ଅଦା, ହଳଦୀ ଲଗାଇବା ପ୍ରଣାଳୀ

ଅଦା, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ୨ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ୧ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି । ବିହନର ପରିମାଣ

ଖରାଦିନେ ପରିବାଚାଷ

ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାକୁ ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ।

ମୂଳି ଆଖୁର ଯତ୍ନ

ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁଗଛକୁ ଏକ ଧାରୁଆ କରୁରିରେ ଭୂମି ପତ୍ତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ

ଓଡ଼ିଶା ସରକାର
ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଘୋଷଣା

File No. 210 Dt. 25.02.2022

No. XXIX-20: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act. 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଜାମୁଣ୍ଡା, ଥାନା: ଅନୁଗୋଳ, ତହସିଲ: ବଅଁରପାଳ, ଜିଲ୍ଲା: ଅନୁଗୋଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act. 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୫୮ ତା୨୬।୦୨।୨୦୨୧ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଜାମୁଣ୍ଡା, ଥାନା: ଅନୁଗୋଳ, ଜିଲ୍ଲା: ଅନୁଗୋଳରେ କୌଣସି ବିଜ୍ଞାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ – 'କ'
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ଅନୁଗୋଳ, ତହସିଲ: ବଅଁରପାଳ

ଖାତା ନଂ.	ସ୍ୱତ୍ୱ	ପ୍ଲଟ ନଂ.	କିସମ	ମୋଟ ରକବା	ଅଧିଗ୍ରହଣ ରକବା	ରୟତଙ୍କ ନାମ
୬	ରୟତି	୨୦୧୭	ଶାରଦ ଅଣଜଳସେଚିତ ତିନି	୦.୦୫୪	୦.୦୫୪	ଅନ୍ତର୍ଯ୍ୟାମୀ ସାହୁ, ଖଗେଶ୍ୱର ସାହୁ, ପି. ଦୈତାରୀ ସାହୁ, ତ୍ରିଲୋଚନ ସାହୁ, ତ୍ରିନାଥ ସାହୁ, ଗଗନ ସାହୁ, ନଭି ସାହୁ, ଉପାସୀ ସାହୁ, ଗୋଲପ ସାହୁ, ପି. ବାନାୟର ସାହୁ, ବାସଙ୍ଗ ସାହୁ, ସ୍ୱା.: ବାନାୟର ସାହୁ, ସଦାଶିବ ସାହୁ, ଗୋବର୍ଦ୍ଧନ ସାହୁ, ଯମୁନା ସାହୁ, ପି.: ଦାମୋଦର ସାହୁ,
୬	ରୟତି	୧୮୯୮	ତଭଳା	୦.୦୫୯	୦.୦୫୦	
୬	ରୟତି	୨୦୧୮	ଶାରଦ ଅଣଜଳସେଚିତ ତିନି	୦.୦୫୭	୦.୦୧୦	ଗୌରାଙ୍ଗ ସାହୁ, ଶୁକଦେବ ସାହୁ, ପ୍ରସନ୍ନ ସାହୁ, ଗୌତମ ସାହୁ, ରେବତୀ ସାହୁ, ବିଜୁଳି ସାହୁ, ପାର ସାହୁ, ତମାଳ ସାହୁ, ପି.: ଗଦାଧର ସାହୁ, ଗୁଟୁଖା ସାହୁ, ସ୍ୱା.: ଗଦାଧର ସାହୁ, ପଞ୍ଚୁ ସାହୁ, ମଙ୍ଗୁଲୁ ସାହୁ, କୈଳେୟୀ ସାହୁ, ତୁଳେଇ ସାହୁ, ଦୁଃଖି ସାହୁ, ଜାତକ ସାହୁ, ପି.: ନକୁଳ ସାହୁ, ଜା: ଚଷା, ବା: ବଣ୍ଣୁଆସାହି
୭	ରୟତି	୧୯୧୨	ଶାରଦ ଅଣଜଳସେଚିତ ଦୁଇ	୦.୦୪୯	୦.୦୧୦	ଅଶୋକ ପ୍ରଧାନ, ସ୍ୱାଧୀନ ପ୍ରଧାନ, କବି ପ୍ରଧାନ, ପି.: ବିପିନି ପ୍ରଧାନ, ନିଦ୍ରା ପ୍ରଧାନ, ସ୍ୱା.: ବିପିନି ପ୍ରଧାନ, କିଶୋରୀ ପ୍ରଧାନ, ନୀଳମଣି ପ୍ରଧାନ, ପି.: ଅର୍ଜୁନ ପ୍ରଧାନ, ମଣ୍ଡା ପ୍ରଧାନ, ସ୍ୱା.: ଅର୍ଜୁନ ପ୍ରଧାନ, ନିରଞ୍ଜନ ପ୍ରଧାନ, ପି.: ମାର୍କଣ୍ଡ ପ୍ରଧାନ, ଜା: ଚଷା, ବା: ନିଜିଗାଁ
୭	ରୟତି	୧୯୧୮	ତଭଳା	୦.୦୮୬	୦.୦୮୬	
୧୪	ରୟତି	୨୧୩୩	ଶାରଦ ଅଣଜଳସେଚିତ ଏକ	୦.୦୪୦	୦.୦୩୦	ଇନ୍ଦୁମତି ସାହୁ, ପି.: ବ୍ରଜବନ୍ଧୁ ସାହୁ, କସ୍ତୁରୀ ସାହୁ, ସ୍ୱା.: ବ୍ରଜବନ୍ଧୁ ସାହୁ, ଜା: ଚଷା, ବା: ନିଜିଗାଁ
୧୪	ରୟତି	୨୧୩୯	ଶାରଦ ଅଣଜଳସେଚିତ ଏକ	୦.୦୩୭	୦.୦୨୦	
୧୪	ରୟତି	୨୦୧୪	ଶାରଦ ଅଣଜଳସେଚିତ ତିନି	୦.୧୦୯	୦.୦୫୦	
୧୪	ରୟତି	୨୧୪୦	ଶାରଦ ଅଣଜଳସେଚିତ ଏକ	୦.୧୭୩	୦.୦୧୦	
୧୫	ରୟତି	୨୨୫୬	ଶାରଦ ଅଣଜଳସେଚିତ ତିନି	୦.୦୩୭	୦.୦୩୭	
୧୫	ରୟତି	୨୨୬୦	ଶାରଦ ଅଣଜଳସେଚିତ ଏକ	୦.୧୬୮	୦.୦୯୦	
୧୯	ରୟତି	୨୦୧୧	ଶାରଦ ଅଣଜଳସେଚିତ ତିନି	୦.୦୮୯	୦.୦୫୦	
୧୯	ରୟତି	୨୦୧୨	ଶାରଦ ଦୁଇ	୦.୦୪୯	୦.୦୪୯	
୧୯	ରୟତି	୨୦୩୦	ଶାରଦ ଅଣଜଳସେଚିତ ତିନି	୦.୦୩୦	୦.୦୩୦	
୧୯	ରୟତି	୨୦୩୧	ଶାରଦ ଅଣଜଳସେଚିତ ତିନି	୦.୧୨୪	୦.୦୮୦	
୧୯	ରୟତି	୧୧୪୧	ଶାରଦ ଅଣଜଳସେଚିତ ତିନି	୦.୦୪୯	୦.୦୪୯	ଈଶ୍ୱର ପ୍ରଧାନ, ପ୍ରଭା ପ୍ରଧାନ, ଭାସ୍କର ପ୍ରଧାନ, ପି.: କୃତ୍ତିବାସ ପ୍ରଧାନ, ରସା ପ୍ରଧାନ, ଦୁଃଶା ପ୍ରଧାନ, ସିନି ପ୍ରଧାନ, ଝଟକ ପ୍ରଧାନ, ମାଳ ପ୍ରଧାନ, ସେବ ପ୍ରଧାନ, ପି.: ଗଣିଆ ପ୍ରଧାନ, ଜହ୍ନି ପ୍ରଧାନ, ସ୍ୱା.: ଗଣିଆ ପ୍ରଧାନ, ଜୟେଇ ପ୍ରଧାନ, ରାମ ପ୍ରଧାନ, ରବି ପ୍ରଧାନ, ପି.: ସର୍ବ ପ୍ରଧାନ, ଅଖାରୀ ପ୍ରଧାନ, ସ୍ୱା.: ସର୍ବ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ମନ୍ଦ ପ୍ରଧାନ, ମିନିକା ପ୍ରଧାନ, ଭାବିନି ପ୍ରଧାନ, ପି.: ପଦିଆ ପ୍ରଧାନ ଦୁତେଇ ପ୍ରଧାନ, ସ୍ୱା.: ପଦିଆ ପ୍ରଧାନ, ଫିରିଙ୍ଗି ପ୍ରଧାନ, ପି.: ଅନନ୍ତ ପ୍ରଧାନ, ଜା: ଚଷା, ବା: ନିଜିଗାଁ
୧୯	ରୟତି	୧୧୪୧	ଶାରଦ ଅଣଜଳସେଚିତ ତିନି	୦.୦୮୯	୦.୦୫୦	
୧୯	ରୟତି	୨୦୩୧	ଶାରଦ ଅଣଜଳସେଚିତ ତିନି	୦.୧୨୪	୦.୦୮୦	
୧୯	ରୟତି	୧୧୭୫	ଶାରଦ ଅଣଜଳସେଚିତ ଏକ	୦.୩୪୬	୦.୨୬୦	
୧୯	ରୟତି	୨୨୫୩	ଶାରଦ ଅଣଜଳସେଚିତ ଏକ	୦.୦୬୯	୦.୦୩୦	
୧୯	ରୟତି	୨୨୫୨	ଶାରଦ ଅଣଜଳସେଚିତ ଏକ	୦.୦୫୯	୦.୦୨୦	
୧୯	ରୟତି	୨୧୩୮	ଶାରଦ ଅଣଜଳସେଚିତ ଏକ	୦.୦୯୪	୦.୦୧୦	
୧୯	ରୟତି	୨୦୨୭	ଶାରଦ ଅଣଜଳସେଚିତ ତିନି	୦.୦୮୪	୦.୦୩୦	
୧୯	ରୟତି	୨୧୭୭	ଶାରଦ ଅଣଜଳସେଚିତ ଦୁଇ	୦.୧୨୮	୦.୦୬୦	
୨୩	ରୟତି	୨୧୨୭	ଶାରଦ ଅଣଜଳସେଚିତ ଏକ	୦.୦୨୦	୦.୦୨୦	
୨୩	ରୟତି	୨୧୩୪	ଶାରଦ ଅଣଜଳସେଚିତ ଏକ	୦.୦୨୫	୦.୦୨୫	
୨୩	ରୟତି	୧୮୯୬	ତଭଳା	୦.୦୫୪	୦.୦୫୪	
୨୩	ରୟତି	୧୮୫୨	ଶାରଦ ଅଣଜଳସେଚିତ ତିନି	୦.୦୪୦	୦.୦୪୦	
୨୩	ରୟତି	୧୮୫୧	ଶାରଦ ଅଣଜଳସେଚିତ ତିନି	୦.୦୪୦	୦.୦୪୦	
୨୩	ରୟତି	୧୮୫୦	ଶାରଦ ଅଣଜଳସେଚିତ ତିନି	୦.୦୪୦	୦.୦୪୦	କପିଳ ସାହୁ, ଉଦେ ସାହୁ, ପାଣ୍ଡବ ସାହୁ, କସ୍ତୁରୀ ସାହୁ, ଚିତ୍ର ସାହୁ, ପି.: କୁଆଁ ସାହୁ, ଜମ୍ବୁ ସାହୁ, ପି.: ସୋମନାଥ ସାହୁ, କରୁଣାକର ସାହୁ, କିରତୀ ସାହୁ, ରଙ୍ଗ ସାହୁ, ପି.: ଧୋବେଇ ସାହୁ, ଚିନା ସାହୁ, ସ୍ୱା.: ଧୋବେଇ ସାହୁ, ଗଣେଶ୍ୱର ସାହୁ, ଟାଙ୍ଗୁଲୁ ସାହୁ, ଚାଖିରି ସାହୁ, କଲରି ସାହୁ, ଅବଳା ସାହୁ, କମଳା ସାହୁ, ପି.: ମଧୁ ସାହୁ, ଜା: ଚଷା, ବା: ନିଜିଗାଁ
୨୩	ରୟତି	୨୧୮୮	ଶାରଦ ଅଣଜଳସେଚିତ ତିନି	୦.୦୨୦	୦.୦୨୦	
୨୩	ରୟତି	୨୧୮୯	ଶାରଦ ଅଣଜଳସେଚିତ ତିନି	୦.୦୨୫	୦.୦୨୫	
୨୩	ରୟତି	୧୮୯୦	ଶାରଦ ଅଣଜଳସେଚିତ ତିନି	୦.୦୨୦	୦.୦୨୦	
୨୩	ରୟତି	୧୮୮୪	ଶାରଦ ଦୁଇ	୦.୦୪୫	୦.୦୪୫	
୨୩	ରୟତି	୨୦୧୩	ଶାରଦ ଅଣଜଳସେଚିତ ତିନି	୦.୦୪୫	୦.୦୧୦	
୨୩	ରୟତି	୨୧୯୬	ଶାରଦ ଅଣଜଳସେଚିତ ଦୁଇ	୦.୦୬୯	୦.୦୫୦	
୨୪	ରୟତି	୧୨୪୧	ଶାରଦ ଅଣଜଳସେଚିତ ତିନି	୦.୨୦୦	୦.୧୬୦	କମଳା ସାହୁ, ସୀତା ସାହୁ, ଲତା ସାହୁ, ସୁନେଲ ସାହୁ, ପି.: ରତ୍ନା ସାହୁ, ଧୁବୁଣୀ ସାହୁ, ସ୍ୱା.: ରତ୍ନା ସାହୁ, ବଳିଆ ସାହୁ, ରସା ସାହୁ, ପଞ୍ଚୁ ସାହୁ, ଦେବ ସାହୁ, ପଞ୍ଚାଳି ସାହୁ, ନିରାସ ସାହୁ, ପି.: ବିଟି ସାହୁ, ବିଛେଇ ସାହୁ, ସ୍ୱା.: ବିଟି ସାହୁ, ଜା: ଚଷା, ବା: ନିଜିଗାଁ
୨୪	ରୟତି	୧୩୦୪	ତଭଳା	୦.୦୮୯	୦.୦୭୯	
୩୬	ରୟତି	୨୧୮୭	ଶାରଦ ଅଣଜଳସେଚିତ ଦୁଇ	୦.୧୦୪	୦.୧୦୪	କ୍ଷେତ୍ର ସାହୁ, କସ୍ତୁରୀ ସାହୁ, ପି.: ଚୈତନ୍ୟ ସାହୁ, ପ୍ରଭାକର ସାହୁ, ପି.: ନିମେଇଁ ସାହୁ, ହେମ ସାହୁ, ସ୍ୱା.: ନମେଇଁ ସାହୁ, ଫୁଲ ସାହୁ, ସ୍ୱା.: ଭୀମ ସାହୁ, ମିଲୁ ସାହୁ, କୁଳମଣି ସାହୁ, ବାବୁ ସାହୁ, ପି.: ଶଙ୍ଖାଳି ସାହୁ, ପଦିଆ ସାହୁ, ସୁଦର୍ଶନ ସାହୁ, ଚିନୁ ସାହୁ, କନକ ସାହୁ, ପି.: ବହ୍ନେଇ ସାହୁ, ଡମ୍ବୁଲୁ ସାହୁ, ସୁନିଆ ସାହୁ, କାଳିଆ ସାହୁ, ପି.: ମଧୁ ସାହୁ, ଜା: ଚଷା, ବା: ନିଜିଗାଁ
୩୬	ରୟତି	୨୧୩୮	ଶାରଦ ଅଣଜଳସେଚିତ ଏକ	୦.୦୩୭	୦.୦୩୦	
୩୬	ରୟତି	୧୯୧୧	ତଭଳା	୦.୦୩୭	୦.୦୦୫	
୩୬	ରୟତି	୧୯୧୦	ତଭଳା	୦.୦୩୫	୦.୦୧୦	
୩୬	ରୟତି	୧୯୦୬	ତଭଳା	୦.୦୩୦	୦.୦୩୦	
୩୭	ରୟତି	୨୧୩୭	ଶାରଦ ଅଣଜଳସେଚିତ ଦୁଇ	୦.୧୯୫	୦.୧୯୫	ବାବନ ପ୍ରଧାନ, ଈଶ୍ୱର ପ୍ରଧାନ, ପି.: ବିଶ୍ୱଇ ସାହୁ, ସାବିତ୍ରୀ ସାହୁ, ପି.: ବିଶ୍ୱଇ ସାହୁ, ଅଭି ସାହୁ, ପ୍ରଭାକର ସାହୁ, ତୁଳା ସାହୁ, ଗୁଆଣି ସାହୁ, ପି.: ସାର୍ଦୁଳ ସାହୁ, ଗୋଲେଖ ସାହୁ, ପି.: ବଳିଆ ସାହୁ, ରଥି ସାହୁ, ପି.: ନନ୍ଦ ସାହୁ, ବିମ୍ବାଧର ସାହୁ, ହିରା ସାହୁ, ବାଙ୍କି ସାହୁ, ପି.: ବାଞ୍ଛା ସାହୁ, ଅନନ୍ତ ସାହୁ, ରାଧା ସାହୁ, ପି.: ଅର୍ଜୁନ ସାହୁ, ନିରାକାର ସାହୁ, ପି.: ନାରଣ ସାହୁ, ହରି ସାହୁ,ସୀତା ସାହୁ,ଗୀତା ସାହୁ, ପି-ଘୁଙ୍ଗୁଳା ସାହୁ, ବୁଟି ସାହୁ, ସ୍ୱା.: ଘୁଙ୍ଗୁଳା ସାହୁ, ଭରତ ସାହୁ, ଗଡିଆ ସାହୁ, ଇନ୍ଦ୍ରମଣି ସାହୁ, ମହାରାଣୀ ସାହୁ, ମହାଦେଇ ସାହୁ, ପି.: ପଣ୍ଡିତ ସାହୁ, ଆସେଲି ସାହୁ, ସ୍ୱା.: ପଣ୍ଡିତ ସାହୁ, ଜା: ଚଷା, ବା: ନିଜିଗାଁ
୩୭	ରୟତି	୧୮୩୧	ଶାରଦ ଅଣଜଳସେଚିତ ଦୁଇ	୦.୦୫୯	୦.୦୧୦	
୩୮	ରୟତି	୧୧୫୨	ଶାରଦ ଅଣଜଳସେଚିତ ଏକ	୦.୧୦୦	୦.୧୭୦	ଗଗନ ସାହୁ, ପ୍ରଫୁଲ କୁମାର ସାହୁ, ଜୟନ୍ତୀ ସାହୁ, ସଂଯୁକ୍ତା ସାହୁ, ପି.: ନିତ୍ୟାନନ୍ଦ ସାହୁ, ମୋହରି ସାହୁ, ସ୍ୱା.: ନିତ୍ୟାନନ୍ଦ ସାହୁ, ରାଜନ ସାହୁ, ଭଜମନ ସାହୁ, ବୈକୁଣ୍ଠ ସାହୁ, ପି.: ଚୌଧୁରୀ ସାହୁ, ଜା: ଚଷା, ବା: ନିଜିଗାଁ
୪୦	ରୟତି	୨୦୨୮	ଶାରଦ ଅଣଜଳସେଚିତ ତିନି	୦.୦୪୯	୦.୦୪୯	ଗଗନ ସାହୁ, ପ୍ରଫୁଲ ସାହୁ, ଦୈମନ୍ତୀ ସାହୁ, ପି.: ନିତ୍ୟାନନ୍ଦ ସାହୁ, ନୁହୁରାଣି ସାହୁ, ସ୍ୱା.: ନିତ୍ୟାନନ୍ଦ ସାହୁ, ରାଜନ ସାହୁ, ଭଜମନ ସାହୁ, ବୈକୁଣ୍ଠ ସାହୁ, ପି.: ଚୌଧୁରୀ ସାହୁ, ଜା: ଚଷା, ବା: ନିଜିଗାଁ
୪୦	ରୟତି	୨୦୨୯	ଶାରଦ ଅଣଜଳସେଚିତ ତିନି	୦.୦୩୦	୦.୦୩୦	
୪୨	ରୟତି	୨୮୮୬	ତଭଳା	୦.୧୧୯	୦.୦୧୦	ଗଣେଶ୍ୱର ବେହେରା, ପି.: ନିତ୍ୟାନନ୍ଦ ବେହେରା, ଜା: କୁଆର, ବା: କାଣ୍ଡସର
୪୩	ରୟତି	୧୮୨୫	ଶାରଦ ଅଣଜଳସେଚିତ ଦୁଇ	୦.୦୨୫	୦.୦୨୫	ଗଣେଶ୍ୱର ସାହୁ, ପି.: ନକୁଳ ସାହୁ, ଜା: ଚଷା, ବା: ନିଜିଗାଁ
୫୦	ରୟତି	୨୧୭୧	ଶାରଦ ଅଣଜଳସେଚିତ ଏକ	୦.୦୬୨	୦.୦୬୨	ଗୋବର୍ଦ୍ଧନ ପ୍ରଧାନ, ଅମୃତି ପ୍ରଧାନ, ନଳୀ ପ୍ରଧାନ, ପି.: ଗୋପାଳ ପ୍ରଧାନ, ହତିଆ ପ୍ରଧାନ, ଶ୍ରୀକର ପ୍ରଧାନ, ତନୁ ପ୍ରଧାନ, ଝୁଲୁଣୀ ପ୍ରଧାନ, ପ୍ରମିଳା ପ୍ରଧାନ, ପି.: ଏକାଦଶୀ ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରତାପ ପ୍ରଧାନ, ପଦ୍ମିନୀ ପ୍ରଧାନ, ପି.: ବୈରାଗୀ ପ୍ରଧାନ, ପ୍ରମିଳା ପ୍ରଧାନ, ସ୍ୱା.: ବୈରାଗୀ ପ୍ରଧାନ, ପୁରନ୍ଦର ପ୍ରଧାନ, ଲୋକନାଥ ପ୍ରଧାନ, ମହର୍ଗା ପ୍ରଧାନ, ପାଲୁଣି ପ୍ରଧାନ, ପି.: ମଦନ ପ୍ରଧାନ, ବିଟି ପ୍ରଧାନ, ପି.: ମୁରାରୀ ପ୍ରଧାନ, ନୀଳମଣି ପ୍ରଧାନ, ନେଉଳ ପ୍ରଧାନ, ସଜନୀ ପ୍ରଧାନ, ଚଞ୍ଚଳା ପ୍ରଧାନ, ଜନକ ପ୍ରଧାନ, ପି.: ଟିହିଲୁ ପ୍ରଧାନ, କଲରା ପ୍ରଧାନ, ସ୍ୱା.: ଟିହିଲୁ ପ୍ରଧାନ, କୁଳମଣି ପ୍ରଧାନ, ପି.: ପର୍ଶୁରାମ ପ୍ରଧାନ, ଜା: ଚଷା, ବା: ନିଜିଗାଁ
୫୦	ରୟତି	୧୨୮୭	ତଭଳା	୦.୨୪୨	୦.୦୬୬	
୫୦	ରୟତି	୧୨୮୯	ତଭଳା	୦.୦୬୯	୦.୦୫୦	
୫୦	ରୟତି	୧୨୯୨	ତଭଳା	୦.୧୭୩	୦.୦୪୧	
୫୦	ରୟତି	୨୨୫୧	ଶାରଦ ଅଣଜଳସେଚିତ ଏକ	୦.୧୨୮	୦.୦୬୦	
୫୦	ରୟତି	୧୨୮୭	ତଭଳା	୦.୦୫୯	୦.୦୧୦	
୫୦	ରୟତି	୧୨୮୩	ତଭଳା	୦.୨୧୩	୦.୦୧୦	
୫୦	ରୟତି	୧୨୮୮	ତଭଳା	୦.୨୧୩	୦.୦୩୦	

ଖାତା ନଂ.	ସ୍ୱତ୍ୱ	ପ୍ଲଟ ନଂ.	କିସମ	ମୋଟ ରକବା	ଅଧିଗ୍ରହଣ ରକବା	ରୟତଙ୍କ ନାମ
୫୬	ରୟତି	୧୧୩୬	ଶାରଦ ଅଣଜଳସେଚିତ ଏକ	୦.୦୪୦	୦.୦୪୦	ଚେମାର ସାହୁ, ବଂଶୀ ସାହୁ, ମୁରଲୀ ସାହୁ, ଦୁଆରୀ ସାହୁ, ନିଦ୍ରା ସାହୁ ପି: ଜଗ ସାହୁ, ଅକ୍ଷିତ ସାହୁ, ପ୍ରଶନ୍ନ ସାହୁ, ଚିନା ସାହୁ, ଶର ସାହୁ ପି: ସୋମନାଥ ସାହୁ, ରଜନୀ ସାହୁ ସ୍ୱା: ସୋମନାଥ ସାହୁ, ଆକୁଳ ସାହୁ ପି: କେଶବ ସାହୁ, ଗଣେଶ୍ୱର ସାହୁ, ନିର ସାହୁ, ରାଧୁ ସାହୁ, ଦୁତୀ ସାହୁ, ପି : ନକୁଳ ସାହୁ, ନଡିଆ ସାହୁ ସ୍ୱା: ନକୁଳ ସାହୁ, ଟାଙ୍ଗୁରୁ ସାହୁ, ଯାଦବ ସାହୁ, ଲତା ସାହୁ ପି: ଦୋଳ ସାହୁ, ତୈଳିକ୍ୟ ସାହୁ, ତୁଆଣି ସାହୁ, ଅର୍ଣ୍ଣ ସାହୁ ପି: ସୁଦାମ ସାହୁ, ହିରା ସାହୁ ସ୍ୱା: ସୁଦାମ ସାହୁ, ଜା: ଚଷା, ବା: ନିଜିଗାଁ
୫୬	ରୟତି	୧୧୩୭	ଶାରଦ ଅଣଜଳସେଚିତ ତିନି	୦.୦୫୦	୦.୦୫୦	
୫୬	ରୟତି	୧୦୧୬	ଶାରଦ ଅଣଜଳସେଚିତ ତିନି	୦.୦୧୦	୦.୦୧୦	
୫୬	ରୟତି	୧୯୩୮	ଶାରଦ ଅଣଜଳସେଚିତ ତିନି	୦.୦୪୪	୦.୦୩୦	
୫୬	ରୟତି	୧୮୨୭	ଶାରଦ ଅଣଜଳସେଚିତ ତିନି	୦.୦୬୯	୦.୦୫୦	
୫୬	ରୟତି	୧୨୦୧	ଶାରଦ ଦୁଇ	୦.୦୪୯	୦.୦୩୯	
୫୬	ରୟତି	୧୨୦୨	ଶାରଦ ଅଣଜଳସେଚିତ ଦୁଇ	୦.୦୪୪	୦.୦୪୦	
୫୬	ରୟତି	୧୧୮୧	ଶାରଦ ଅଣଜଳସେଚିତ ଦୁଇ	୦.୦୩୦	୦.୦୨୦	
୬୦	ରୟତି	୧୩୧୬	ତଭଳା	୦.୨୫୨	୦.୦୪୦	ଜଗବନ୍ଧୁ ସାହୁ, ଅରୁଣ କୁମାର ସାହୁ, କୋକିଳ ସାହୁ, ପି.: ଭଗବାନ ସାହୁ, ମହର୍ଗି ସାହୁ, ସ୍ୱା.: ଭଗବାନ ସାହୁ, ଜୟ ସାହୁ, ପି.: ଇନ୍ଦ୍ର ସାହୁ, ଜା: ଚଷା, ବା: ନିଜିଗାଁ
୬୧	ରୟତି	୨୦୩୨	ଶାରଦ ଅଣଜଳସେଚିତ ତିନି	୦.୦୫୪	୦.୦୫୪	ଜଗବନ୍ଧୁ ସାହୁ, ଅରୁଣ କୁମାର ସାହୁ, ଗୁରୁବାରି ସାହୁ, କୋକିଳ ସାହୁ, ପି.: ଭଗବାନ ସାହୁ, ମହର୍ଗି ସାହୁ, ସ୍ୱା.: ଭଗବାନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୂର ସାହୁ, ପି.: ଇନ୍ଦ୍ର ସାହୁ, କପିଳା ସାହୁ, ତୁଳସୀ ସାହୁ, ପି.: ଆକୁଳ ସାହୁ, ହେମନ୍ତ ସାହୁ, ତୁଳସୀ ସାହୁ, ପି.: ଗଣେଶ୍ୱର ସାହୁ, ଦ୍ୱାରୀ ସାହୁ, କଷ୍ଟୁ ସାହୁ, ପାର ସାହୁ, ପି.: ସାଧୁ ସାହୁ, ଜା: ଚଷା ବା: ନିଜିଗାଁ
୬୧	ରୟତି	୧୮୯୯	ତଭଳା	୦.୦୩୫	୦.୦୨୫	
୬୧	ରୟତି	୧୧୪୦	ଶାରଦ ଅଣଜଳସେଚିତ ଦୁଇ	୦.୦୧୫	୦.୦୧୫	ଚଙ୍ଗୁଲୁ ପ୍ରଧାନ, ଯାଦବ ପ୍ରଧାନ, ଲତା ପ୍ରଧାନ, ତୈଳିକ୍ୟ ପ୍ରଧାନ, ତୁଆଣି ପ୍ରଧାନ, ଅର୍ଣ୍ଣ ପ୍ରଧାନ, ପି.: ଦୋଳ ପ୍ରଧାନ, ହିରା ପ୍ରଧାନ, ସ୍ୱା.: ଦୋଳ ପ୍ରଧାନ, ଜା: ଚଷା, ବା: ନିଜିଗାଁ
୬୧	ରୟତି	୧୯୩୪	ତଭଳା	୦.୦୬୭	୦.୦୬୭	
୬୨	ରୟତି	୧୮୪୨	ଶାରଦ ଅଣଜଳସେଚିତ ଦୁଇ	୦.୦୩୨	୦.୦୩୨	ଦୟାନିଧି ସାହୁ, ଯୁଧିଷ୍ଠିର ସାହୁ, ଜନାର୍ଦ୍ଦନ ସାହୁ, ପି.: ବିଦ୍ୟାଧର ସାହୁ, ଜା: ଚଷା, ବା: ନିଜିଗାଁ
୬୨	ରୟତି	୧୮୪୦	ଶାରଦ ଅଣଜଳସେଚିତ ଦୁଇ	୦.୦୪୯	୦.୦୪୯	
୬୨	ରୟତି	୩୫୮୩	ଶାରଦ ଅଣଜଳସେଚିତ ଦୁଇ	୦.୦୧୧	୦.୦୨୦	
୬୮	ରୟତି	୨୧୧୬	ଶାରଦ ଅଣଜଳସେଚିତ ଏକ	୦.୧୬୮	୦.୦୧୫	ଦିଗାମ୍ବର ପ୍ରଧାନ, ବିକେଇ ପ୍ରଧାନ, ପି.: ନିମେଇଁ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଡିଲ ପ୍ରଧାନ, ଟଙ୍କ ପ୍ରଧାନ, ଉମା ପ୍ରଧାନ, ସୁମ ପ୍ରଧାନ, ପି.: ସଦାନନ୍ଦ ପ୍ରଧାନ, ହାର ପ୍ରଧାନ, ସ୍ୱା.: ସଦାନନ୍ଦ ପ୍ରଧାନ, ଶ୍ରୀବତ୍ସ ପ୍ରଧାନ, ତୁଆଣି ପ୍ରଧାନ, କନ୍ଧୁଣୀ ପ୍ରଧାନ, ପି.: ଚୈତନ୍ୟ ପ୍ରଧାନ, ପାର ପ୍ରଧାନ, ସ୍ୱା.: ଚୈତନ୍ୟ ପ୍ରଧାନ, ଉବେନାଥ ପ୍ରଧାନ, ପି.: ଘନ ପ୍ରଧାନ, ଜା: ଚଷା, ବା: ଜାମୁଣ୍ଡା ଜଙ୍ଗଲ
୬୮	ରୟତି	୨୭୫୦	ଶାରଦ ଅଣଜଳସେଚିତ ଏକ	୦.୨୫୯	୦.୧୨୦	
୮୦	ରୟତି	୨୨୬୨	ଶାରଦ ଅଣଜଳସେଚିତ ଏକ	୦.୦୮୯	୦.୦୭୦	ଧର୍ମୁ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ସୁମନ୍ତ ପ୍ରଧାନ, ଗଣ୍ଡୁଣି ପ୍ରଧାନ, ପି.: ଦାଶରଥି ପ୍ରଧାନ, ସୁମନ୍ତ ପ୍ରଧାନ, ଶାନ୍ତି ପ୍ରଧାନ, ସତ୍ୟଭାମା ପ୍ରଧାନ, ପି.: ବିଶ୍ୱାମିତ୍ର ପ୍ରଧାନ, ବ

ଏପ୍ରିଲରେ ୨୪% ଅଭିବୃଦ୍ଧି

ନୂଆଦିଲ୍ଲୀ: କ୍ରମାଗତ ଭାବରେ ଦେଶର ରପ୍ତାନି ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ସୂଚନା ଅନୁସାରେ ଏପ୍ରିଲରେ ଭାରତରୁ ବିଭିନ୍ନ ଜିନିଷର ରପ୍ତାନି ୨୪.୨୨% ବୃଦ୍ଧି ଘଟି ୩୮.୧୯ ବିଲିୟନ ଡଲାରରେ ପହଞ୍ଚିଛି। ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପେଟ୍ରୋଲିୟମ୍, ଇଲେକ୍‌ଟ୍ରୋନିକ୍ସ ଏବଂ ରସାୟନ ଉତ୍ପାଦ ଭଳି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଦ୍ୱାରା ରପ୍ତାନିରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି।

ସଂକ୍ଷେପରେ

କୋଇଲା ଯୋଗାଣରେ ୭.୬% ହ୍ରାସ

ନୂଆଦିଲ୍ଲୀ,୩।୫: ଏପ୍ରିଲରେ ଦେଶର ଘରୋଇ କୋଇଲା ଯୋଗାଣ ଲକ୍ଷ୍ୟରେ ୭.୬% ହ୍ରାସ ଘଟିଛି। ନିଜସ୍ୱ ବ୍ୟବହାର ଉଦ୍ଦେଶ୍ୟରେ କମ୍ପାନୀଗୁଡ଼ିକର ମାଲିକାନାରେ ଥିବା ଖଣିଗୁଡ଼ିକରୁ ଉତ୍ପାଦନ ଆବଶ୍ୟକତାଠାରୁ ୩୩% କମ୍ ରହିଥିବା ଏହାର ପ୍ରମୁଖ କାରଣ। ଏହାଛଡ଼ା ବିତରଣ ପାଇଁ ଟ୍ରେନ୍‌ର ଅଭାବ ବିଦ୍ୟୁତ୍ ସଙ୍କଟକୁ ଆହୁରି ବଢ଼ାଇଦେଇଥିଲା। ସୂଚନାଯୋଗ୍ୟ, ଏପ୍ରିଲରେ ବିଦ୍ୟୁତ୍ ଚାହିଦା ଉଚ୍ଚ ସ୍ତରରେ ଥିବାରୁ ଗତ ୬ବର୍ଷ ମଧ୍ୟରେ ଦେଶକୁ ଅତ୍ୟଧିକ ବିଦ୍ୟୁତ୍ ସଙ୍କଟର ସାମ୍ନା କରିବାକୁ ପଡ଼ିଥିଲା। ଏହାଛଡ଼ା ଚଳିତ ବର୍ଷ ଗତ ୪ ଦଶନ୍ଧି ମଧ୍ୟରେ ବିଦ୍ୟୁତ୍ ଚାହିଦା ସର୍ବାଧିକ ରହିବ ବୋଲି ଆଶା କରାଯାଉଛି। ଏପ୍ରିଲରେ ବିଦ୍ୟୁତ୍ କ୍ଷେତ୍ରରେ ଦେଶର କୋଇଲା ଯୋଗାଣ ୬୧.୭୨ ମିଲିୟନ ଟନ୍ ରହିଥିଲା। ତେବେ ଉକ୍ତ କ୍ଷେତ୍ର ପାଇଁ ଏପ୍ରିଲରେ ୬୬.୮ ମିଲିୟନ ଟନ୍ କୋଇଲା ଯୋଗାଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍ ଇଣ୍ଡିଆ କୋଇଲା ଯୋଗାଣ କ୍ଷେତ୍ରରେ ବାର୍ଷିକ ୮୦% ଅଂଶୀଦାର । ଏହା ଗତ ବର୍ଷ ଅପେକ୍ଷା ୧୫.୬% ଅଧିକ ଅର୍ଥାତ୍ ୪୯.୭ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଛି। ତଥାପି କୋଲ୍ ଇଣ୍ଡିଆ ଚଳିତ ବର୍ଷ ପାଇଁ ଧାର୍ଯ୍ୟ ହୋଇଥିବା ୫୧ ମିଲିୟନ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟଠାରୁ କମ୍ ରହିଛି।

କୋହିନୁରକୁ ଅଧିଗ୍ରହଣ କଲା ଆଦାନୀ ୱିଲ୍‌ମର

ନୂଆଦିଲ୍ଲୀ,୩।୫: ଗୌତମ ଆଦାନୀଙ୍କ ଆଦାନୀ ୱିଲ୍‌ମର ପକ୍ଷରୁ ମଙ୍ଗଳବାର ସୁଇଜରଲାଣ୍ଡର ଅଗ୍ରଣୀ କମ୍ପାନୀ ମ୍ୟାକ୍‌କାର୍ମିକ୍‌ର ପ୍ରସିଦ୍ଧ ପ୍ରିମିୟମ୍ ରାଇସ୍ ବ୍ରାଣ୍ଡ୍ 'କୋହିନୁର'କୁ ଅଧିଗ୍ରହଣ କରାଯାଇଛି। ଆଦାନୀ ୱିଲ୍‌ମର ପକ୍ଷରୁ ଶେୟାର ବଜାରକୁ ଦିଆଯାଇଥିବା ସୂଚନା ଅନୁସାରେ, କୋହିନୁର ବ୍ରାଣ୍ଡ୍ ଅନ୍ତର୍ଗତ କୋହିନୁର ବାସ୍‌ମତି ଚାଉଳ, ରେଡ୍ଡି ଟୁ କୁକ୍ ଓ ରେଡ୍ଡି ଟୁ ଇଟ୍ କରା ଏବଂ ମିଲ୍‌ସ ପୋର୍ଟଫୋଲିଓର ଅଧିଗ୍ରହଣ କରାଯାଇଛି। କୋହିନୁର ଭାରତରେ ଏକ ବିଶ୍ୱସନୀୟ ବ୍ରାଣ୍ଡ୍ ଏବଂ ଗ୍ରାହକମାନେ ଏହାକୁ ବିଶେଷ ପସନ୍ଦ କରିଥାନ୍ତି। କମ୍ପାନୀର ବ୍ୟବସାୟିକ କୌଶଳ ଅନୁସାରେ ଅଧିକ ମାର୍ଜିନ୍ ଥିବା ଉତ୍ପାଦରେ ବିସ୍ତାର କରିବା ଯୋଜନା ନେଇ ଏହି ଅଧିଗ୍ରହଣ କରାଯାଇଥିବା ଆଦାନୀ ୱିଲ୍‌ମର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଅଂଶୁ ମଲ୍ଲିକ କହିଛନ୍ତି। ଏହାଛଡ଼ା ପ୍ୟାକେଜ୍‌ଡ ଫୁଡ୍ ଇଣ୍ଡଷ୍ଟ୍ରିରେ ବର୍ତ୍ତମାନ ବିକାଶର ଅନେକ ସମ୍ଭାବନା ରହିଥିବା ମଧ୍ୟ ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆଦାନୀ ୱିଲ୍‌ମର ଫର୍‌ଚ୍ୟୁନ୍ ବ୍ରାଣ୍ଡ୍ ପକ୍ଷରୁ ଖାଇବା ତେଲ ଏବଂ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇଥାଏ। ଏହାପୂର୍ବରୁ କମ୍ପାନୀ ପଶ୍ଚିମବଙ୍ଗର ଏକ ରାଇସ୍ ପ୍ରୋସିଡିଂ ୟୁନିଟ୍ କ୍ରୟ କରି ଚାଉଳ ସେକ୍ଟରରେ ପ୍ରବେଶ କରିଥିଲା।

ଓଡ଼ିଶାରେ ୧୭୦ କୋଟିର ବ୍ୟବସାୟ

- ୫ବର୍ଷ ପରେ ଆଶାନୁରୂପ କାରବାର
- ଅଫର ସାଙ୍ଗକୁ ଆକର୍ଷଣୀୟ ସୁବିଧା ପ୍ରଦାନ

ଭୁବନେଶ୍ୱର,୩।୫

ଓଡ଼ିଆ ପରମ୍ପରାରେ ପବିତ୍ର ଅକ୍ଷୟ ତୃତୀୟା ଅନେକ କାରଣରୁ ଶୁଭ ବୋଲି ଧରାଯାଏ। ଏହିଦିନ ମହାପ୍ରଭୁଙ୍କ ରଥକାଠ ଅନୁକୂଳଠାରୁ ଅନେକ କିଛି ଶୁଭ ସମୟ ପଡ଼ିଥାଏ। ଫଳରେ ହିନ୍ଦୁ ରୀତିନୀତି ଅନୁସାରେ ଅକ୍ଷୟ ତୃତୀୟାରେ ଲୋକମାନେ କିଛି ମୂଲ୍ୟବାନ୍ ବସ୍ତୁ ନିଜ ସକ୍ଷମ ଅନୁସାରେ ଘରକୁ କ୍ରୟକରି ଆଣିଥାନ୍ତି। କାରଣ ମୂଲ୍ୟବାନ୍ ବସ୍ତୁ (ସୁନା, ରୁପା ଓ ହୀରା) ଆଦି ଉଭୟ ଘର, ପରିବାର ପରିଜନଙ୍କ ପାଇଁ ଶୁଭଙ୍କର ବୋଲି ବିଶ୍ୱାସ ରହିଛି। ବିଶେଷକରି ଚଳିତ ବର୍ଷ ବନ୍ୟା, ବାତ୍ୟା କିମ୍ବା କୋଭିଡ୍‌ର ଭୟ ଓ ସମସ୍ୟା ନ ଥିବାରୁ ଉଭୟ ଗ୍ରାହକ ଓ ବ୍ୟବସାୟଙ୍କ ମନରେ ଅନେକ ଉତ୍ସାହ ପରିଲକ୍ଷିତ ହୋଇଛି। ବିଭିନ୍ନ କାରଣ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଗତ ୫ବର୍ଷ ହେବ ପାର୍ବଣ ଉତ୍ସବର କାରବାର ମାନ୍ଦା ରହିଥିଲା। ଏପରିକି ଗତ ୨ବର୍ଷ ହେବ କୋଭିଡ୍ ମହାମାରୀ ଯୋଗୁ ଅକ୍ଷୟ ତୃତୀୟା ସୁନା ବ୍ୟବସାୟ ଏକ ପ୍ରକାର ବନ୍ଦ ରହିଥିଲା।

ଏ ବର୍ଷ ସବୁ କିଛି ଠିକ୍ ଥିବାରୁ ଉଭୟ ଗ୍ରାହକ ଓ ବ୍ୟବସାୟୀ ଚଳିତ ବର୍ଷର ଅକ୍ଷୟ ତୃତୀୟାକୁ ଭଲ ଭାବେ ପାଳନ କରିବା ସହ କାରବାର ମଧ୍ୟ ଆଶାନୁରୂପ ହୋଇଥିବା ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ଗହଣା ବ୍ୟବସାୟୀ ଓ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ କୁହାଯାଇଛି। ଏପରିକି ସରକାରଙ୍କ କୋଭିଡ୍ ନିୟମାବଳୀ ମଧ୍ୟରେ ତୃତୀୟା ପର୍ବ ପାଳନ କରାଯାଇଥିବା ସୁନା ବ୍ୟବସାୟୀମାନେ କହିଛନ୍ତି। ଗ୍ରାହକଙ୍କ ଚାହିଦା ଓ ବିବାହ ଋତୁକୁ ଆଖି ଆଗରେ ରଖି ରାଜ୍ୟର ସମସ୍ତ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ ଅଫର ଓ ସୁବିଧା ପ୍ରଦାନ କରାଯାଇଥିଲା। ସେହିପରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିଷ୍ଠାନରେ ନୂତନ ଉତ୍ପାଦ ଓ ଡିଜାଇନର ସମ୍ଭାର ଓ ପ୍ରଦର୍ଶନୀ ମଧ୍ୟ କରାଯାଇଥିଲା।

ବିଶେଷକରି ଗତ ୨ ସପ୍ତାହ ହେବ ଉଭୟ ସୁନା ଓ ରୁପା ମୂଲ୍ୟ ମଧ୍ୟ ପୂର୍ବାପେକ୍ଷା କିଛି ପରିମାଣରେ କମ୍ ରହିଛି। ତା' ସହିତ ବୁଧବାର ଓଡ଼ିଶାରେ ଅନେକ କାରଣରୁ ଶୁଭ ଦିନ ଓ ପର୍ବ ଭିତ୍ତିକ ଦିନ ଥିବାରୁ ରାଜ୍ୟ ସମସ୍ତ ପ୍ରମୁଖ ଗହଣା ଦୋକାନରେ ଗ୍ରାହକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ବୁଧବାର ସକାଳ ୯ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଗ୍ରାହକଙ୍କ ଭିଡ଼ ସୁନା ଦୋକାନଗୁଡ଼ିକରେ ଲାଗି ରହିଥିଲା। ଖରା ପାଇଁ ମଧ୍ୟାହ୍ନରେ ବ୍ୟବସାୟ କିଛି ପରିମାଣରେ ହ୍ରାସ ପାଇଥିଲେ ମଧ୍ୟ ମୋଟାମୋଟି ଭାବେ ଅକ୍ଷୟ ତୃତୀୟା ବ୍ୟବସାୟ ବ୍ୟବସାୟୀଙ୍କ ଆଶାନୁସାରେ ହୋଇଥିବା କୁହାଯାଇଛି।

ବୁଧବାର ଭୁବନେଶ୍ୱରରେ ସୁନା ଦର ୪୫,୦୦୦ରୁ ୪୭,୦୦୦ ଟଙ୍କା ରହିଥିବା ବେଳେ ରୁପା ମୂଲ୍ୟ କେଜି ପିଛା ୬୮,୦୦୦ଟଙ୍କା ରହିଥିଲା। ସେହିଭଳି ହୀରା ମୂଲ୍ୟ କ୍ୟାରେଟ ପିଛା ୮୦,୦୦୦ ରହିଥିବା ସୂଚନା ମିଳିଛି। ବର୍ତ୍ତମାନ ସମୟରେ ଉଭୟ ସୁନା ଓ ହୀରା ମୂଲ୍ୟ ପୂର୍ବାପେକ୍ଷା କମ୍ ଥିବାରୁ ଆଗକୁ ବାହାଘର ଓ ଅନ୍ୟାନ୍ୟ ପାର୍ବଣ ଓ ଶୁଭକାର୍ଯ୍ୟ ରହିଥିବା ଯୋଗୁ ଅକ୍ଷୟ ତୃତୀୟାରେ ଭଲ କାରବାର କରିଥିବା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ କୁହାଯାଇଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ପ୍ରାୟ ୧୭୦ କୋଟି ଟଙ୍କାର ସୁନା,ରୁପା ଓ ହୀରାର କାରବାର ହୋଇଛି। ସେହିପରି ଭୁବନେଶ୍ୱରର ପ୍ରମୁଖ ସୁନା ଶୋ'ରୁମ୍‌ଗୁଡିକ ପ୍ରାୟ ୭୦ କୋଟି ଟଙ୍କାର କାରବାର କରିଥିବା ବେଳେ ସହରର ଅନ୍ୟ ଛୋଟବଡ଼ ସୁନା ବ୍ୟବସାୟୀ ମଧ୍ୟ ୫ରୁ ୧୦ କୋଟି କାରବାର କରିଥିବା ଜଣାପଡିଛି। ସେହିପରି ରାଜ୍ୟର ପ୍ରମୁଖ ସହର କଟକ, ବାଲେଶ୍ୱର, ପୁରୀ , ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଭଳି ୩୦ ଜିଲାର ସହରାଞ୍ଚଳାରେ ଥିବା ସୁନା ଦୋକାନରେ ପ୍ରାୟ ୭୦ରୁ ୮୦ କୋଟି ଟଙ୍କା କାରବାର ହୋଇଥିବା ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଭୁବନେଶ୍ୱରର କିଛି ପ୍ରମୁଖ ଗହଣା ଶୋ'ରୁମ୍‌ଗୁଡିକ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବହୁଦିନ ପରେ ଭଲ ପାଗ ଓ ପରିସ୍ଥିତିକୁ ଦେଖି ବ୍ୟବସାୟୀମାନେ ଅକ୍ଷୟ ତୃତୀୟା ପରିପ୍ରେକ୍ଷୀରେ ଆକର୍ଷଣୀୟ ଅଫର ଓ ଅନ୍ୟାନ୍ୟ ସୁବିଧା ଓ ଉପହାର ପ୍ରଦାନ ପରି ବିଶେଷ ସୁବିଧା ଯୋଗାଇ ଦେଇଥିବାରୁ ଚଳିତ ବର୍ଷର କାରବାର ଅନେକ ବର୍ଷର ରେକର୍ଡ ସହ ସମକକ୍ଷ ହୋଇପାରିଛି ବୋଲି କୁହାଯାଇଛି।

ସ୍ୱର୍ଣ୍ଣରେ ୩ଦିନିଆ ଫେଲୋଶିପ୍ ପ୍ରୋଗ୍ରାମ

ଭୁବନେଶ୍ୱର,୩।୫

ଇଣ୍ଡିଆନ ଆସୋସିଏସନ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେଷ୍ଟିନାଲ୍ ଏଣ୍ଡୋ-ସର୍ଜନ (ଆଇଏଜିଇଏସ୍)ର ଓଡ଼ିଶା ଶାଖା ପକ୍ଷରୁ 'ଲାପାରୋସ୍କୋପିକ୍ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ୍ ସର୍ଜରି ଉପରେ ଏକ ୩ ଦିନିଆ ଫେଲୋଶିପ୍ ପ୍ରୋଗ୍ରାମ ସ୍ୱର୍ଣ୍ଣ ହସ୍ପିଟାଲ ପରିସରରେ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମଗ୍ର ଭାରତରୁ ୧୫୦ଜଣ ବରିଷ୍ଠ ସର୍ଜନ ଆସିଥିବା ଜଣାପଡ଼ିଛି। ବିଶେଷକରି ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, କୋଲକତା, ମୁମ୍ବାଇ, ଝାଡ଼ଖଣ୍ଡ, ବିହାର ଏବଂ ତାମିଲନାଡୁ ଭଳି ରାଜ୍ୟରୁ ଚିକିତ୍ସକମାନେ ଅଂଶଗ୍ରହଣ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମ ଏହାର ପରିଚଳନା ଅଧ୍ୟକ୍ଷ ଡା. ଚିତ୍ତରଞ୍ଜନ ଦାସ, ପରିଚଳନା ନିର୍ଦ୍ଦେଶକ ଡା. ଶ୍ରୀଜୟ ପଟ୍ଟନାୟକ, ପରିଚାଳନା ସଚିବ ଡା. ମାଧୁରୀ ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣ ହସ୍ପିଟାଲ ମୁଖ୍ୟ ଚେୟାରମ୍ୟନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡା. ପ୍ରିୟବ୍ରତ ଧୀର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ।

ଆଇଏଜିଇଏସ୍‌ରେ ଭାରତର ବିଭିନ୍ନ ରାଜ୍ୟରୁ ୯୦୦୦ରୁ ଅଧିକ ସର୍ଜନ ପଞ୍ଜୀକରଣ କରିଛନ୍ତି। ଏହି ପଞ୍ଜୀକୃତ ସଂସ୍ଥା ସଚେତନତା, ଉନ୍ନତ ଶିକ୍ଷା, ଲାପୋରାସ୍କୋପିକ୍ ସର୍ଜରିର ମୌଳିକତା, ଉନ୍ନତ ଲାପାରୋସ୍କୋପିକ୍ ପ୍ରଣାଳୀ ଉପରେ ଧ୍ୟାନଦେବା ପାଇଁ ସଚେତନତା ଏବଂ ହ୍ୟାଣ୍ଡ-ଅନ୍-ଟ୍ରେନିଂ ଉଦ୍ଦେଶ୍ୟରେ ଗଠିତ। ଏହି ଟେକ୍ନୋଲୋଜି ଦ୍ୱାରା ସର୍ବନିମ୍ନ ଅସ୍ତ୍ରୋପଚାରରେ ରୋଗୀର ଜୀବନକୁ କମ୍ ସମୟରେ ବ୍ୟବଧାନରେ ଶୀଘ୍ର ପୁନରୁଦ୍ଧାର ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭଲ ଉପଚାର ସହିତ ସର୍ଜରିରେ ଜଟିଳତାକୁ ରୋକାଯାଇପାରିବ।

ଏହି ଅବସରରେ ଆଇଏଜିଇଏସ୍‌ର ସଭାପତି ବିଶିଷ୍ଟ ଗ୍ୟାଷ୍ଟ୍ରୋ ଏଣ୍ଡୋ ସର୍ଜନ ଡା. ଏଲ୍. ପି. ଥାଙ୍ଗାଭେଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଆଇଏଜିଇଏସ୍ ସଚିବ ଡା. ସତୀଶ ମିଧା, କୋଷାଧ୍ୟକ୍ଷ ଡା. କେ. ଗୋବିନ୍ଦରାଜ, ନିର୍ବାଚିତ ସଭାପତି ଡା. ଈଶ୍ୱରମୂର୍ତ୍ତି, ଭୂତପୂର୍ବ ସଭାପତି ଡା.ସୁନୀଲ ଡି ପପାଟ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଇସିର ଦକ୍ଷିଣ ଜୋନ୍, ଉତ୍ତର ଜୋନ୍, ପୂର୍ବ ଜୋନ୍, ପଶ୍ଚିମ ଜୋନ୍ ଏବଂ ଏଫ୍‌ଆଇଏଜିଇଏସ୍ ବୋର୍ଡର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଜେଏସ୍‌ଏଲ୍‌ର ଶେଷ ଆର୍ଥିକ ଫଳାଫଳ

ନୂଆଦିଲ୍ଲୀ,୩।୫

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍ (ଜେଏସ୍‌ଏଲ୍)ର କ୍ୟୁ୪ ଏଫ୍‌ୱାଇ୨୨ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ଆର୍ଥିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। କମ୍ପାନୀ ଯୋଗାଣ ଶୃଙ୍ଖଳା ଓ ଉତ୍ପାଦ ବାସ୍କେଟ ପରିଚାଳନାରେ ଆଡପ୍ଟିଭ କୌଶଳକୁ ଆପଣାଇ ଏକ ଦୃଢ଼ ପ୍ରଦର୍ଶନ ବଜାୟ ରଖିଛି। ଫଳରେ କଞ୍ଚାମାଲ ଯୋଗାଣ ଓ ସାମଗ୍ରୀରେ ଅସ୍ଥିରତା ଓ ବିଶ୍ୱସ୍ତରୀୟ ମାନ୍ଦାବସ୍ଥା ସତ୍ତ୍ୱେ କମ୍ପାନୀ ଏହାର ରପ୍ତାନି ବିକ୍ରୟ ଅନୁପାତକୁ କ୍ୟୁ୪ଏଫ୍‌ୱାଇ ୨୨ରେ ମୋଟ ବିକ୍ରୟ ପରିମାଣର ୩୨%କୁ ଦ୍ୱିଗୁଣିତ କରି କ୍ୟୁ୪ଏଫ୍‌ୱାଇ ୨୧ ତୁଳନାରେ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ବିଶେଷ ଧ୍ୟାନ ଦେଉଛି। ଏହାର ରାଜସ୍ୱ, ଇବିଆଇଡିଟିଏ ଓ ପିଏଟି କ୍ୟୁ୪ଏଫ୍‌ୱାଇ ୨୧ ତୁଳନାରେ ଯଥାକ୍ରମେ ୬୫%, ୪୬% ଓ ୧୫୨% ବୃଦ୍ଧି ପାଇଛି। ବିଶେଷକରି ଚଳିତ ବର୍ଷ ମାର୍ଚ୍ଚ ୩୧ସୁଦ୍ଧା ନିଟ୍ ବାହ୍ୟ ଡେବିଟ ଆଇଏନ୍‌ଆର୍ ୧୪୫୬ରେ ରହିଛି ଓ ଏହାର ଅନୁପାତ ୦.୬କୁ ହ୍ରାସ ପାଇଛି। ସିପିଏଲ୍‌ୱାଇ ତୁଳନାରେ କ୍ୟୁ୪ଏଫ୍‌ୱାଇ ୨୨ ପାଇଁ ସୁଧ ମୂଲ୍ୟ ୨୫% ଆଇଏନ୍‌ଆର ୬୮କୋଟିରୁ କମ୍ ହୋଇଛି। ଏକୀଭୂତ ଭିତ୍ତିରେ ଜେଏସ୍‌ଏଲ୍ କ୍ୟୁ୪ଏଫ୍‌ୱାଇ ୨୨ରେ ଆଇଏନ୍‌ଆର୍ ୬୫୬୪ ରାଜସ୍ୱ ରେକର୍ଡ କରିଛି। ସେହିପରି ଇବିଆଇଡିଟିଏ ଓ ପିଏଟି ଯଥାକ୍ରମେ ଆଇଏନ୍‌ଆର୍ ୮୪୨ କୋଟି ଓ ୭୫୦ କୋଟି ରହିଛି। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, କମ୍ପାନୀର ରଣନୀତିକ ନିଷ୍ପତ୍ତି ଆମର ରପ୍ତାନି ବିକ୍ରୟ ଉପରେ ପର୍ଯ୍ୟବସିତ ଓ ଏଥିପାଇଁ ଆମେ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଗୁରୁତ୍ୱ ଦେଉଛୁ। ଏହା ମଧ୍ୟ ଘରୋଇ ବଜାରରେ କିଛି ଆହ୍ୱାନମୂଳକ ସେଗ୍‌ମେଣ୍ଟ ମାଧ୍ୟମରେ କମ୍ପାନୀ ପରିଚାଳନା କରିବାକୁ ସକ୍ଷମ ହୋଇଥିଲା। ଏହା ଚାଇନା ଓ ଇଣ୍ଡୋନେସିଆରୁ ସବ୍‌ସିଡିପ୍ରାପ୍ତ ଆମଦାନୀକୁ ସାମ୍ନା କରିଥିଲା। ଭିତ୍ତିଭୂମିରେ ଷ୍ଟେନ୍‌ଲେସ ଷ୍ଟିଲ୍‌ର ପ୍ରୟୋଗ ନୂଆ ସୁଯୋଗ ସୃଷ୍ଟି ଓ ଗ୍ରୀନ୍ ହାଇଡ୍ରୋଜେନ ଏବଂ ଇଥାନଲ ପରି ନୂଆ ଉତ୍ପାଦ ଓ ଇକୋ ସିଷ୍ଟମକୁ ବିକଶିତ କରିବା ଲାଗି ଗ୍ରାହକମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କରିବାକୁ ପ୍ରୟାସ ଜାରି ରଖିଛୁ।

ଓଜିବିର ବୋର୍ଡ କମିଟି ବୈଠକ

ଭୁବନେଶ୍ୱର,୩।୫

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ର ୫୮ତମ ବୋର୍ଡ କମିଟି ବୈଠକ ପୁରୀର ଜମିଦାର ପ୍ୟାଲେସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବୋର୍ଡର ସମସ୍ତ ସଦସ୍ୟ ଯଥା ଓଜିବିର ଅଧ୍ୟକ୍ଷ ମୋହନ. ଏମ୍, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ମହାପ୍ରବନ୍ଧକ ସୁଶୀଲ ଚନ୍ଦ୍ର ମହନ୍ତ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଦିଲୀପ କୁମାର ବାରିକ, ନାବାର୍ଡର ଉପ ମହାପ୍ରବନ୍ଧକ ରାମଚନ୍ଦ୍ର ସାହୁ, ଭାରତୀୟ ରିଜର୍ଭ ବ୍ୟାଙ୍କର ଉପ ମହାପ୍ରବନ୍ଧକ ବିଶ୍ୱରଞ୍ଜନ ପାତ୍ର ଏବଂ ଅର୍ଥ ବିଭାଗର ନିର୍ଦ୍ଦେଶିକା ପ୍ରଜ୍ଞାସ୍ମିତା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ଆର୍ଥିକ ବର୍ଷ ୨୦୨୧-୨୨ର ବାଲାନ୍ସ ସିଟ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଗତ ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ ବ୍ୟାଙ୍କ ଲାଭ ଅର୍ଜନ କରିଥିବାରୁ ବୋର୍ଡର ଅନ୍ୟ ସଦସ୍ୟମାନେ ବ୍ୟାଙ୍କ ଅଧ୍ୟକ୍ଷଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ତେବେ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ କିପରି ଏହି ଧାରା ବଜାୟ ରଖିବ ଏବଂ ଅନାଦେୟ ଋଣ ପରିମାଣ କମ୍ ରହିବ ସେ ସମ୍ପର୍କରେ ମଧ୍ୟ ବୋର୍ଡର ସଭ୍ୟମାନେ ସବିଶେଷ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍. ପରିଚାଳନା କରିଥିଲେ।

ଆଜିଠାରୁ ଏଲ୍‌ଆଇସି ଆଇପିଓ

ନୂଆଦିଲ୍ଲୀ,୩।୫

ସମସ୍ତ ଅପେକ୍ଷାର ଅନ୍ତ ଘଟାଇ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ବହୁ ପ୍ରତୀକ୍ଷିତ ତଥା ଦେଶର ସର୍ବବୃହତ୍ତ ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ) ବୁଧବାର ଲଞ୍ଚ ହେବାକୁ ଯାଉଛି। ଆଇପିଓ ଅର୍ଥାତ୍ ମେ' ୪ରେ ଖୋଲିବ ଏବଂ ୪ଦିନ ପରେ ଅର୍ଥାତ୍ ୯ ତାରିଖରେ ବନ୍ଦ ହୋଇଯିବ। ଆଇପିଓ ବନ୍ଦ ହେବାର ଠିକ୍ ଏକ ସପ୍ତାହ ପରେ ଅର୍ଥାତ୍ ମେ'୧୭ରେ ଷ୍ଟକ୍ ଏକ୍ସଚେଞ୍ଜ ତାଲିକାଭୁକ୍ତ ହେବ ବୋଲି ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ (ଦିପମ୍) ସଚିବ ତୁହିନକାନ୍ତ ପାଣ୍ଡେ ଏପ୍ରିଲ୍ ୨୭ରେ

ବାଇକ୍‌ରୁ ପଡ଼ି ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ କାଉଗୁଡା ଗ୍ରାମରେ ମଙ୍ଗଳବାର ବାଇକ୍‌ରୁ ପୋଲ ତଳକୁ ଖସିପଡ଼ି ଜଣେ ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୁନାଗଡ ଥାନା ଆଟିଗାଁ ଗ୍ରାମର ଶ୍ରବଣ କୁମାର ପଧାନ। ସୂଚନା ଅନୁଯାୟୀ, ଶ୍ରବଣ ଓ ତାଙ୍କ ସମ୍ପର୍କୀୟ ଜଣେ ବାଇକ୍‌ରେ ଯାଉଥିବା ବେଳେ କାଉଗୁଡାଠାରେ ଥିବା ଏକ ପୋଲ ତଳକୁ ଭାରସମ୍ୟ ହରାଇ ଖସିପଡ଼ିଥିଲେ। ଫଳରେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରବଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ସମ୍ପର୍କୀୟ ଗୁରୁତର ଆହତ ହୋଇଛନ୍ତି।

ଭୀମପାହାଡ଼ ମହୋତ୍ସବ ଉଦ୍‌ଘାଟିତ

ଦେଓଗାଁ, ୩।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡରେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଅଷ୍ଟମ ଭୀମପାହାଡ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଭୀମପାହାଡ ମହୋସବ କମିଟି, ଗିରିଗୋବର୍ଦ୍ଧନ ପୂଜା କମିଟି ଓ ପଞ୍ଚାୟତବାସୀଙ୍କ ଆୟୋଜନରେ ଅନୁଷ୍ଠିତ ମହୋତ୍ସବର ଉଦ୍‌ଘାଟନୀ ଦିବସ ସକାଳେ କୁମୁରିଆ ଶୁଲିଆପୀଠ, ଉପରଝର ପାଟଖଣ୍ଡା ମନ୍ଦିର, ଆଟଗାଁ ଓ ମହିମୁଣ୍ଡାରୁ ଏକ ଶୋଭାଯାତ୍ରାରେ ମଶାଲ ଅଣାଯାଇଥିଲା। ମୁଖ୍ୟଅତିଥିଭାବେ ଆଦିବାସୀ ନେତା ସତ୍ୟନାରାୟଣ ଭୋଇ ଯୋଗଦେଇ ମଶାଲକୁ ସ୍ୱାଗତ କରିଥିଲେ । ମହୋତ୍ସବ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସନ୍ଧ୍ୟା ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନୀତ ଅତିଥି ବଲାଙ୍ଗୀର ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ଡ. ସୁଧାଂଶୁ ଭୂଷଣ ମେହେର, ସୁମତୀ ସେଠ, ଅନାମିକା ହୋତା, ସଙ୍ଗୀତା ସୁନା, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ସମିତି ସଭ୍ୟ ଅଭିମନ୍ୟୁ ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ମହୋତ୍ସବ କଳା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବିତ ରଖିପାରିଛି ବୋଲି ଅତିଥିମାନେ ମତ ରଖିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଗଞ୍ଜାମର ଯୋଡିଶଙ୍କ ଓ ଗୋଟିପୁଅ, ଧନମହୁରି ପୁଇଁତଳା, ଟିଟିଲାଗଡର ଢାପ, ଆସାମର ବିହୁ ଓ ପଶ୍ଚିମବଙ୍ଗର ଛଉନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ଉପଭୋଗ କରିଥିଲେ ।

ଉଦ୍‌ଘାଟନ ଅବସରରେ ଗଞ୍ଜାମ କଳାକାରଙ୍କ ଯୋଡିଶଙ୍କ ନୃତ୍ୟ ପରିବେଷଣ।

ପିଏଫ୍‌ଏ ସେକ୍ରେଟାରି ଜୀବନବଲ୍ଲଭ ଦାସ କଳା ତାଲିକାଭୁକ୍ତ

ଭୁବନେଶ୍ୱର, ୩।୫(ବ୍ୟୁରୋ)

ରାଜ୍ୟ ସରକାର ପିପୁଲ୍ ଫର୍ ଆନିମଲ୍ସ (ପିଏଫ୍‌ଏ) ଭୁବନେଶ୍ୱରର ସେକ୍ରେଟାରି ଜୀବନ ବଲ୍ଲଭ ଦାସଙ୍କୁ କଳା ତାଲିକାଭୁକ୍ତ କରିଛନ୍ତି। ଏ ନେଇ ରାଜ୍ୟ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ତଥା ଷ୍ଟେଟ୍ ଆନିମଲ ୱେଲଫେୟାର ବୋର୍ଡର ମେମ୍ବର ସେକ୍ରେଟାରି ଡ. ୟେଦୁଲା ବିଜୟ ସମସ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଜୀବନ ବଲ୍ଲଭଙ୍କୁ କୌଣସି ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମରେ ସାମିଲ ନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ ରହିଛି ଯେ, ୨୦୦୭ ମସିହାରେ ଜୀବନ ବଲ୍ଲଭ ସରକାରୀ ଅର୍ଥ ତୋଷରପାତ କରିଥିଲେ। ତେବେ ଜାଣିଶୁଣି କୁକୁର ବନ୍ଧ୍ୟାକରଣ କାମ ନ କରି ସରକାରୀ ଟଙ୍କା ହଡ଼ପ କରିବା ପାଇଁ ତତ୍କାଳୀନ ସିଟି ହେଲ୍‌ଥ ଅଫିସରଙ୍କ ଦସ୍ତଖତକୁ ମଧ୍ୟ ଜାଲ କରିଥିଲେ। ଏନେଇ ସେତେବେଳେ ବରଗଡ଼ ଓ ଖାରବେଳ ନଗର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା, ଯାହାର ଏଯାବତ ତଦନ୍ତ ଜାରି ରହିଛି। ଏହି କାରଣରୁ ଜୀବନବଲ୍ଲଭଙ୍କୁ ସରକାରଙ୍କ କୌଣସି ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମରେ ସାମିଲ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଟ୍ରକ୍‌ରେ ପିଟି ହୋଇ ୨ ବାଇକ୍ ଆରୋହୀ ମୃତ

କେସିଙ୍ଗା,୩।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ନିକଟରେ ମଙ୍ଗଳବାର ସକାଳେ ଏକ ଟ୍ରକ୍‌ରେ ପିଟି ହୋଇ ୨ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପିଣ୍ଟୁ ସାହା (୩୫) ଓ ତୁଷାର ମାଝି (୨୫)। ପୋଲିସ ସୂଚନା ଅନୁଯାୟୀ କେସିଙ୍ଗା ଏନ୍‌ଏସି ୱାର୍ଡ଼ ନଂ.୮ର ପିଣ୍ଟୁ, କରୁଣା ମାଝି (୨୨), ତୁଷାର ଏବଂ ଅନ୍ୟ ଏକ ଗାଁର ସମୀର ରଣା (୧୪) ବାଇକ୍ (ନଂ.ଓଡି୦୮ଏନ୍୦୩୯୧)ରେ କନ୍ତେଶିରରୁ ବୋରିଙ୍ଗପଦର ଘରକୁ ଫେରୁଥିଲେ। ସେହି ସମୟରେ ସୋଲାରପ୍ଲେଟ ବୋଝେଇ ଏକ ୧୬ ଚକିଆ ଟ୍ରକ୍ (ନଂ.କେଏ୦୧-ଏଇ୦୬୦୫) ବାଙ୍ଗାଲୋରଠାରୁ କେସିଙ୍ଗା ତେଲ ନଦୀ ବେଲଗାଁ ଅଭିମୁଖେ ଯାଉଥିଲା। ବାଇକ୍ ଚାଳକ ପିଣ୍ଟୁ ଭାରସାମ୍ୟ ହରାଇ ଟ୍ରକ୍‌ରେ ପିଟି ହୋଇଯିବାରୁ ୪ଜଣ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ପିଣ୍ଟୁଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୩ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭବାନୀପାଟଣାକୁ ସ୍ଥାନାନ୍ତରିତ କରିଥିଲେ। ତୁଷାରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲାକୁ ନିଆଯାଉଥିବା ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

ଅଗଷ୍ଟ ସୁଦ୍ଧା ଶିକ୍ଷକଙ୍କ ପର୍‌ଫର୍ମାନ୍ସ ରିପୋର୍ଟ ଦିଅ

ଜିଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୩।୫(ବ୍ୟୁରୋ): ରାଜ୍ୟର ସବୁ ସ୍କୁଲର ଶିକ୍ଷକଙ୍କ ପ୍ରଦର୍ଶନ ବା ପର୍‌ଫର୍ମାନ୍ସ ରିପୋର୍ଟ ଅଗଷ୍ଟ ଶେଷ ସୁଦ୍ଧା ଦେବା ପାଇଁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଶିକ୍ଷକଙ୍କ ଶିକ୍ଷାଦାନ ବ୍ୟବସ୍ଥା, ସ୍କୁଲ ପରିଚାଳନା ଆଦି ବିଭିନ୍ନ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ କରାଯାଇଛି ତାହାର ରିପୋର୍ଟ ଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ସ୍କୁଲକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କରୋନା ଲାଗି ସ୍କୁଲ ବନ୍ଦ ହୋଇଯାଇଥିବାରୁ ପ୍ରକ୍ରିୟା ବନ୍ଦ ରହିଥିଲା। ସ୍କୁଲ ଖୋଲିବା ପରେ ଖୁବଶୀଘ୍ର ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ବ୍ୟବସ୍ଥା ଆରମ୍ଭ ହୋଇଛି।

ପ୍ରତ୍ୟେକ ଶିକ୍ଷକଙ୍କ ପରଫର୍ମାନ୍ସ ରିପୋର୍ଟ ଏକବର୍ଷରେ ୪ଥର ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିବା ବେଳେ କରୋନା ଲାଗି ବ୍ୟବସ୍ଥାରେ ବିଳମ୍ବ ହୋଇଛି। ତେବେ ମାର୍ଚ୍ଚ ମାସ ମଧ୍ୟରେ ଯେଉଁ ରିପୋର୍ଟ ମିଳିବାର ଥିଲା ସେ କ୍ଷେତ୍ରରେ କେତେକ ଜିଲାରେ ପ୍ରଧାନ ଶିକ୍ଷକମାନେ ଏହି ନିର୍ଦ୍ଦେଶକୁ ଅଣଦେଖା କରୁଥିବାବେଳେ ଆଉ କେତେକ ଜିଲାରେ ବ୍ଲକ ଶିକ୍ଷାଧିକାରୀମାନେ ନିର୍ଦ୍ଦେଶକୁ ଅବମାନନା କରୁଥିବା ଜଣାପଡ଼ିଛି। ଏବେ ଅଗଷ୍ଟ ୩୧ ସୁଦ୍ଧା ଶିକ୍ଷକଙ୍କ ପରଫର୍ମାନ୍ସ ରିପୋର୍ଟ ଦେବା ପାଇଁ ବିଭାଗ ନିର୍ଦ୍ଦେଶ ଦେଇଛି। ଯଦି ଏହି ସମୟ ସୀମା ମଧ୍ୟରେ ବିଭାଗ ପାଖରେ ରିପୋର୍ଟ ନ ପହଞ୍ଚେ ତେବେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକର ଉଭୟ ପ୍ରଧାନ ଶିକ୍ଷକ ଏବଂ ଯେଉଁ ଶିକ୍ଷକଙ୍କ ରିପୋର୍ଟ ପ୍ରଦାନ କରାଯାଇ ନ ଥିବ ଉଭୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ସେପଟେ ରାଜ୍ୟର କିଛି ଜିଲାରେ ନକଲି ଶିକ୍ଷକ ଧରାପଡ଼ିବା ପରେ ଶ୍ରେଣୀରେ ଶିକ୍ଷାଦାନ ଗୁଣାବତ୍ତାକୁ ନେଇ ପ୍ରଶ୍ନ ଉଠିଥିଲା। ଜିଲା ଶିକ୍ଷାଧିକାରୀମାନେ ସମସ୍ତ ଶିକ୍ଷକଙ୍କ ତାଲିକା ସହ ବିଷୟଭିତ୍ତିକ ପରଫର୍ମାନ୍ସ ରିପୋର୍ଟ ପ୍ରସ୍ତୁତ କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସରେ ୧୧ଟି ପଏଣ୍ଟ ରହିଥିବା ବେଳେ ଆବଶ୍ୟକସ୍ଥଳେ ସ୍କୁଲ କମିଟି ମଧ୍ୟ ଅଧିକ ତଥ୍ୟ ସୁପାରିସ କରିବାକୁ ପରାମର୍ଶ ଦିଆଯାଇଛି।

୮ ଦେଶୀ ବନ୍ଧୁକ ଜବତ, ୪ଗିରଫ

ମୁରିବାହାଲ, ୩।୫(ଡ.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ତଥା ହଳଦି ପଞ୍ଚାୟତ କାର୍ଲପିଟା ଗ୍ରାମ ନିକଟ ତିଖାଲି ଜଙ୍ଗଲରେ ଥିବା ଏକ କୁଡିଆରୁ ମଙ୍ଗଳବାର ସ୍ଥାନୀୟ ପୋଲିସ ଚଢାଉ କରି ୮ଟି ଦେଶୀ ବନ୍ଧୁକ, ୮ ଖୋକା, ୫ଟି ଜୀବନ୍ତ ଗୁଳି ଓ ବିଭିନ୍ନ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାର୍ଲପିଟାର ଧରିଣୀ ଚନ୍ଦନ(୩୫), ପୁରନ୍ଦର ଧାରୁଆ(୬୦), ଦେବାର୍ଚନ ଧାରୁଆ(୩୦) ଓ ସାଧୁ ଧାରୁଆ(୫୦)। ମୁରିବାହାଲ ଥାନାରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷିକେଶ ମେହେର ଓ ମୁରିବାହାଲ ଥାନା ଅଧିକାରୀ ଜ୍ୟୋତିରାଣୀ ଦାଶ। ଉକ୍ତ ଜଙ୍ଗଲର ବନ୍ଧୁକ ଓ ଗୁଳିଗୋଳା ଜମା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା। ଏ ନେଇ ଥାନାରେ ଏକ ମାମଲା(୬୭/୨୨) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କଣ୍ଟାବାଞ୍ଜି ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତମାନେ କାହିଁକି ସେଠାରେ ବନ୍ଧୁକ ଓ ଗୁଳିଗୋଳା ରଖିଥିଲେ ତାହାର ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ମେହେର କହିଛନ୍ତି। ତିଖାଲି ଜଙ୍ଗଲରେ ଅବାଧରେ ଚାଲିଛି ବନ୍ୟଯନ୍ତୁ ଶିକାର। ଏଥିପାଇଁ କାର୍ଲାପିଟା ଓ ଆଖପାଖ ଗାଁର କେତେକ ବ୍ୟକ୍ତି ନିୟମିତଭାବେ ଶିକାର କରୁଥିବା ଅଭିଯୋଗ ହୋଇ ଆସୁଛି। ହେଲେ ବନ ବିଭାଗ ଏମାନଙ୍କୁ ଧରିବାରେ ସକ୍ଷମ ହେଉନାହିଁ।

ଜବତ ଅସ୍ତ୍ରଶସ୍ତ୍ର ଓ ଗିରଫ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ପ୍ରଦର୍ଶିତ କରିଛି।

ଅକ୍ଷୟ ତୃତୀୟାରେ ପୋଢ଼ବଳି

କର୍ଲାମୁଣ୍ଡା,୩।୫(ଡି.ଏନ.ଏ.)

ପବିତ୍ର ଅକ୍ଷୟ ତୃତୀୟାରେ ପଡିଛି ପୋଢ଼ ବଳି। ଆଦିବାସୀଙ୍କ ଭକ୍ତି ଓ ବିଶ୍ୱାସ ତଥା ଗ୍ରାମବାସୀଙ୍କ ସମ୍ମିଳିତ ସହଯୋଗରେ ଗ୍ରାମର ମଙ୍ଗଳ ଓ କୃଷିର ଉନ୍ନତି ପାଇଁ ଗ୍ରାମର ଧରଣୀ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଗାଁ ଶେଷ ମୁଣ୍ଡରେ ପୋଢ଼ ବଳି ଦିଆଯାଇଥାଏ। ସେଭଳି ପୋଢ଼ମରା ଉତ୍ସବ ମଙ୍ଗଳବାର କଳାହାଣ୍ଡି ଜିଲାର କର୍ଲାମୁଣ୍ଡା ବ୍ଲକ ଶିରାବାହାଲ ଗ୍ରାମରେ ଦେଖିବାକୁ ମିଳିଛି। ବିଭିନ୍ନ ଗ୍ରାମରୁ ଜାନି, ଝାଙ୍କରମାନେ ଆସି ଏକତ୍ରିତ ହୋଇଥିଲେ। ସୋମବାରଠାରୁ ଗାଁରେ ଆରମ୍ଭ ହୋଇଥିଲା ଉତ୍ସବ ମାହୋଲ। ଆଦିବାସୀଙ୍କ ସହ ଅଣଆଦିବାସୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ମଙ୍ଗଳବାର ସକାଳେ ପୋଢ଼କୁ ବାଜା ତାଳେ ତାଳେ ଗ୍ରାମ ପରିକ୍ରମା କରାଯିବା ପରେ ବଳି ପୀଠକୁ ଅଣାଯାଇଥିଲା। ବଲାଙ୍ଗୀର ଜିଲାରୁ ଆସିଥିବା ଜାନିଙ୍କ ଦ୍ୱାରା ବଳି ଚଢ଼ାଯାଇଥିଲା। ଏହା ଦେଖିବା ପାଇଁ ଶତାଧିକ ଲୋକ ଉପସ୍ଥିତ ଥିଲେ। ରିଷିଡା ଫାଣ୍ଡି ଅଧିକାରୀ କ୍ଷୀରସିନ୍ଧୁ ମାଝିଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୃତୟନ ହୋଇଥିଲେ।

ତେରେସିଂହାରେ ବିରାଟ ପର୍ବ ଆରମ୍ଭ

କର୍ଲାମୁଣ୍ଡା,୩।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମ ରାଧାବଲ୍ଲଭ ନାଟ୍ୟ ସଂସଦ ପକ୍ଷରୁ ମଙ୍ଗଳବାରଠାରୁ ବିରାଟ ପର୍ବ ନାଟ୍ୟ ମହୋତ୍ସବ ଆରମ୍ଭ ହୋଇଯାଇଛି। ଏହି ଅନୁଷ୍ଠାନ ପକ୍ଷରୁ ସପ୍ତାହ ବ୍ୟାପୀ ହେବାକୁ ଥିବା ବିରାଟ ପର୍ବ ବା ଚନ୍ଦନ ଯାତ୍ରା ନାଟ୍ୟ ମହୋତ୍ସବ ପାଳିତ ହେବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠାନ ସଭାପତି ଡମ୍ବରୁଧର ରଣା ଓ ସମ୍ପାଦକ କୃଷ୍ଣଚନ୍ଦ୍ର ରଣାଙ୍କ ନେତୃତ୍ୱରେ ନାଟ୍ୟ ମହୋତ୍ସବ ପରିଚାଳିତ ହେଉଛି। ଗତ ଦୁଇ ବର୍ଷ ହେବ କରୋନା ଯୋଗୁ ନାଟକ ମଞ୍ଚସ୍ଥ ବନ୍ଦ ରହିଥିବା ବେଳେ ଚଳିତବର୍ଷ ନାଟକ ମଞ୍ଚସ୍ଥ ହେବା କାର୍ଯ୍ୟକ୍ରମ ରହିଛି। ଫଳରେ କଳାକାରମାନଙ୍କ ମଧ୍ୟରେ ବେଶ ଆନନ୍ଦ ଦେଖିବାକୁ ମିଳିଛି। ମହୋତ୍ସବରେ ଅନୁଷ୍ଠାନ ପୂର୍ବତନ ସଭାପତି ଭୁବନେ ରଣା, ପୂର୍ବତନ ସମ୍ପାଦକ ତ୍ରିନାଥ ରଣା, ହରିହର ରଣା, ହେମସାଗର ରଣା, କୁଳମଣି ରଣା, ମକରନ୍ଦ ରଣା, ଭରତ ରଣା, ମୁରଲିଧର ରଣା, ନିଲାଦ୍ରି ରଣା, ରୁଦ୍ରାକ୍ଷ ରଣା, ଲବ ରଣା, କଣ୍ଠ ରଣା, ନିର୍ମଳ ରଣା, ସରୋଜ ରଣା, ନମିତ ରଣା, କଳାକାହ୍ନୁ ରଣା ପ୍ରମୁଖ କଳାକାର ସହଯୋଗ କରୁଥିବା ଜଣାପଡିଛି। ସେହିପରି ତେରେସିଂହା ଗ୍ରାମର ମା' ମାଣିକେଶରୀ ଯୁବକଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ପୂର୍ଣ୍ଣ ମହାଭାରତ ନାଟକ ମଞ୍ଚସ୍ଥ ହେବା କାର୍ଯ୍ୟକ୍ରମ ଥିବା ବେଳେ କର୍ଲାମୁଣ୍ଡା ବ୍ଲକ ରିଷିଡା, ବ୍ରାହ୍ମଣୀମୁଣ୍ଡା, ବାଞ୍ଜିପଦର, ଭାଲୁପିଆ, ସାପଲହରା, ଟକାରୁମାଲ, ରେଙ୍ଗାଲି ଆଦି ଗ୍ରାମରେ ଭକ୍ତି ଓ ନିଷ୍ଠାର ସହ ନାଟ୍ୟ ମହୋତ୍ସବ ପାଳିତ ହେଉଛି।

ଥୁ. ରାମପୁରରେ ଜେଏମ୍‌ଏଫ୍‌ସି କୋର୍ଟ ଲୋକାର୍ପିତ

- ହାତ ପାହାନ୍ତାରେ ମିଳିବ ନ୍ୟାୟ
- ଦୀର୍ଘଦିନର ଦାବି ପୂରଣ

କୋର୍ଟ ଆଗରେ ଯୋଗଦେଇଥିବା ଅତିଥି ଏବଂ ଆଇନଜୀବୀ।

ଭବାନୀପାଟଣା,୩।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକରେ ମଙ୍ଗଳବାର ଲୋକାର୍ପିତ ହୋଇଛି ବହୁ ପ୍ରତୀକ୍ଷିତ ଜେଏମ୍‌ଏଫ୍‌ସି କୋର୍ଟ। ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପରେ ଏଥର ସ୍ଥାନୀୟ ଲୋକଙ୍କୁ ହାତ ପାହାନ୍ତାରେ ମିଳିବ ନ୍ୟାୟ। ସ୍ଥାନୀୟ ବ୍ଲକ ମୁଖ୍ୟାଳୟଠାରେ ଅବସ୍ଥାପିତ ଐତିହାସିକ ରାଜବାଟୀ ପରିସରରେ ନ୍ୟାୟାଳୟ ଉଦ୍‌ଘାଟନ ହୋଇଯାଇଛି। ଅକ୍ଷୟ ତୃତୀୟା ଅବସରରେ ମଙ୍ଗଳବାର ଭର୍ଚୁଆଲ ମାଧ୍ୟମରେ ଓଡିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଡଃ ଏସ ମୂରଲୀଧର ଓ ଜିଲା ଦୌରାଜଜ୍ ଦୀପ୍ତି ରଞ୍ଜନ କାନୁନଗୋଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କୋର୍ଟ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ ନିର୍ମାଣ ହୋଇ ନ ଥିବାରୁ ରାଜବାଟିରେ ଅସ୍ଥାୟୀ ଭାବେ କୋର୍ଟ କାର୍ଯ୍ୟ ପରିଚାଳନା ହେବ। ପରବର୍ତ୍ତୀ ସମୟରେ କୋର୍ଟ ନିର୍ମାଣ ହୋଇ ସ୍ଥାୟୀ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହେବ। ଉଦଘାଟନୀ ଉତ୍ସବରେ ଆୟୋଜକ ଥୁଆମୂଳ ରାମପୁର ବାର୍ ଆସୋସିଏଶନ ସଭାପତି ସୁଶୀଲ କୁମାର ରାଉତ, ସମ୍ପାଦକ ମନୋରଞ୍ଜନ ନାଏକ, ମୂରଲୀ ନାଏକ, ଉପେନ୍ଦ୍ର କୁମାର ବିହାରୀ, ପ୍ରୀୟଙ୍କା ମାଝି, ନୋଟାରୀ ଏସ, ବେମାଲ ପ୍ରମୁଖ ଆଇନଜୀବୀ ଉପସ୍ଥିତ ରହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଥୁ. ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ଉପାଧ୍ୟକ୍ଷା ଜୟନ୍ତୀ ମାଝି, ଜିଲା ପରିଷଦ ସଦସ୍ୟା ଗୁନି ଖୋସ୍ଲା, ଜିଲା ପରିଷଦ ସଦସ୍ୟା ପ୍ରମିଳା ମାଝି ପ୍ରମୁଖ ଯୋଗଦେଇଥିଲେ। ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

OFFICE OF THE DIRECTOR
CAPITAL HOSPITAL, BHUBANESWAR
ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ
Unit-VI,Ganga Nagar, Udyan Marg,Bhubaneswar-751001, Khordha
Email:substorechb@gmail.com/director.chb@gmail.com
Ph:0674-2391983/85/79
No.3788/Sub-store/2022, Date:2.05.2022

TENDER CALL NOTICE

No.E-47: Sealed tenders are invited from reputed catering service providers (plate meal basis on site) by the Director, Capital Hospital, Bhubaneswar for the year 2022-2023 through courier service/speed post/ registered post only. For detail please visit our website: www.capitalhospital.nic.in. The details of Last date & time of receipt of tender, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Sd./-Director, Capital Hospital, Bhubaneswar
OIPR-10078/11/0001/2223

NOTICE

No.4214 **Date:02.05.22**

**OFFICE OF THE CHIEF

ଅଖିମୁଠି ଅନୁକୂଳ କଲେ ବିଧାୟକ

କୁଚିଣ୍ଡା,(ଡି.ଏନ.ଏ.): ପବିତ୍ର ଅକ୍ଷୟ ତୃତୀୟାରେ ମଙ୍ଗଳବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ନିଜ ପୈତୃକ ଗ୍ରାମ ପତ୍ରାପାଲିଠାରେ ଅଖିମୁଠି ଅନୁକୂଳ କରିଛନ୍ତି। ଫସଲ ଉତ୍ତମ ହେବାକୁ ସେ ସକାଳୁ ହଳ ଲଙ୍ଗଳ ଧରି ବିଲକୁ ଯାଇ ପୂଜାର୍ଚ୍ଚନା କରି ଧାନ ବୁଣି ହଳ କରିଥିଲେ। ତାଙ୍କ ସହ କୁଚିଣ୍ଡା ବ୍ଲକ ଜୋନ ୧ ଜଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର ଓ ପତ୍ରାପାଲି ଗ୍ରାମର ଚାଷୀ ମାନେ ଉପସ୍ଥିତ ଥିଲେ।

ସଂକ୍ଷେପରେ

ଶଗଡେଶ୍ୱର ବାବାଙ୍କ ଥାଳ ଉଠା ପର୍ବ ସମ୍ପନ୍ନ

ଜମନକିରା, ୩।୫(ଡି.ଏନ.ଏ.): ଜମନକିରା ବ୍ଲକ ଡ଼ିମିରିମୁଣ୍ଡା ପଞ୍ଚାୟତ ଶଗଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଥାଳ ଉଠା ଓ ଗଣ୍ଠି ଫିଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବର୍ଷ ମାତା ପାର୍ବତୀଙ୍କ ମାତାପିତା ଭାବରେ କୁସୁମୀ ଗ୍ରାମର ଅଜୟ ବେହେରା ଓ ତାଙ୍କ ସହଧର୍ମିଣୀ କଦାମିନୀ ବେହେରା ଏବଂ ବାବା ଶଗଡେଶ୍ୱରଙ୍କ ମାତାପିତା ଭାବରେ ଲାଇଡାଗୁନା ଗାଁର ଆଶିଷ ପଟେଲ ଓ ସହଧର୍ମିଣୀ ପାୟଲ ପଟେଲ କାର୍ଯ୍ୟ ତୁଲାଇଥିଲେ। ଜୟଗୋପାଳ ସୁଆର ଓ ନିତ୍ୟାନନ୍ଦ ମିଶ୍ର ପୌରୋହିତ୍ୟ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ନୃପଲାଲ ପଲେଇ, ରୁଦ୍ରନାରାୟଣ ବେହେରା, ଚିତରଞ୍ଜନ ଶର୍ମା, ବିରଞ୍ଚି ପଟେଲ, ଗଣେଶ ଗୁପ୍ତା, ସଞ୍ଜୟ ମହାକୁଳ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ଜୁନ ୪ ଓ ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ କିପରି ଶାନ୍ତିଶୃଙ୍ଖଳାରେ ହେବ ସେଥିପାଇଁ ସଂଯୋଜକ ମଳୟ ବେହେରା ପ୍ରଶାସନର ସହଯୋଗ କାମନା କରିଥିଲେ।

ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଗିରଫ

ସୁନ୍ଦରଗଡ଼,୩।୫(ଡି.ଏନ୍.ଏ)

ସୁନ୍ଦରଗଡ଼ ସହରର ସରକାରୀ କଲେଜ ରୋଡରେ ମୁରାରି ତନ୍ତୀଙ୍କୁ ଗୁଳିକରି ହତ୍ୟା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ଟାଉନ୍ ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହନ୍ତିଆପଡାର ଯଶୋବନ୍ତ ପାଣ୍ଡବ ଓରଫ ଜିତୁ (୨୩), ଦେବାଶିଷ ତନ୍ତୀ (୨୨), ପ୍ରଶାନ୍ତ ପାଣ୍ଡବ ଓରଫ ଜିତେନ୍ ଏବଂ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ମହନ୍ତିଆପଡାର ବସନ୍ତ ପାଣ୍ଡବ। ବସନ୍ତ ବର୍ତ୍ତମାନ ରାଉରକେଲାରେ ରହୁଛନ୍ତି। ପୋଲିସ ଏହି ହତ୍ୟା ଘଟଣାରେ ବ୍ୟବହୃତ ଗୋଟିଏ ଦେଶୀ ରିଭଲଭର ଓ ଗୋଟିଏ ବାଇକ୍ ଜବତ କରିଛି ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ପାରିବାରିକ ଶତ୍ରୁତା ଓ ଜମି ବ୍ୟବସାୟକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତ ପରେ ଜଣାପଡିଛି ବୋଲି ଏସ୍‌ପି ନାଥ କହିଛନ୍ତି।

ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ସଦର ଏସ୍‌ଡିପିଓ ମଧୁସିକ୍ତା ମିଶ୍ର ଓ ଅନ୍ୟ ପୋଲିସ ଅଧିକାରୀ।

ମୁରାରି ଏବଂ ବସନ୍ତଙ୍କ ପରିବାର ମଧ୍ୟରେ ଦୀର୍ଘବର୍ଷ ହେବ ଶତ୍ରୁତା ରହିଥିଲା। ଏପରିକି ୨୦୦୭ ଓ ୨୦୧୨ରେ ଏନେଇ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ପାରିବାରିକ ଶତ୍ରୁତା ଓ ଜମି ବ୍ୟବସାୟକୁ କେନ୍ଦ୍ରକରି ରହିଥିବା ଦୀର୍ଘ ଦିନର ଶତ୍ରୁତାକୁ ନେଇ ବସନ୍ତ ପ୍ରତିଶୋଧପରାୟଣ ହୋଇ ମୁରାରିଙ୍କ ପରିବାରକୁ ଟାର୍ଗେଟ କରିଥିଲେ। ଯୋଜନାବଦ୍ଧ ଭାବେ ଯଶୋବନ୍ତଙ୍କ ପ୍ରରୋଚନାରେ ୨୯ ତାରିଖ ରାତି ୯ଟାବେଳେ ମୁରାରି କଲେଜ ରୋଡ଼ରେ ନିଜ କାରରୁ ଓହ୍ଲାଇ କୌଣସି ଏକ କାମରେ ଯାଉଥିବାବେଳେ ଗୁଳିମାଡ଼ର ଶିକାର ହୋଇଥିଲେ। ପୋଲିସ ଟାଉନ୍ ଥାନାରେ ଏକ ମାମଲା (ନଂ.୧୬୮/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ମଧୁସିକ୍ତା ମିଶ୍ରଙ୍କ ନେତୃତ୍ୱରେ ୪ଟି ଟିମ୍ ଗଠନ ହୋଇଥିଲା। ଟିମ୍‌ରେ ଟାଉନ ଥାନା ଆଇଆଇସି ଜଗଦୀଶ ବାରା, ରାଜଗାଙ୍ଗପୁର ଆଇଆଇସି ବୀଭତ୍ସ ପ୍ରଧାନ, ଜିଲା ପୋଲିସର ସାଇବର ଟିମ୍ ସାମିଲ ହୋଇଥିଲେ। ଗୁଳିକାଣ୍ଡବେଳେ ସିସିଟିଭି ଫୁଟେଜ୍ ଓ ପୂର୍ବ ଘଟଣା ଆଧାରରେ ତଦନ୍ତ ପ୍ରକ୍ରିୟା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଏହାର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଥିଲା। ୨୯ ରାତିରେ ଯଶୋବନ୍ତ, ଦେବାଶିଷଙ୍କ ସହ ବାଇକ୍‌ରେ ଆସି କଲେଜ ରୋଡରେ ମୁରାରିଙ୍କ ଉପରକୁ ୩ ରାଉଣ୍ଡ ଗୁଳି କରିଥିଲେ। ଗୋଟିଏ ରାଉଣ୍ଡ ଗୁଳି ଲକ୍ଷ୍ୟଭେଦ ହୋଇ ନ ଥିବାବେଳେ ଅନ୍ୟ ୨ଟି ଗୁଳି ତାଙ୍କ ଦେହରେ ବାଜିଥିଲା। ସେଠାରୁ ଦେବାଶିଷ ଯଶୋବନ୍ତଙ୍କୁ ବାଇକ୍‌ରେ ଧରି ଫେରାର ହୋଇ ଯାଇଥିଲେ। ପ୍ରଶାନ୍ତ ପାଣ୍ଡବ ଯଶୋବନ୍ତଙ୍କୁ ଏହି ରିଭଲଭର ଦେଇଥିବା ପୋଲିସ ତଦନ୍ତବେଳେ ଜଣାପଡିଛି। ଅଭିଯୁକ୍ତମାନଙ୍କ ବିରୋଧରେ ସୁନ୍ଦରଗଡ଼ ଟାଉନ ଥାନାରେ ଆର୍ମସ ଆକ୍ଟ ସମେତ ୧୫ଟି ମାମଲା ରହିଛି।

ରାସ୍ତାରେ ଗୁଳିକରି ହତ୍ୟା ଘଟଣାର ପର୍ଦ୍ଦାଫାଶ

■ପାରିବାରିକ ଶତ୍ରୁତା ମୁଖ୍ୟ କାରଣ

ବୀରମିତ୍ରପୁରରେ ନୂତନ କୋର୍ଟ ଉଦ୍‌ଘାଟିତ

କୁଆଁରମୁଣ୍ଡା,୩।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଉପଖଣ୍ଡ ଅନ୍ତର୍ଗତ ବୀରମିତ୍ରପୁର ତହସିଲ ନିକଟରେ ମଙ୍ଗଳବାର ସିଭିଲ କୋର୍ଟ ଉଦ୍‌ଘାଟିତ ହୋଇଛି । ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ.ମୁରଲୀଧର ଭିଡିଓ କନଫରେନ୍ସିଂ ଜରିଆରେ ଏହି କୋର୍ଟ ଉଦ୍‌ଘାଟନ କରିଛନ୍ତି । ଏହି କୋର୍ଟ କାର୍ଯ୍ୟକ୍ଷମ ହେବା ଦ୍ୱାରା ଓଡିଶା ଝାରଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳର ବିଶେଷ କରି ବୀରମିତ୍ରପୁର, ହାତୀବାରି, ରାଏବୋଗା, ନୂଆଗାଁ, କୁଆଁରମୁଣ୍ଡା ଥାନା ଅଞ୍ଚଳରେ ଘଟୁଥିବା ବିଭିନ୍ନ ଆପରାଧିକ ମାମଲାଗୁଡିକର ତ୍ୱରିତ ଶୁଣାଣି କରାଯାଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏହି କୋର୍ଟରେ ରହି ବିଭିନ୍ନ ମାମଲାର ଶୁଣାଣି କରିବେ । ବୀରମିତ୍ରପୁର ଓକିଲ ସଂଘ ପକ୍ଷରୁ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି । କୋର୍ଟ ଉଦ୍‌ଘାଟନ ସମୟରେ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳଙ୍କ ସମେତ ବୀରମିତ୍ରପୁର ଓକିଲ ସଂଘ କାର୍ଯ୍ୟକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସେହିପରି ବୀରମିତ୍ରପୁର ଏସଡିପିଓ ମାନସ ରଞ୍ଜନ ପ୍ରଧାନ, ବୀରମିତ୍ରପୁର ଆଇଆଇସି ମନୋଜ ମଞ୍ଜରୀ ନାଏକଙ୍କ ସହ କୁଆଁରମୁଣ୍ଡା, ରାଏବୋଗା, ହାତୀବାରି ଓ ନୂଆଗାଁ ପୋଲିସ ଉପସ୍ଥିତ ଥିଲେ ।

ବୀରମିତ୍ରପୁରରେ ନୂତନ କୋର୍ଟ ଉଦ୍‌ଘାଟନ ଅବସରରେ ଓକିଲ ସଂଘ କାର୍ଯ୍ୟକର୍ତ୍ତା ।

କାର୍ଯ୍ୟରେ ଯୋଗଦେଲେ ନୂତନ ଏସ୍‌ପି

ଝାରସୁଗୁଡ଼ା ଅଫିସ,୩।୫- ଝାରସୁଗୁଡ଼ା ଏସ୍‌ପି ବିକାଶ ଚନ୍ଦ୍ର ଦାଶ ଗତ ୩୦ ତାରିଖରେ ଅବସର ଗ୍ରହଣ ପରେ ତାଙ୍କ ସ୍ଥାନରେ ନୂତନ ଏସ୍‌ପି ରାହୁଲ ଜୈନ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ବରଗଡ ଏସ୍‌ପି ରହିଥିଲେ। କାର୍ଯ୍ୟରେ ଯୋଗଦେବା ପରେ ସେ ମଙ୍ଗଳବାର ତାଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆହ୍ୱାନ କରିଥିଲେ। ଏଥିରେ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଜିଲରେ କୋଇଲା, ବାଲି ଚୋରା ଚାଲାଣ ସାଙ୍ଗକୁ ବେଆଇନ ନିଶା କାରବାର ରୋକିବା ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏ ଦିଗରେ କିଭଳି ପଦକ୍ଷେପ ନେବେ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ନୂତନ ଏସ୍‌ପି ଏ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରାଯିବ। ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଥିଲେ। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହେବାକୁ ଯାଉଥିବାବେଳେ ପୋଲିସ କିଭଳି ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବ ବୋଲି ପ୍ରଶ୍ନରେ ସେ କହିଥିଲେ, ନିର୍ବାଚନ ଆୟୋଗଙ୍କ ଯାହା ନିର୍ଦ୍ଦେଶ ରହିଥିବ ସେସବୁକୁ ଅନୁପାଳନ କରାଯାଇ ଭୋଟର ଯେମିତି ଶାନ୍ତିଶୃଙ୍ଖଳା ସହ ମତସାବ୍ୟସ୍ତ କରିପାରିବେ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ।

ଇଦ୍-ଉଲ୍-ଫିତର ପାଳନ

ସମ୍ବଲପୁର,୩।୫(ବ୍ୟୁରୋ)

ସମ୍ବଲପୁର ଜିଲାରେ ପବିତ୍ର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ଏଥିପାଇଁ ସହରର ଥିବା ବିଭିନ୍ନ ଇଦ୍‌ଗା ଓ ମସ୍‌ଜିଦ୍‌ଠାରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସକାଳ ୭ଟା ୧୫ ମିନିଟରେ ସାକ୍ଷୀପଡା ଇଦ୍‌ଗାଠାରେ ସାମୂହିକ ନମାଜ ପାଠ ହୋଇଥିଲା। ପଲଟନ୍ ମସ୍‌ଜିଦ୍ ଇମାମ ମୌଲାନା କାସିମ ରାଜା ନମାଜ ପାଠ କରାଇଥିଲେ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ଭାଇଚାରା ଅକ୍ଷୁର୍ଣ୍ଣ ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହାପରେ ମହମ୍ମଦ ସାବିର୍ ମହମ୍ମଦ ସଲାମ୍ ପାଠ କରିଥିଲେ। ନମାଜ ପାଠ ପରେ ଇସଲାମ୍ ଧର୍ମାବଲମ୍ବୀମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ ମୁବାରକ ଜଣାଇଥିଲେ। ସାକ୍ଷୀପଡା ଇଦ୍‌ଗା କମିଟି ସଭାପତି ଜୁଲଫିକର୍ ଅଲ୍ଲି ଭୁଟୋଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର, ରେଙ୍ଗାଲି, ହୀରାକୁଦ, ବୁର୍ଲା, ଗୋଡଭଗା, ଅତାବିରା, ମାନେଶ୍ୱର, ଧମା, ଚିପିଲିମା ଅଞ୍ଚଳରୁ ଇସ୍‌ଲାମ୍ ଧର୍ମବଲମ୍ବୀମାନଙ୍କ ସମାଗମ ହୋଇଥିଲା। ଏଥିସହ ମୋତିଝରନ ନୁରି ମସ୍‌ଜିଦ୍, ପେନ୍‌ସନ୍‌ପଡା ପଲଟନ ମସଜିଦ, ସୁନାପାଲି ନୁରାନି ମସ୍‌ଜିଦ୍, ଭୁତାପଡା ରିସାଲା ମସ୍‌ଜିଦ୍, ଗୌସିଆ ମସ୍‌ଜିଦ୍, ବଡବଜାର ଇଦ୍‌ଗା, ପିରବାବା ଛକସ୍ଥିତ ସଦର ମସ୍‌ଜିଦ୍, ହୀରାକୁଦ କଲୋନୀ ଜମା ମସ୍‌ଜିଦ୍, ରାଜନଗର ରଜା ମସ୍‌ଜିଦ୍‌ଠାରେ ସାମୂହିକ ନମାଜ ପାଠ ହୋଇଥିଲା। ଏହାପରେ ଇସଲାମ ଧର୍ମାବଲମ୍ବୀମାନେ କବରସ୍ଥାନରେ ପହଞ୍ଚି ପୂର୍ବ ପୁରୁଷଙ୍କ ଆତ୍ମା ଶାନ୍ତି ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳ ନେତା, କର୍ମୀମାନେ ଯୋଗ ଦେଇଥିଲେ। ଭାଇଚାରା ବାର୍ତ୍ତା ନେଇ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ।

ଜିଲା ବିଜେଡି ଜିଲା ସଭାପତି ଇଦ୍ ମୁବାରକ ଜଣାଉଛନ୍ତି ।

ଗୋକନ ଅବଧି ବୃଦ୍ଧି ନିଷ୍ପତ୍ତିକୁ ସ୍ୱାଗତ

ସମ୍ବଲପୁର,୩।୫(ବ୍ୟୁରୋ)

ରାଜ୍ୟରେ ରବି ଧାନ ସଂଗ୍ରହ ମେ' ମାସରୁ ଆରମ୍ଭ ହେବ। ସମ୍ବଲପୁର ଜିଲାରେ ମେ' ୯ ତାରିଖରେ ଧାନ ସଂଗ୍ରହ ଆରମ୍ଭ ହେବା ନେଇ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି। ତେବେ ଟୋକନ୍ ଅବଧି ବୃଦ୍ଧି ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି। ପୂର୍ବରୁ ଏକ ସପ୍ତାହରୁ ୧୨ଦିନ ପର୍ଯ୍ୟନ୍ତ ଅବଧି ରହିଥିବା ବେଳେ ଏବେ ୨୭ ଦିନ ସହ ଆହୁରି ୩ ଦିନ ଅଧିକ ସମୟ ମିଳିଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ତଥା ଜିଲା କୃଷକ ସଙ୍ଗଠନ ସ୍ୱାଗତ କରିଛି। ଜିଲା ସଙ୍ଗଠନ ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର କହିଛନ୍ତି, ଟୋକନକୁ ନେଇ ଚାଷୀମାନେ ଚିନ୍ତାରେ ଥିଲେ। କିଛିଦିନ ପୂର୍ବରୁ ଜିଲା କୃଷକ ସଙ୍ଗଠନ ସଦସ୍ୟମାନେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଧାନ ସଂଗ୍ରହ ସମସ୍ୟା ଉପରେ ଆଲୋଚନା କରିଥିଲେ।ଏହାକୁ ନେଇ ଜିଲାପାଳ ପରିଡା ରାଜ୍ୟ ସରକାରଙ୍କ ପାଖକୁ ଚିଠି କରିଥିଲେ। ରାଜ୍ୟ ସରକାର ଏହା ଉପରେ ବିଚାର କରି ଟୋକନ ସମୟସୀମା ବୃଦ୍ଧି କରିଛନ୍ତି। ଧାର୍ଯ୍ୟ ସମୟ ମେ' ୯ ତାରିଖରେ ମଣ୍ଡି ଖୋଲା ହେବ। କେତେଜଣ ଚାଷୀଙ୍କ ଧାନ ଅମଳ ହୋଇସାରିଥିବାରୁ ସେମାନଙ୍କୁ ଟୋକନ ଶୀଘ୍ର ପ୍ରଦାନ କରିବାକୁ ଠାକୁର ଦାବି କରିଛନ୍ତି।

ଶିଶୁ କନ୍ୟା ବଳାତ୍କାର: ଅଭିଯୁକ୍ତ ନାବାଳକଙ୍କୁ କାବୁକଲା ପୋଲିସ

କୁଚିଣ୍ଡା,୩।୫(ଡି.ଏନ.ଏ.)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳର ଜଣେ ଶିଶୁକନ୍ୟାକୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ମଙ୍ଗଳବାର କାବୁକରିଛି। ମିଳିଥିବା ସୂଚନା ଅନୁଯାୟୀ ୪ବର୍ଷର ଶିଶୁକନ୍ୟା ଜଣକ ନିଜ ମାତାପିତାଙ୍କ ସହ ଜଣେ ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ହେଲେ ସେଠାରେ ହଠାତ୍ କୁଆଡେ ଚାଲିଯିବାରୁ ମାତାପିତା ଖୋଜାଖୋଜି କରିଥିଲେ। ପ୍ରାୟ ଏକ ଘଣ୍ଟା ପରେ ଶିଶୁକନ୍ୟା କାନ୍ଦିକାନ୍ଦି ଅଭିଯୁକ୍ତ ନାବାଳକ ସହ ଫେରୁଥିବା ତାଙ୍କ ମା' ଦେଖିଥିଲେ। କାରଣ ପଚାରିବାରୁ ତାଙ୍କୁ ଯୌନ ନିର୍ଯାତନା ସହ ବଳାତ୍କାର ହୋଇଥିବା କହିଥିଲେ। ପୀଡିତାଙ୍କ ଅଭିଭାବକ ଏ ନେଇ ସୋମବାର ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ଏହା ଆଧାରରେ ପୋଲିସ ଆଇପିସି ଦଫା ୩୬୩, ୩୬୬, ୩୭୬ (ଏବି)ରେ ମାମଲା (ନଂ୭୪/୨୨) ରୁଜୁ କରିଛି। ପୀଡିତା ଓ ନାବାଳକଙ୍କ ଡାକ୍ତରୀମାଇନା ପରେ ସମ୍ବଲପୁର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବ ବୋଲି ମହୁଲପାଲି ଆଇଆଇସି ସୁଶାନ୍ତ ଦାସ କହିଛନ୍ତି ।

ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ

କୁଚିଣ୍ଡା,୩।୫(ଡି.ଏନ.ଏ.)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୁଚିଣ୍ଡା ବ୍ରାହ୍ମଣ ସମାଜ ପକ୍ଷରୁ ମଙ୍ଗଳବାର ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରାହ୍ମଣ ସମାଜର ଶତାଧିକ ଭକ୍ତ ଏକତ୍ରିତ ହୋଇ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବାବା କୁଣ୍ଡେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ସହ ବାହାରିଥିବା ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଢୁଲଢୁଲି ବାଜା ଓ ଗୌରବାଡ଼ି ଆଦି ପ୍ରଦର୍ଶିତ ହୋଇଥିଲା। ଆଗାମୀ ଦିନରେ ଏହି ଉତ୍ସବ ଧୁମ୍‌ଧାମରେ ପାଳନ ହେବ ବୋଲି କୁଚିଣ୍ଡା ବ୍ରାହ୍ମଣ ସମାଜ ସଭାପତି ଅଶୋକ ଶର୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ପର୍ଶୁରାମ ଜୟନ୍ତୀ କମିଟି ସଭାପତି ତପନ କୁମାର ମହାପାତ୍ର, ସମ୍ପାଦକ ପିଙ୍କୁ କୁମାର ପାଣି ଓ କୋଷାଧ୍ୟକ୍ଷ ଦିନେଶ ନନ୍ଦ ପରିଚାଳନା କରିଥିଲେ।

ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ

ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସମ୍ବଲପୁର,୩।୫ (ବ୍ୟୁରୋ)

ସମ୍ବଲପୁର ଜିଲା ସଂସ୍କୃତି ଭବନଠାରେ କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଓ ଡେପୁଟି କଲେକ୍ଟର ତ୍ରିଦେବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କବି ଜୟଦେବଙ୍କ ଜୀବନୀ ଆଲୋଚନା କରିବା ସହ ଗୀତଗୋବିନ୍ଦ ଉପରେ ବ୍ୟାଖ୍ୟା କରିଥିଲେ। ମୋତିଲାଲ ଦୋରା ଜୟଦେବଙ୍କ ଗୀତଗୋବିନ୍ଦରୁ କବିତା ଗାନ କରିଥିବା ବେଳେ ଭାବିକା ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଂସ୍କୃତି ଅଧିକାରୀ ଦୀପକ କୁଲୁ ଧନ୍ୟବାଦ ଦେଇଥିଲେ। ନମିତା ପଟ୍ଟନାୟକ, ଅନିଲ ହେମ୍ବ୍ରମ, ଦୀନେଶ ପ୍ରଧାନ, ପୂଜାରାଣୀ ସାହୁ ସହାୟତା କରିଥିଲେ।

ଜନ ଅଭିଯୋଗ ଶୁଣାଣି: ୩୦ ଅଭିଯୋଗ ପଞ୍ଜୀକୃତ

ଝାରସୁଗୁଡ଼ା ଅଫିସ,୩।୫

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଜିଲାପାଳ ଦୟାମୟ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଢ଼ା ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୦ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ। କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ବାଗଡିହିଠାରେ କଲ୍ୟାଣ ମଣ୍ଡପ ଓ ନାଳ ପୁନରୁଦ୍ଧାର, ବେଲପାହାଡ଼ ପୋରାଞ୍ଚଳରେ ସାପ୍ତାହିକ ବଜାରରୁ ରାଜସ୍ୱ ଆଦାୟ, ପତ୍ରାପାଲିରେ ଏନ୍‌ଏଲ୍‌ସି କମ

ବାର୍ବି ହେବା ପାଇଁ ୭୩ ହଜାର ଡଲାର ଖର୍ଚ୍ଚ

ଜେସିଙ୍କ ସହ ସମ୍ପର୍କ ଛିନ୍ନ କଲା ପରିବାର

କାନବେରା: ସୁନ୍ଦର ଦେଖାଯିବା ପାଇଁ ସମସ୍ତେ ଚାହାନ୍ତି। ତା' ପାଇଁ ଲୋକେ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି। କିନ୍ତୁ ଏମିତି କିଛି ଲୋକ ଦୁନିଆରେ ଅଛନ୍ତି ଯେଉଁମାନେ ସୁନ୍ଦର ଦେଖାଯିବା ପାଇଁ ଅସ୍ତ୍ରୋପଚାର ଜରିଆରେ ନିଜ ଶରୀରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦିଅନ୍ତି। ଜର୍ମାନର ୨୧ ବର୍ଷୀୟା ଯୁବତୀ ଜେସି ବନ୍ନୀ। ଯେ ବାର୍ବି ଡଲ୍ ପରି ଦେଖାଯିବା ପାଇଁ ନିଜ ଅଙ୍ଗପ୍ରତ୍ୟଙ୍ଗର ଆକାର ରୂପରେଖ ବଦଳାଇଛନ୍ତି। ତାଙ୍କର ଏ ଅଜବ ନିଶା ପାଇଁ ପରିବାର ତାଙ୍କଠାରୁ ସବୁ ସମ୍ପର୍କ ଛିନ୍ନ କରିଛନ୍ତି। ଏଥିଲାଗି ବର୍ତ୍ତମାନ ସୁଦ୍ଧା ଜେସ୍ସି ୭୩ ହଜାର ଡଲାର (ପାଖାପାଖି ୫୫,୮୪,୪୭୧) ଖର୍ଚ୍ଚ କରିସାରିଛନ୍ତି। ୩ଟି ବ୍ରେଷ୍ଟ୍ ସର୍ଜରି ସାଙ୍ଗକୁ ନାକ ଏବଂ ଓଠ ସର୍ଜରି ସେ କରିସାରିଛନ୍ତି। ଜେସିଙ୍କ ପ୍ରକୃତ ନାମ ଜେସିକା ହୋଇଥିବାବେଳେ ସେ ତାଙ୍କ ନାମ ବଦଳାଇ ଜେସି ବନ୍ନୀ ରଖିଛନ୍ତି। ଇନ୍‌ଷ୍ଟାଗ୍ରାମର ବାଇଓରେ ଫ୍ୟାଶନ ମଡେଲ ଭାବେ ନିଜ ପରିଚୟ ଦେଇଛନ୍ତି। ୧୭ ବର୍ଷ ବୟସରେ ଜେସି ନିଜ ଶରୀର ଗଠନ ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଡାଇଭିଂ ଶିଖିବା ପାଇଁ ପରିବାରଠାରୁ ଆଣିଥିବା ଅର୍ଥରେ ସେ ପ୍ରଥମ ବ୍ରେଷ୍ଟ୍ ସର୍ଜରି କରିଥିଲେ। ଜେସିଙ୍କ ଏ ପ୍ରକାର ନିଷ୍ପତ୍ତିରେ କିନ୍ତୁ ପରିବାର ଲୋକେ ଖୁସି ନ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଘରଛାଡ଼ି ଅଲଗା ରହିବାକୁ ପଡ଼ିଥିଲା। ଜେସ୍ସିଙ୍କ ଏ ପ୍ରକାର ରୁଚି ପାଇଁ ତାଙ୍କ ଭାଇ ଓ ଜେଜେମା' ଜେଜେବାପା ଜେସ୍ସିଙ୍କ ଫୋନ୍ କଲ୍ ବ୍ଲକ୍ କରିବା ସହ ସବୁ ସମ୍ପର୍କ ତୁଟାଇ ଦେଇଛନ୍ତି, ଯାହାକୁ ନେଇ ସେ ଦୁଃଖିତ ଥିବା କହିଛନ୍ତି।

ଧନୁଷ୍‌ଙ୍କୁ ହାଇକୋର୍ଟ ସମନ

ଜାଲ ଜନ୍ମ ପ୍ରମାଣ ପତ୍ର ଦାଖଲ

ମାଡ୍ରାସ

ହାଇକୋର୍ଟରେ ଜାଲ୍ ପ୍ରମାଣପତ୍ର ଦାଖଲ କରିବା ଅଭିଯୋଗରେ ମଙ୍ଗଳବାର ମାଡ୍ରାସ ହାଇକୋର୍ଟଙ୍କ ପକ୍ଷରୁ ସାଉଥ୍ ସୁପରଷ୍ଟାର ଧନୁଷଙ୍କୁ ସମନ ଜାରି କରାଯାଇଛି। ମାଡ୍ରାସର ଏକ ଦମ୍ପତି ଧନୁଷ ତାଙ୍କ ପୁଅ ବୋଲି ଦାବି କରିଆସୁଥିବାବେଳେ ଏ ନେଇ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ପ୍ରକାଶିତ ଖବର ମୁତାବକ କାଥିସେରନ ଓ ତାଙ୍କ ସ୍ତ୍ରୀ ନିମାକ୍ଷୀଙ୍କ ଅଭିଯୋଗକ୍ରମେ ଧନୁଷ ସେମାନଙ୍କ ତୃତୀୟ ସନ୍ତାନ। ୨୦୧୭ରେ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ୍ ପକ୍ଷରୁ ମାମଲା ଖାରଜ କରାଯାଇଥିଲା। ଧନୁଷ ଜନ୍ମଗତ ପ୍ରମାଣ



ପତ୍ର କୋର୍ଟରେ ଦାଖଲ କରିବା ପରେ ସମସ୍ତ ଦସ୍ତାବିଜ ଜାଲ ବୋଲି କୋର୍ଟରେ ଦମ୍ପତି ଅଭିଯୋଗ କରିଥିଲେ। ଧନୁଷ କୋର୍ଟରେ ଜାଲ ପ୍ରମାଣପତ୍ର ଦାଖଲ କରିବା ନେଇ କୌଣସି ପ୍ରମାଣ ନ ଥିବା କହି ୨୦୨୦ରେ କୋର୍ଟ ଏହି ମାମଲାକୁ ଖାରଜ କରିଥିଲେ। ସଦ୍ୟ ରିପୋର୍ଟ ମୁତାବକ ୨୦୨୦ରେ କୋର୍ଟ ଦେଇଥିବା ରାୟକୁ ଧନୁଷଙ୍କ ପ୍ରକୃତ ବାପା ବୋଲି ଦାବି କରୁଥିବା କାଥିସେରନ ମାଡ୍ରାସ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଅଭିନୟ ଜଗତରେ ନିଜ କ୍ୟାରିୟର ଗଢ଼ିବା ପାଇଁ ଧନୁଷ ସ୍କୁଲରୁ ଲୁଚି ପଳାଇଥିଲେ। ଏଥିସହ ଧନୁଷ ତାଙ୍କ ନାଁ ପରିବର୍ତ୍ତନ କରିଥିବା ଉକ୍ତ ଦମ୍ପତି କହିଛନ୍ତି। ବହୁବାର କାଥିସେରନ ଏବଂ ନିମାକ୍ଷୀ ଧନୁଷଙ୍କୁ ଦେଖାକରିବା ପାଇଁ ଚେନ୍ନାଇ ଆସିଥିଲେ ହେଁ ସେମାନେ ତାଙ୍କୁ ଭେଟି ପାରି ନ ଥିଲେ। ଉକ୍ତ ଦମ୍ପତି ନିଜ ଭରଣପୋଷଣ ବାବଦକୁ ୬୫ ହଜାର ଟଙ୍କା ମଧ୍ୟ ଦାବି କରିଛନ୍ତି।

ଖତ୍‌ରୋଁକେ ଖିଲାଡିରେ ରୁବିନା

ମୁମ୍ବାଇ: ଗୁଜବ ଉପରୁ ଏବେ ପରଦା ହଟିଛି। ସିରିଏଲ୍ 'ଛୋଟି ବୋହୂ' ଫେମ୍ ରୁବିନା ଦିଲେକ ଡେୟାରିଂ ଶୋ' ଖତରୋଁକେ ଖିଲାଡ଼ିରେ ସାମିଲ ହେବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ତାହା ଏବେ ସ୍ପଷ୍ଟ ହୋଇଛି। ତେବେ ଏହି ଶୋ'ରେ ଅଂଶଗ୍ରହଣ କରିବା ନେଇ ମଙ୍ଗଳବାର ରୁବିନା ନିଜେ କହିଛନ୍ତି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟକ୍ରମ ଟେଲିଭିଜନରେ ପ୍ରସାରଣ ହେବାକୁଯାଉଛି। ବଲିଉଡ୍ ଫିଲ୍ମ ନିର୍ଦ୍ଦେଶକ ରୋହିତ ସେଙ୍ଗୀ କାର୍ଯ୍ୟକ୍ରମକୁ ହୋଷ୍ଟ କରିବାକୁ ଥିବାବେଳେ ଏହାର ଶୁଟିଂ ସାଉଥ୍ ଆଫ୍ରିକାରେ କରାଯିବ। ତେବେ ଚଳିତ ବର୍ଷ ସିଜନ୍ ୧୨ରେ ମୋଟ ୧୫ ଜଣ କଣ୍ଟେଷ୍ଟାଣ୍ଟ ଯୋଗ ଦେବେ। ଏହାପୂର୍ବ ସିଜନ୍‌ରେ ସ୍ୱାମୀ ଅଭିନବ ଶୁକ୍ଳା ସାମିଲ ହୋଇଥିଲେ। ଏହାପୂର୍ବରୁ ରୁବିନା ବିଗ୍‌ବସ୍ ସିଜନ ୧୪ର ୱିନର ହୋଇସାରିଛନ୍ତି। 'ଛୋଟି ବୋହୂ' ସିରିଏଲ୍ ଜରିଆରେ ରୁବିନା ଲୋକଲୋଚନକୁ ଆସିଥିଲେ। ସିରିଏଲ୍‌ରେ ସେ ରାଧିକା ଭୂମିକାରେ ଅଭିନୟ କରିଥିବାବେଳେ ନିଜ ରିଲ୍ ଚରିତ୍ର ପାଇଁ ସେ ଅନେକ ସିରିଏଲ୍ ପ୍ରେମୀଙ୍କ ପ୍ରିୟଭାଜନ ହୋଇପାରିଥିଲେ।

ଚର୍ଚ୍ଚାରେ ନତାଶାଙ୍କ ଆଉଟ୍‌ଫିଟ୍

ମେଟ୍ ଗାଲା ୨୦୨୨

ନ୍ୟୁୟର୍କ

ଚଳିତବର୍ଷ ବିଶ୍ୱର ସବୁଠାରୁ ବଡ଼ ଫ୍ୟାଶନ୍ ଇଭେଣ୍ଟ କୁହାଯାଉଥିବା ମେଟ୍ ଗାଲା ୨୦୨୨ ନ୍ୟୁୟର୍କ ସହରରେ ଅନୁଷ୍ଠିତ ହୋଇଯାଇଛି। ଖ୍ୟାତନାମା ସେଲିବ୍ରିଟି, ୟଙ୍ଗ କ୍ରିଏଟିଭ୍ ଏବଂ ପ୍ରତିଷ୍ଠିତ ବ୍ୟବସାୟୀ ଏହି ସମାରୋହରେ ସାମିଲ ହୋଇଥାନ୍ତି। ଗିଗି ହାଡିଡ୍, କେଣ୍ଡାଲ ଜେନ୍ନର, କିମ୍ କାରଡାଶିଆନଙ୍କ ଭଳି ଅନେକ ସେଲିବ୍ରିଟି ମେଟ୍ ଗାଲା ରେଡ୍ କାର୍ପେଟରେ ୟୁନିକ୍ ଆଉଟ୍‌ଫିଟ୍ ପିନ୍ଧି ଚାଲିଥିବାବେଳେ ନତାଶା ପୁନାୱାଲାଙ୍କ ଶାଢ଼ି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଭିଲୁପ୍ ପୁନାୱାଲା ଫାଉଣ୍ଡେଶନର

ଅଧ୍ୟକ୍ଷା ତଥା ସେରମ ଇନ୍‌ଷ୍ଟିଚ୍ୟୁଟ ସିଇଓ ଆଦର ପୁନାୱାଲାଙ୍କ ସ୍ତ୍ରୀ ନତାଶାଙ୍କ ଆଉଟ୍ ଫିଟ୍‌କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ଜଣାଶୁଣା ଡିଜାଇନର ସବ୍ୟସାଚୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଗୋଲ୍ଡେନ ଶାଢ଼ି ସାଙ୍ଗକୁ ନତାଶା ଗୋଲ୍ଡେନ ରଙ୍ଗର ମେଟାଲ ବ୍ଲାଉଜ୍ ପିନ୍ଧି ଥିଲେ। ତେବେ ନତାଶାଙ୍କ ଏହି ଆଉଟ୍ ଫିଟ୍‌ର ଫଟୋ ସବ୍ୟସାଚୀ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କ ମେଟ୍ ଗାଲା ସମାରୋହରେ ତାଙ୍କ ସୁପର ମଡେଲ ମା' ମାୟେ ମସ୍କଙ୍କ ସହ ରେଡ୍ କାର୍ପେଟରେ ଚାଲିଥିଲେ।

ଅଟୋରେ ପରିବା ଚାଷ

ନୂଆଦିଲ୍ଲୀ

ଅଟୋରେ ଯାତ୍ରା କରୁଥିବା ଲୋକମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ଦିଲ୍ଲୀର ଜଣେ ଅଟୋଚାଳକ ନିଆରା ପ୍ରୟାସ ଆପଣାଇଛନ୍ତି। ମହେନ୍ଦ୍ର କୁମାର ତାଙ୍କ ଅଟୋର ଉପରି ଭାଗରେ ପରିବା ଚାଷ କରିଛନ୍ତି। ପାଖାପାଖି ୨୦ ପ୍ରଜାତିର ଗୁଳ୍ମ ଜାତୀୟ ପରିବା ଗଛ ସେ ଲଗାଇଛନ୍ତି, ଯେଉଁଥିରେ ବନ୍ଧାକୋବି, ଟମାଟୋ ଏବଂ ବାଜରା ଗଛ ରହିଛି। ଅଟୋର ଛାତରେ ପ୍ରଥମେ ଏକ ମୋଟା ଚାହର ବିଛାଇବା ପରେ ସେଥିରେ ମାଟି ଦେଇଥିଲେ। ଏହାପରେ ବନ୍ଧୁମାନଙ୍କଠାରୁ ଯୋଗାଡ଼ କରିଥିବା ପରିବାର ଗଛ ମଞ୍ଜି ଓ ଚାରା ସବୁ ରୋପଣ କରିଥିବା ମହେନ୍ଦ୍ର କହିଛନ୍ତି।

ରାଜ୍ୟ ଖବର

ଭାଇ ହତ୍ୟାକାରୀଙ୍କୁ ଆଜୀବନ ଜେଲ

କାମାକ୍ଷାନଗର, ୩।୫(ଡି.ଏନ୍.ଏ.)

- ୪ ବର୍ଷ ପରେ ପ୍ରବୀଣ ହତ୍ୟାକାଣ୍ଡ ମାମଲା ରାୟ ପ୍ରକାଶ
- ୪୦ ହଜାର ଟଙ୍କା ପାଇଁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ

ସାମାନ୍ୟ ଅର୍ଥ ଲୋଭରେ ପଡ଼ି ଭୁଲି ଯାଇଥିଲେ ହିତାହିତ ଜ୍ଞାନ। ରକ୍ତ ସମ୍ପର୍କୀୟ ନାବାଳକ ଭାଇକୁ ଅପହରଣ କରିବା ପରେ ବେକକୁ ରଶିରେ ଭିଡ଼ି ଶ୍ୱାସରୁଦ୍ଧ କରି ଅତି ନିର୍ମମ ଭାବେ କରିଥିଲେ ହତ୍ୟା। ଏଭଳି ଏକ ସମ୍ବେଦନଶୀଳ ମାମଲାର ରାୟ ଘଟଣାର ୪ବର୍ଷ ପରେ ମଙ୍ଗଳବାର ପ୍ରକାଶ ପାଇଛି। ହତ୍ୟାକାରୀ ସତ୍ୟସ୍ୱପ୍ନା ସାହୁ ଓରଫ୍ ବାପୁନ୍‌ଙ୍କୁ ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଦୌରାଜ୍‌ଜ୍ ସତ୍ୟନାରାୟଣ ପାତ୍ର ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ଦେବରାଜ ବେହେରା ମାମଲା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମରେ ୨୦୧୮ ମାର୍ଚ୍ଚ ୧୫ରେ ସଂଘଟିତ ହୋଇଥିଲା ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡ। ପ୍ରଦୀପ କୁମାର ସାହୁଙ୍କ ଏକମାତ୍ର ପୁଅ ପ୍ରବୀଣ ଓରଫ୍ ଶିବା (୮) ସ୍କୁଲରୁ ଫେରି ଗାଁଦାଣ୍ଡରେ ଖେଳୁଥିବାବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ସମୟରେ ପ୍ରଦୀପଙ୍କ ମୋବାଇଲକୁ ଏକ ମେସେଜ୍ ଆସିଥିଲା। ୪୦ ହଜାର ଟଙ୍କା ଦେଲେ ପୁଅକୁ

ଅଭିଯୁକ୍ତ ସତ୍ୟସ୍ୱପ୍ନା ସାହୁ

ଫେରିପାଇବ ବୋଲି ଏଥରେ ଚେତାବନୀ ଦିଆଯାଇଥିଲା। ପୋଲିସ ମୋବାଇଲ୍ ନମ୍ବର ଟ୍ରାକିଂ କରିବା ପରେ ସନ୍ଦେହ ଘେରକୁ ଆସିଥିଲେ ପ୍ରଦୀପଙ୍କ ବଡ଼ଭାଇଙ୍କ ପୁଅ ତଥା ମୃତ ପ୍ରବୀଣଙ୍କ ଦାଦାପୁଅ ଭାଇ ସତ୍ୟସ୍ୱପ୍ନା। ୧୬ ତାରିଖରେ ପୋଲିସ ତାଙ୍କୁ ଉଠାଇ ନେଇ ଜେରା କରିବା ପରେ ଘଟଣାର ରହସ୍ୟ ଉନ୍ମୋଚିତ ହୋଇଥିଲା। ଅର୍ଥଲୋଭରେ ବାପୁନ୍ ନିଜ ରକ୍ତ ସମ୍ପର୍କୀୟ ଭାଇଙ୍କୁ ଅପହରଣ କରିଥିଲେ। ଏହାପରେ ବେକକୁ ରଶିରେ ଚିପି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଦୋଷ ଲୁଚାଇବାକୁ ମୃତଦେହକୁ ଅଖାରେ ପୂରାଇ ଘରେ ରଖିଥିଲେ। ଜେରା ବେଳେ ପୋଲିସ ଆଗରେ ସବୁ ସତ ମାନିଯାଇଥିଲେ ସତ୍ୟସ୍ୱପ୍ନା। ଏ ନେଇ ନଂ.୫୦/୧୮ ଏବଂ ଦଫା ୩୦୨, ୨୦୧, ୩୬୪ ଅନୁଯାୟୀ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତତ୍କାଳୀନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ଏବଂ ତଦନ୍ତକାରୀ ଅଧିକାରୀ ଲିଆକତ୍ ଖାନ୍‌ଙ୍କ ଉଦ୍ୟମରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ହତ୍ୟା ଅଭିଯୁକ୍ତ ଧରାପଡ଼ିଥିଲେ। ଏହି ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା।

'ଫାଶୀ ହୋଇଥିଲେ ପୁଅ ଆତ୍ମା ଶାନ୍ତି ପାଇଥାନ୍ତା'

ପ୍ରବୀଣ ହତ୍ୟାକାଣ୍ଡ ମାମଲାର ମଙ୍ଗଳବାର ଥିଲା ଗୁରୁତ୍ୱପୂର୍ଣ୍ଣ ଦିନ। ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଦୌରାଜ୍‌ଜ୍‌ଙ୍କ କୋର୍ଟରେ ରାୟ ପ୍ରକାଶ ପାଇବାକୁ ଥିବାବେଳେ ସମସ୍ତେ ଉତ୍ସୁକତାର ସହ ଚାହିଁ ରହିଥିଲେ। ମାମଲାର ଶୁଣାଣି ସରି ରାୟ ଆସିବା ପରେ କୋହ ସମ୍ଭାଳିପାରି ନ ଥିଲେ ମୃତ ପ୍ରବୀଣଙ୍କ ବାପା ପ୍ରଦୀପ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଏକମାତ୍ର ପୁଅକୁ ହରାଇବାର ଯନ୍ତ୍ରଣା ବଖାଣିବା ସହଜ ନୁହେଁ। ଅର୍ଥ ଲୋଭରେ ନିଜ ପୁଡୁରା ଏଭଳି କାଣ୍ଡ ଘଟାଇଲା। ମୁଁ ପୁଅକୁ ଆଉ ପାଇବି ନାହିଁ। ହେଲେ କୋର୍ଟ ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡ ଦେଇଛନ୍ତି। କିନ୍ତୁ ଫାଶୀ ହୋଇଥିଲେ ପୁଅର ଆତ୍ମା ଶାନ୍ତି ପାଇଥାନ୍ତା ବୋଲି ଲୁହ ଛଳଛଳ ଆଖିରେ କହିଛନ୍ତି ପ୍ରଦୀପ।

ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା

ଭୁବନେଶ୍ୱର,୩।୫(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ହନ୍ତସନ୍ତ ହେଉଥିଲେ। ତତଲା ହାୱା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ଏଭଳି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ମଙ୍ଗଳବାର କାଳବୈଶାଖୀଜନିତ ଝଡ଼ବର୍ଷା ପରିବେଶକୁ ଥଣ୍ଡା କରିଥିବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିଲା। ଚାହୁଁ ଚାହୁଁ ବିଜୁଳି ଘଡ଼ଘଡ଼ି ସହ ତୁହାକୁ ତୁହା ବର୍ଷା ହୋଇଥିଲା। ପବନ, ବର୍ଷା ଯୋଗୁ କେତେକ ସ୍ଥାନରେ ଗଛ ଡାଳ ମଧ୍ୟ ଭାଙ୍ଗି ପଡ଼ିଛି। ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ, ଖୋର୍ଦ୍ଧା, ଭଦ୍ରକ, ଯାଜପୁର, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲାରେ କାଳବୈଶାଖୀଜନିତ ବର୍ଷା ହୋଇଛି। କେତେକ ସ୍ଥାନରେ ୫୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ସୂଚନା ମିଳିଛି। ଆସନ୍ତା ୭ ତାରିଖ ଯାଏ ଉପକୂଳ ଓଡ଼ିଶାରେ ଝଡ଼ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଭୁବନେଶ୍ୱର ଓ କଟକରେ ରାତି ୮ଟାରୁ ବର୍ଷା ଆରମ୍ଭ ହୋଇ ପ୍ରାୟ ୧ ଘଣ୍ଟା ଚାଲିଥିଲା। ରାସ୍ତାଘାଟରେ ଯାଉଥିବା ଲୋକମାନେ ଯିଏ ଯେଉଁଠି ପାରିଲେ ମୁଣ୍ଡ ଗୁଞ୍ଜି ରହି ଯାଇଥିଲେ। ତେବେ ଘଣ୍ଟାଏ ସହରରେ ଝଡ଼ର ପ୍ରଭାବ ଦେଖିବାକୁ ମିଳିଥିଲା। କାଳବୈଶାଖୀ ବର୍ଷା ସହରକୁ ଥଣ୍ଡା ପରିବେଶରେ ଭରି ଦେଇଛି।

ଜନ୍ମଦିନର ଶୁଭେଚ୍ଛା

DEBASIS SATPATHY
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ଭଗବାନଙ୍କ ଦ୍ୱାରା ଦିଆଯାଇଥିବା ଅମୂଲ୍ୟ ହୀରା ତୁମେ। ଆମ ପାଇଁ ତୁମ ଚଳାପଥରେ କେବେ କଷ୍ଟ ନ ଆସୁ।
ପରିବାରବର୍ଗ
D-325

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

✓ ଜାନକୀଲତା ପଣ୍ଡା
ସ୍ୱାମୀ- ସୁବାସ ଚନ୍ଦ୍ର ପଣ୍ଡା
ମାଁସଡ଼ା, ବିଞ୍ଚାରପୁର
ଆବିର୍ଭାବ- ୧୫।୦୪।୧୯୫୯
ତିରୋଧାନ- ୧୩।୦୫।୨୦୨୧
ଚାହୁଁ ଚାହୁଁ ବର୍ଷେ ବିତିଗଲା। ତୁମର ଅନୁପସ୍ଥିତି ଶୂନ୍ୟତା ସୃଷ୍ଟି କରିଛି। ତୁମର ସ୍ନେହ, ଆଶୀର୍ବାଦ, ବୃଦ୍ଧ ମନୋବଳ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ପୁତ୍ର- ଟୁଲୁ, ପୁତ୍ରବଧୂ- ଝୁମା, ଝିଅ- ମିନତୀ, ପ୍ରଭାତୀ, ନଳିନୀ, ନନ୍ଦିନୀ, ନାତି ଜିତ୍।
ଧ-୩୨୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ପ୍ରକାଶ ଚନ୍ଦ୍ର ମହାନ୍ତି
ଗ୍ରାମ/ପୋ.- ସଅଁରା, ଜଗତ୍‌ସିଂହପୁର
ଆବିର୍ଭାବ: ୧୫।୦୬।୧୯୪୫
ତିରୋଧାନ: ୧୫।୦୫।୨୦୨୧
ଆପଣଙ୍କର ସ୍ମୃତି ଆମ ହୃଦୟରେ ଚିରକାଳ ଅମଳିନ ହୋଇ ରହିଥିବ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଦିବସ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:- ପତ୍ନୀ, ଭାଇ, ଭାଉଜ, ଭାଇବୋହୂ, ପୁତ୍ର- ବିନ୍ତୁ, ଲୁଲୁଆ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀବୃନ୍ଦ।
ଧ-୩୩୩

ବିଜେଡି ନେତାଙ୍କୁ ଟାଙ୍ଗିଆରେ ହାଣିଦେଲେ

ବଅଁରପାଳ,୩।୫(ଡି.ଏନ.ଏ.)

- ନିର୍ବାଚନ ଖର୍ଚ୍ଚ ହିସାବ ନ ଦେବାରୁ ହତ୍ୟା
- ଅଭିଯୁକ୍ତ ପରାଜିତ ସମିତି ସଭ୍ୟ ପ୍ରାର୍ଥୀଙ୍କ ସ୍ୱାମୀ
- ଗିରଫ ପରେ କୋର୍ଟଚାଲାଣ କଲା ନାଲ୍‌କୋ ପୋଲିସ

ଗତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ନିଜେ ନିର୍ବାଚନ ଲଢ଼ିଥିଲେ। ସମର୍ଥିତ ଜଣେ ମହିଳାଙ୍କୁ ସମିତି ସଭ୍ୟ ପ୍ରାର୍ଥୀ କରାଇଥିଲେ। ହେଲେ ବୁହେଁ ପରାଜିତ ହେବା ପରେ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ହୋଇଥିବା ଖର୍ଚ୍ଚକୁ ନେଇ ବିବାଦ ଦେଖାଦେଇଥିଲା। ଏ ନେଇ ହିସାବ ନ ଦେବାରୁ ସମିତି ସଭ୍ୟ ପ୍ରାର୍ଥୀଙ୍କ ସ୍ୱାମୀ ଦୀପକ ବେହେରା ମଙ୍ଗଳବାର ଟାଙ୍ଗିଆରେ ହାଣି ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ିଥିବା ବିଜେଡି ନେତା ତଥା ଠିକାଦାର ଶିବରାମ ସାହୁ (୬୨)ଙ୍କୁ ହତ୍ୟା କରିଛନ୍ତି। ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦ ଗାଁରେ ଘଟିଥିବା ଏହି ହତ୍ୟାକାଣ୍ଡ ମଙ୍ଗଳବାର ଜିଲାରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଦୀପକଙ୍କୁ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ମେ ୪/୨୦୨୨ Sambalpur, Wednesday, May 4/ 2022

ବିଜୟ ସହ ପଞ୍ଚମରେ ପଞ୍ଜାବ

ମୁମ୍ବାଇ,୩।୫

କାଗିଶୋ ରାବାଡାଙ୍କ ଘାତକ ବୋଲିଂ ପରେ ଶିଖର ଧାୱନଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟାନ୍ସକୁ ୮ ଉଇକେଟରେ ପରାସ୍ତ କରିଛି। ସାଇ ସୁଦର୍ଶନଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଗୁଜରାଟ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଜବାବରେ ପଞ୍ଜାବ ୧୬ ଓଭରରେ ୨ ଉଇକେଟ ହରାଇ ୧୪୫ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଏହି ବିଜୟ ଯୋଗୁ ୧୦ ପଏଣ୍ଟ ସହ ପଞ୍ଜାବ ପଏଣ୍ଟ ଟେବୁଲରେ ୫ମ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ୧୬ ପଏଣ୍ଟ ସହିତ ଶୀର୍ଷରେ ଥିବା ଗୁଜରାଟ ଦ୍ୱିତୀୟ ପରାଜୟ ବରଣ କରିଛି।

ଆଇପିଏଲ୍-୧୫

ଆଜିର ମ୍ୟାଚ

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଚେନ୍ନାଇ ସୁପର କିଙ୍ଗ୍ସ

ସ୍ଥାନ: ପୁଣେ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଉଇକେଟ ନେବା ପରେ କାଗିଶୋ ରାବାଡ଼ାଙ୍କୁ ସାଥି ଖେଳାଳିଙ୍କ ବଧେଇ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। କିନ୍ତୁ ତାଙ୍କର ଏହି ନିଷ୍ପତ୍ତି ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଯୁବ ଓପନର ଶୁବମନ ଗିଲ (୯) ରନ୍‌ଆଉଟ୍ ହୋଇଥିଲେ। ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ରିଦ୍ଧିମାନ ଶାହା (୨୧ ରନ୍, ୩ ଚୌକା ଓ ୧ ଛକା) ମଧ୍ୟ ଶସ୍ତାରେ ପ୍ୟାଭିଲିଅନ ଫେରିଥିଲେ। ତା' ପରେ ସୁଦର୍ଶନ ଗୋଟିଏ ପଟରେ ଉଇକେଟ ସମ୍ଭାଳି ଖେଳୁଥିବା ବେଳେ ଅନ୍ୟ ପଟେ କୌଣସି ବ୍ୟାଟର ତାଙ୍କୁ ସହଯୋଗ କରିପାରି ନ ଥିଲେ। ଅଧିନାୟକ ହାର୍ଦ୍ଦିକ(୧) ଓ ଡେଭିଡ୍ ମିଲର(୧୧), ପୂର୍ବ ମ୍ୟାଚ୍‌ର ଷ୍ଟାର ରାହୁଲ ଟେୱାଟିଆ (୧୧) ବିଫଳ ହୋଇଥିଲେ। ସୁଦର୍ଶନ ଏକାକୀ ଦଳୀୟ ସ୍କୋରକୁ ୧୪୩/୮ ପହଞ୍ଚାଇଥିଲେ। ସେ ୫୦ ବଲରେ ୫ ଚୌକା ଓ ୧ ଛକା ସହାୟତାରେ ୬୫ ରନ୍ କରିଥିଲେ। ପଞ୍ଜାବ ପାଇଁ ରବାଡା ସବୁଠୁ ସଫଳ ବୋଲର ଭାବେ ୪ ଉଇକେଟ ସଫଳତା ପାଇଥିଲେ। ବେଳେ ଅର୍ଶଦୀପ ସିଂ, ରିଶି ଧାୱନ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ପଞ୍ଜାବ କିଙ୍ଗ୍ସ ଚଳିତ ଆଇପିଏଲରେ ପ୍ରଥମ ଥର ପାଇଁ ଓପନିଂ କମ୍ବିନେଶନରେ ପରୀକ୍ଷା କରିଥିଲା। ଏଥର ଶିଖର ଧାୱନଙ୍କ ସହ ଅଧିନାୟକ ମୟଙ୍କ ଅଗ୍ରୱାଲଙ୍କ ପରିବର୍ତ୍ତେ ଜନି ବେଆରଷ୍ଟୋ ଓପନିଂ କରିଥିଲେ। କିନ୍ତୁ ୧ ରନ୍ କରିଥିବା ବେଳେ ସେ ମହମ୍ମଦ ଶାମିଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଅନ୍ୟତମ ଓପନର ଧାୱନଙ୍କ ସହ ଭାନୁକା ରାଜପାକ୍ସା ମିଶି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଦୁହେଁ ୫୮ ବଲରେ ୮୭ ରନ୍ ଯୋଡ଼ିଥିଲେ। ଭାନୁକା ୨୮ ବଲରେ ୫ ଚୌକା ଓ ୧ ଛକା ସହାୟତାରେ ୪୦ ରନ୍ କରି ଲୋକି ଫର୍ଗୁସନଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ତା' ପରେ ଲିଭିଂଷ୍ଟୋନ ଓ ଧାୱନ ଦଳକୁ ଜିତିବା ପାଇଁ ଦରକାର ଥିବା ରନ୍ ୪ ଓଭରରେ ସଂଗ୍ରହ କରି ନେଇଥିଲେ। ଫଳରେ ପଞ୍ଜାବ ୧୬ ଓଭରରେ ୨ ଉଇକେଟ ହରାଇ ୧୪୫ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଧାୱନ ୬୨* (୮ ଚୌକା ଓ ୧ ଛକା) ଓ ଲିଭିଂଷ୍ଟୋନ ୩୦* (୨ ଚୌକା ଓ ୩ ଛକା) ରନ୍ କରି ଅପରାଜିତ ଥିଲେ। ୧୬ତମ ଓଭର ବୋଲିଂ କରିଥିବା ମହମ୍ମଦ ଶାମିଙ୍କ ୬ ବଲରୁ ଲିଭିଂଷ୍ଟୋନ ୨୮ ରନ ସଂଗ୍ରହ କରିଥିଲେ।

ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୪୩/୮(ସାଇ ସୁଦର୍ଶନ-୬୫*, ରିଦ୍ଧିମାନ ଶାହା-୨୧, କାଗିଶୋ ରବାଡା-୪/୩୩, ରିଶି ଧାୱନ-୧/୨୬)। ପଞ୍ଜାବ କିଙ୍ଗ୍ସ ୧୬ ଓଭରରେ ୧୪୫/୨(ଶିଖର ଧାୱନ-୬୫*, ଭାନୁକା ରାଜପାକ୍ସା-୪୦, ଲିଆମ ଲିଭିଂଷ୍ଟୋନ-୩୦*, ଲୋକି ଫର୍ଗୁସନ-୧/୨୯, ମହମ୍ମଦ ଶାମି-୧/୪୩)।

ବଶିଷ୍ଠଙ୍କ 'ନାଇଟ ୱାଚମ୍ୟାନ'



ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି): କ୍ରିକେଟରେ ଅନେକ ବହି ଲେଖା ଯାଇଛି। ସେଗୁଡ଼ିକ ମଧ୍ୟରେ କ୍ରିକେଟ କବିତା ବହି ବିରଳ। କେରଳ କାଲିକଟସ୍ଥିତ ମାଲବାର ଖ୍ରିଷ୍ଟିଆନ କଲେଜର ଇତିହାସ ବିଭାଗ ପ୍ରଫେସର ବଶିଷ୍ଠ ଏପରି ଏକ କବିତା ବହି ରଚନା କରିଛନ୍ତି। ତା'ର ନାମ ସେ ରଖିଛନ୍ତି 'ନାଇଟ ୱାଚମ୍ୟାନ'। ପୁସ୍ତକରେ ଇଂରାଜୀ ଭାଷାରେ ମୋଟ ୧୮ଟି କ୍ରିକେଟ କବିତା ରହିଛି। ଏଥିରେ ସଚିନ ତେନ୍ଦୁଲକର, କପିଳ ଦେବ, ୱେଷ୍ଟଇଣ୍ଡିଜରେ ଭାରତର ୧୯୭୧ ଟେଷ୍ଟ ସିରିଜ ବିଜୟ, ଇଂଲଣ୍ଡରେ ୧୯୮୩ରେ ଭାରତର ଐତିହାସିକ ବିଶ୍ୱକପ ବିଜୟ, ବ୍ରାଏନ ଲାରା, ୱେଷ୍ଟଇଣ୍ଡିଜ କ୍ରିକେଟ ଆଦିକୁ ନେଇ କବିତା ରଚନା କରାଯାଇଛି। ଏହି ପୁସ୍ତକରେ ବଶିଷ୍ଠଙ୍କର କ୍ରିକେଟକୁ ଭଲପାଇବା ପ୍ରତିଫଳିତ ହୋଇଛି। କବିତା ଗୁଡ଼ିକ ଅତ୍ୟନ୍ତ ସରଳ ହୋଇଥିବାରୁ ଏହା କ୍ରିକେଟପ୍ରେମୀଙ୍କୁ ଏବଂ ପାଠକଙ୍କୁ ନିଶ୍ଚିତ ଭଲ ଲାଗିବ ବୋଲି ବଶିଷ୍ଠ ଆଶାପ୍ରକାଶ କରିଛନ୍ତି।

ହାଇଟେକ୍‌ରେ ନୂଆ କ୍ରିକେଟ ଏକାଡେମୀ

ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି): କ୍ରିକେଟ ଖେଳରେ ଉନ୍ନତ ମାନର ପାରଦର୍ଶିତା ପାଇଁ ହାଇଟେକ୍ ଗ୍ରୁପ୍‌ଦ୍ୱାରା ଏକ ନୂଆ କ୍ରିକେଟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ହାଇଟେକ୍ କଲେଜ ଓ ହସ୍ପିଟାଲ ସଂଲଗ୍ନ କ୍ରିକେଟ ଷ୍ଟାଡିୟମରେ ଏହା ଆରମ୍ଭ ହେବ। ଏଥିରେ ୭ ବର୍ଷଠାରୁ ବାଳିକା ଓ ବାଳକଙ୍କୁ ଉଚ୍ଚମାନର ବୈଷୟିକ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ। ପ୍ରତିଭା ଅନ୍ୱେଷଣ ସହ ସେମାନଙ୍କୁ ଆବଶ୍ୟକ ତାଲିମ ଦେବା ଏହି ଏକାଡେମୀର ମୁଖ୍ୟ ଲକ୍ଷ୍ୟ ରହିବ। ବାହାର ଖେଳାଳିଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା ରହିଛି ବୋଲି ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ କ୍ରୀଡ଼ା ଅଧିକାରୀ ଲଳିତ ମହାନ୍ତି ପ୍ରକାଶ କରିଛନ୍ତି। ରାଜ୍ୟରେ କ୍ରିକେଟର ଉନ୍ନତି ଏହି ଏକାଡେମୀର ଉଦ୍ଦେଶ୍ୟ। ଉନ୍ନତ ପଡ଼ିଆରେ ବର୍ଷଯାକ ପିଲାମାନଙ୍କୁ ଉଚ୍ଚମାନର ପ୍ରଶିକ୍ଷଣ ଏଠାରେ ଦିଆଯିବ। ବାଳିକାଙ୍କ ପାଇଁ ମହିଳା କୋଚ୍ ନିଯୁକ୍ତ ହେବ। କେବଳ ଏଠାରେ ନୁହେଁ ଭବିଷ୍ୟତରେ ବାହାରକୁ ମଧ୍ୟ ପିଲାମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପାଇଁ ପଠାଯିବାର ଯୋଜନା ରହିଛି ବୋଲି ଲଳିତ ପ୍ରକାଶ କରିଛନ୍ତି।

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନହାର
ଗୁଜରାଟ ଟାଇଟାନ୍ସ	୧୦	୮	୨	୧୬	+୦.୧୫୮
ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ	୧୦	୭	୩	୧୪	+୦.୩୯୭
ରାଜସ୍ଥାନ ରୟାଲ୍ସ	୧୦	୬	୪	୧୨	+୦.୩୪୦
ସନ୍‌ରାଇଜର୍ସ ହାଇଦ୍ରାବାଦ	୯	୫	୪	୧୦	+୦.୪୭୧
ପଞ୍ଜାବ କିଙ୍ଗ୍ସ	୧୦	୫	୫	୧୦	-୦.୨୨୯
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର	୧୦	୫	୫	୧୦	-୦.୫୫୮
ଦିଲ୍ଲୀ କ୍ୟାପିଟାଲ୍ସ	୯	୪	୫	୮	+୦.୫୮୭
କୋଲକାତା ନାଇଟ ରାଇଡର୍ସ	୧୦	୪	୬	୮	+୦.୦୬୦
ଚେନ୍ନାଇ ସୁପର କିଙ୍ଗ୍ସ	୯	୩	୬	୬	-୦.୪୦୭
ମୁମ୍ବାଇ ଇଣ୍ଡିଆନ୍ସ	୯	୧	୮	୨	-୦.୮୩୬

ପୋଲାର୍ଡଙ୍କ ସ୍ଥାନରେ ପୁରନ ଅଧିନାୟକ

ସେଣ୍ଟଜନ୍ସ (ଆଣ୍ଟିଗୁଆ),୩।୫ (ଏପି): କିରନ ପୋଲାର୍ଡଙ୍କ ସ୍ଥାନରେ ନିକୋଲାସ ପୁରନ ୱେଷ୍ଟଇଣ୍ଡିଜର ଉଭୟ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। କ୍ରିକେଟ ୱେଷ୍ଟଇଣ୍ଡିଜ ତରଫରୁ ମଙ୍ଗଳବାର ଏହା ସ୍ପଷ୍ଟ କରାଯାଇଛି। ପୋଲାର୍ଡ ଗତ ସପ୍ତାହରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ପୁରନ ଏକ ବର୍ଷ ହେଲା ପୋଲାର୍ଡଙ୍କ ଡେପୁଟି ଭାବେ କାର୍ଯ୍ୟ କରିଆସିଥିଲେ। ପୁରନଙ୍କ ଅଧିନାୟକତ୍ୱ ସମୟରେ ୱେଷ୍ଟଇଣ୍ଡିଜ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଏବଂ

ଭାରତରେ ୨୦୨୩ ଅକ୍ଟୋବରରେ କ୍ରିକେଟ ବିଶ୍ୱକପ୍ ଖେଳିବ। ପୋଲାର୍ଡଙ୍କ ଅନୁପସ୍ଥିତିରେ ପୁରନ ଇତିମଧ୍ୟରେ ଗତବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟି୨୦ ସିରିଜରେ ଅଧିନାୟକତ୍ୱ ତୁଲାଇ ସାରିଛନ୍ତି। ତାଙ୍କ ଦଳ ଏହି ସିରିଜରେ ବିଜୟ ଲାଭ କରିଥିଲା।

'ୱାଇଡ୍, ହାଇଟ୍ ନୋ ବଲକୁ ରିଭ୍ୟୁ କରାଯିବ ଉଚିତ'

ମୁମ୍ବାଇ,୩।୫ : ରାଜସ୍ଥାନ ରୟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ୱାଇଡ୍ ବଲ ନିଷ୍ପତ୍ତିକୁ ନେଇ ବିବାଦ ଦେଖାଦେବା ପରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏଥିରେ ସାମିଲ ହୋଇଛନ୍ତି ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ଡାନିଏଲ ଭିଟୋରି ଓ ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ସ୍ପିନର ଇମ୍ରାନ ତାହିର। ଦୁଇ ପୂର୍ବତନ ଖେଳାଳି ୱାଇଡ୍ ଏବଂ ହାଇଟ୍ ନୋ ବଲକୁ ଡିଆର୍‌ଏସ୍ ସ୍କାନର ଅଧୀନରେ ସାମିଲ କରିବା ସପକ୍ଷରେ ମତ ଦେଇଛନ୍ତି। କୋଲକାତାକୁ ଅନ୍ତିମ ଦୁଇ ଓଭରରେ ୧୮ ରନ୍ ଦରକାର ଥିବା ବେଳେ ୧୯ତମ ଓଭରରେ ବ୍ୟାଟର କ୍ରିଜ୍‌ରେ ଷ୍ଟାନ୍ସ ପରିବର୍ତ୍ତନ କରିବା ପରେ ମଧ୍ୟ ଅମ୍ପାୟର ନୀତୀନ ପଣ୍ଡିତ ୩ ଥର ବଲକୁ ୱାଇଡ୍ ଦର୍ଶାଇଥିଲେ। ଅମ୍ପାୟରଙ୍କ ନିଷ୍ପତ୍ତିକୁ ବିରୋଧ କରିବା ଲାଗି ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ଡିଆର୍‌ଏସ୍ ନେଇଥିଲେ। ''ଖେଳାଳିଙ୍କୁ ୱାଇଡ୍ ଏବଂ ଅଣ୍ଟା ଉଚ୍ଚ ବଲକୁ ରିଭ୍ୟୁ କରିବାକୁ ଅନୁମତି ଦିଆଯିବା ଉଚିତ। ମ୍ୟାଚ୍‌ରେ କେକେଆର୍‌ର ବିଜୟ ପ୍ରାୟ ନିଶ୍ଚିତ ଥିଲା। କିନ୍ତୁ ଆମେ ଏଠାରେ ବସି ଅମ୍ପାୟରଙ୍କ ନିଷ୍ପତ୍ତି ବୋଲରଙ୍କ ବିରୋଧରେ ଯିବାର ଅନେକ ଘଟଣା ଦେଖିଛେ। ଏହା ଅତ୍ୟନ୍ତ କ୍ଲୋଜ ଥିଲା, କିନ୍ତୁ ଅମ୍ପାୟର ଭୁଲ ନିଷ୍ପତ୍ତି ଦେଇଥିଲେ। ଏଣୁ ଖେଳାଳିଙ୍କୁ ସେହି ଭୁଲକୁ ସୁଧାରିବା ଲାଗି କିଛି ଅଧିକାର ଦିଆଯିବା ଦରକାର। ଏହି କାରଣରୁ ଡିଆର୍‌ଏସ୍‌କୁ ଅଣାଯାଇଛି। ଏହା କାର୍ଯ୍ୟକାରୀ ହେଉଥିବା ଦେଖିବାକୁ ଚାହେଁ। ଖେଳାଳିମାନେ ତାହାକୁ ଭଲ ଭାବେ ଜଜ୍ କରନ୍ତି'' ବୋଲି ଭିଟୋରି କହିଛନ୍ତି।

ରାଜ୍ୟ ଟାଇବକ୍ସ ଚାମ୍ପିୟନଶିପ୍: ଖୋର୍ଦ୍ଧା ଚାମ୍ପିୟନ

ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ଟାଇବକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମଥରପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୨୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲା ଚାମ୍ପିୟନ, ଅନୁଗୋଳ ରନର୍ସଅପ୍ ଓ ବଲାଙ୍ଗୀର ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରଫେଶନାଲ ଇଭେଣ୍ଟରେ ବଲାଙ୍ଗୀରର ରୁସ୍ତମ ନାୟକ ବିଜେତା ହୋଇଥିଲେ। ରାଜ୍ୟ ଆସୋସିଏଶନ ସଭାପତି ବିଭୂତି ଭୂଷଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ସାହୁ, ଅନିଲ ରାଉତ, ଦୀନବନ୍ଧୁ ବାରିକ, ଦୀପକ ସାମନ୍ତରାୟ, ରିଙ୍କି ରାଉତରାୟ, ଚିନ୍ମୟ ସାମନ୍ତରାୟ, ଅମିତ ରାଉତ, ଭାଗୀରଥି ଦାସ, ନବ ପଟ୍ଟନାୟକ, ନବକିଶୋର ବାରିକ, ସିଦ୍ଧାର୍ଥ ସାହୁ, ଶ୍ରୀକାନ୍ତ ଓଝା, ପ୍ରକାଶ ବେହେରା ପ୍ରମୁଖ ଅଫିସିଆଲଭାବେ ଖେଳ ପରିଚାଳନା କରିଥିଲେ। ନିଳମାଧବ ନନ୍ଦ, ମାନସ ଚୌଧୁରୀ, ଦୁର୍ଗା ସାମନ୍ତରାୟ, ରୁଦ୍ର ନାରାୟଣ ସାମନ୍ତରାୟ, ରତିକାନ୍ତ ସାମନ୍ତରାୟ, ହରିଶଙ୍କର ରାଉତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସୋସିଏଶନ ପରାମର୍ଶଦାତା ଦିଲୀପ ତିର୍କୀ ଓ ସଭାପତି ବିଭୂତି ଭୂଷଣ ଅଭିନନ୍ଦନ ଜଣାଇଛନ୍ତି।

କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ହେଣ୍ଡ୍ରିଙ୍କ ରେକର୍ଡ ସମକକ୍ଷ ହେଲେ ଓ'ସୁଲିଭାନ

ଶିଫିଲ୍ଡ (ଇଂଲଣ୍ଡ), ୩।୫ : ଇଂଲଣ୍ଡର ୪୬ ବର୍ଷୀୟ ରୋନି ଓ'ସୁଲିଭାନ ୧୮-୧୩ରେ ଜୁଡ୍ ଟ୍ରମ୍ପଙ୍କୁ ପରାସ୍ତ କରି ୭ମ ଥର ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି। ଏଥିସହିତ ସେ ଷ୍ଟିଫେନ୍ ହେଣ୍ଡ୍ରିଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଓ'ସୁଲିଭାନ ଏହା ପୂର୍ବରୁ ୨୦୦୧, '୦୪, '୦୮, '୧୨, '୧୩, ଓ '୨୦ରେ ବିଶ୍ୱ ଟାଇଟଲ ଜିତିଥିଲେ। ହେଣ୍ଡ୍ରି ତାଙ୍କ ସମସ୍ତ ଟାଇଟଲ ୧୯୯୦ ଦଶକରେ ହାସଲ କରିଥିଲେ। ସ୍ନୁକରର ଅନ୍ୟ ଦୁଇଟି ପ୍ରମୁଖ ପ୍ରତିଯୋଗିତା ମାଷ୍ଟର୍ସ ଓ ୟୁ.କେ. ଚାମ୍ପିୟନଶିପ୍‌ରେ ୭ ଟାଇଟଲ ସହ ଓ'ସୁଲିଭାନଙ୍କ ନିଜସ୍ୱ ରେକର୍ଡ ରହିଛି। ଡାହାଣହାତୀ

ଟ୍ରଫି ସହ ରୋନି ଓ'ସୁଲିଭାନ।

ହୋଇଥିଲେ ମଧ୍ୟ ସେ ବାମହାତରେ ସହଜେ ଖେଳିପାରନ୍ତି। ଓ'ସୁଲିଭାନ ତାଙ୍କ କ୍ୟାରିୟରରେ ସର୍ବାଧିକ ୩୯ଟି ଟାଇଟଲ ହାସଲ କରିଛନ୍ତି। ଏକମାତ୍ର ଖେଳାଳି ଭାବେ ସେ ୧,୦୦୦ରୁ ଊର୍ଦ୍ଧ୍ୱ କମ୍ପିଟିଟିଭ୍ ସେଞ୍ଚୁରୀ କରିଛନ୍ତି। ପୁନଶ୍ଚ ପ୍ରତିଯୋଗିତାମୂଳକ ଖେଳରେ ସେ ଯେକୌଣସି ଖେଳାଳି ତୁଳନାରେ ସର୍ବାଧିକ ୧୪୬ ବ୍ରେକ୍ କରିଛନ୍ତି। ୭ଥର ବିଶ୍ୱ ଚାମ୍ପିୟନ ହେବା ପାଇଁ ତାଙ୍କୁ ଏତେ ସମୟ ଲାଗିଥିବାରୁ ଓ'ସୁଲିଭାନ ବିସ୍ମୟ ପ୍ରକାଶ କରିଛନ୍ତି।

ଅହମଦାବାଦରେ ଆଇପିଏଲ୍ ଫାଇନାଲ

ନୂଆଦିଲ୍ଲୀ, ୩।୫ (ପିଟି)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନର ଫାଇନାଲ ଆସନ୍ତା ୨୯ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ମହିଳା ଟି୨୦ ଚ୍ୟାଲେଞ୍ଜ ପ୍ରଦର୍ଶନୀ ଇଭେଣ୍ଟ ପୁଣେରେ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ସ୍ପଷ୍ଟ କରିଛି।

ଟାଟା ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟର ଓ ଏଲିମିନେଟର ଯଥାକ୍ରମେ ୨୪ ଓ ୨୫ ତାରିଖରେ କୋଲକାତାରେ ହେବ। ସେହିଭଳି ଦ୍ୱିତୀୟ କ୍ୱାଲିଫାୟର ଏବଂ ଫାଇନାଲରେ ଅହମ୍ମଦାବାଦରେ ୨୭ ଓ ୨୯ରେ ଭରପୁର ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ବିସିସିଆଇ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି।

ଗତ ମାସରେ ଅନୁଷ୍ଠିତ ବିସିସିଆଇର ଆପେକ୍ସ କାଉନ୍ସିଲ ବୈଠକରେ ମହିଳା ଟି୨୦ ଚ୍ୟାଲେଞ୍ଜ ଲକ୍ଷ୍ନୌରେ ହେବ ବୋଲି ସଭାପତି ସୌରଭ ଗାଙ୍ଗୁଲି କହିଥିଲେ। କିନ୍ତୁ ଏହାକୁ ପୁଣେକୁ ସ୍ଥାନାନ୍ତର କରାଯାଇଛି। ୨୮ ତାରିଖରେ ହେବାକୁ ଥିବା ଫାଇନାଲ ପୂର୍ବରୁ ୩ ମ୍ୟାଚ୍ ଖେଳାଯିବ। ୩ ଦଳ ବିଶିଷ୍ଟ ଏହି ଇଭେଣ୍ଟ ଗତ ବର୍ଷ ଅନୁଷ୍ଠିତ ହୋଇ ନ ଥିଲା।

କିଟ୍‌ର କ୍ରମାଗତ ତୃତୀୟ ବିଜୟ

ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି): କିଟ୍ ଷ୍ଟାଡିୟମ ଏବଂ କଟକର ରେଭେନ୍ସା ଗ୍ରାଉଣ୍ଡରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ (ପୁରୁଷ) କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ୩୩ ରନରେ ରେଭେନ୍ସାକୁ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୩୦ ରନରେ ବାରାଣସୀର ମହାତ୍ମା

ଲଡୁଗାଁରେ ପର୍ଶୁରାମ ଜୟନ୍ତୀ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ ମଙ୍ଗଳବାର ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ରାହ୍ମଣ ସମାଜ ପକ୍ଷରୁ ଲଡୁଗାଁ ଶିଶୁ ମନ୍ଦିର ଛକରୁ ହନୁମାନ ତିନିଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଛି। ମୁଖ୍ୟ ପୁରୋଧା ଭାବେ ବଜେନ୍ଦ୍ର ପାଙ୍ଗଯୋଷୀ, ସୁବାସ ଭାଇ, ଶ୍ରୀମନ୍ତ ପାଢ଼ା, ରମେଶ ଶର୍ମା, ଭାରତ ଭୂଷଣ ଠାକୁର, ଦୀପକ ଶର୍ମାଙ୍କ ନେତୃତ୍ୱରେ ଶତାଧିକ ପର୍ଶୁରାମ ସେନା ପକ୍ଷରୁ ନଗର ପରିକ୍ରମା ସହ ପ୍ରଭୁ ଶ୍ରୀ ପର୍ଶୁରାମଙ୍କ ନାରାରେ ସହର ଗୁଞ୍ଜରିତ ହୋଇଥିଲା। ଲଡୁଗାଁ ବ୍ରାହ୍ମଣ ସମାଜ ସମେତ ଅଞ୍ଚଳର ବିଭିନ୍ନ ଗ୍ରାମରୁ ସଦସ୍ୟ ଉପସ୍ଥିତ ଥିଲେ।

ମାଓବାଦୀ ପ୍ରବଣ ଅଞ୍ଚଳରେ ଜିଲାପାଳ

ଉନ୍ନୟନ କାର୍ଯ୍ୟ ତଦାରଖ କଲେ

ନୂଆପଡ଼ା ଅଫିସ,୩।୫

ଗାତିବେଡାଠାରେ ଜିଲାପାଳ ଜମିପଟ୍ଟା ପ୍ରଦାନ କରୁଛନ୍ତି।

ନୂଆପଡ଼ା ଜିଲା ମାଓବାଦୀ ପ୍ରବଣ ଆଦିବାସୀ ଅଧ୍ୟୁଷିତ ବଣପାହାଡ ଘେରା ଅଭୟାରଣ୍ୟରେ ଅବସ୍ଥିତ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତ ମଙ୍ଗଳବାର ଗସ୍ତ କରିଛନ୍ତି ଜିଲାପାଳ ସ୍ୱାଧାଦେବ ସିଂ। ସୁନାବେଡା ଓ ସୋସେଙ୍ଗ ପଞ୍ଚାତୟ ବିଭନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ ବନବାସୀଙ୍କ ସହିତ ଆଲୋଚନା କରିଥିଲେ। ସୁନାବେଡାଠାରେ ଓପିଲିପି ଓ ସିବିଡିଏ ଦ୍ୱାରା ୭୦ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣାଧୀନ ମଡେଲ ହାଟ ପରିଦର୍ଶନ କରି ସୁନାଦେଈ ମନ୍ଦିର ପାଖରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦ୍ୱାରା ୨୦୨୧-୨୨ ଆର୍ଥିକ ବର୍ଷରେ ନିର୍ମାଣ ଗ୍ରାମୀଣ ପାର୍କ ପରିଦର୍ଶନ କରିଥିଲେ। ପାର୍କ କାର୍ଯ୍ୟ ମନ୍ଥର ଗତିରେ ଚାଲଥିବାରୁ ଗୋଟିଏ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗାତିବେଡା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟ ତଦାରଖ କରିବା ସହ ସୋସେଙ୍ଗ ସପ୍ତାହିକ ହାଟ ଗୃହ ପରିଦର୍ଶନ କରିଥିଲେ। ଗାତିବେଡା ଉଚ୍ଚ ବିଦ୍ୟାଳୟରେ ୪ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ଦୁର୍ଗମ ଅଞ୍ଚଳରେ ଜିଲାପାଳଙ୍କୁ ପାଇ ବନବାସୀ ଖୁସିବ୍ୟକ୍ତ କରିବା ସହିତ ନିଜ ଅଞ୍ଚଳର ରାସ୍ତାଘାଟ, ବିଜୁଳି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ବିଷୟରେ ଅବଗତ କରିଥିଲେ। ବିଶେଷକରି ବରକୋଟଠାରୁ ଚେରେବୂଆଁ ଘାଟି ରାସ୍ତା, ଚେରେବୂଆଁଠାରୁ ଜାମଗାଁ ଘାଟି ରାସ୍ତା ବହୁତ ଖରାପ ଥିବାରୁ ଯାତାୟାତ କରିବା ଏବଂ ରୋଗୀ ନେବା ଆଣିବାରେ ମଧ୍ୟ ବାଧା ଉପୁଜୁଛି। ଠିକ ସମୟରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡି ଯାଇ ରୋଗୀ ସେବା ଦେଇପାରୁନାହିଁ। ଏ ସଂକ୍ରାନ୍ତରେ ଜିଲାପାଳ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ପକାଇବା ପାଇଁ ମୁଁ ଚେଷ୍ଟା କରିବି ବୋଲି କହିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ କୋମନା ବିଡିଓ ସୁଶାନ୍ତ କୁମାର ରଣା, ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ତାଣ୍ଡି, ଯନ୍ତ୍ରୀ ମହେଶ୍ୱର ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଖିଶ୍ୟାମ ପ୍ରଧାନ, ମନ୍ଧର ବଗର୍ତ୍ତି, ସିବିଡିଓ ଅଧିକାରୀ, ବନବାସୀ ପ୍ରମୁଖ ଉପସ୍ଥିତ ଥିଲେ ।

ବିଧାୟକଙ୍କ ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା

ଲାଞ୍ଜିଗଡ,୩।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି ମଙ୍ଗଳବାର ଲାଞ୍ଜିଗଡ ବ୍ଲକରେ ଗସ୍ତ କରିଛନ୍ତି। ସେ ୫-ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିଧାୟକ ବ୍ଲକର ଲାଞ୍ଜି ଗ୍ରାମପଞ୍ଚାୟତ କାଣ୍ଡାମା ଗ୍ରାମର ମା' ଠାକୁରାଣୀ ଯାତ୍ରାରେ ଯୋଗଦେଇଥିଲେ। ପରେ ସେ ଲାଖବାହିଲି ଉଚ୍ଚ ବିଦ୍ୟାଳୟରେ ସରକାରଙ୍କ ପକ୍ଷରୁ ଚାଲିଥିବା ୫-ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରିଥିଲେ। ବିଜେପୁର ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ କରି ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବସନ୍ତପଡା ଗାଁଠାରେ ମଧ୍ୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟ ୫-ଟି ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରିଥିଲେ। ଏହାପରେ ସେ ସୀତାପୁର ଓ ଡୁମେର ମୁଣ୍ଡା ଗ୍ରାମରେ ମା' ଠାକୁରାଣୀ ଯାତ୍ରରେ ଯୋଗଦେଇଥିଲେ। ବିଧାୟକଙ୍କ ସହିତ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଜିଲା ପରିଷଦ ଜୋନ-୨ ପରୀକ୍ଷିତ ନାଏକ, ଜୋନ-୧ ଅଞ୍ଚଳି ମାଝି, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ପୂର୍ବତନ ବିଧାୟକ ଶିବାଜୀ ମାଝି, ଯୁବ ବିଜେଡି ବ୍ଲକ ସଭାପତି ଡିଲେସ ନାଗ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆଙ୍କ ସମେତ ଦଳୀୟକର୍ମୀ ଓ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ।

ଆମ୍ବେଡକର ଜୟନ୍ତୀ ପାଳିତ

ଲାଞ୍ଜିଗଡ,୩।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପକ୍ଷରୁ ବିଶ୍ୱନାଥପୁରଠାରେ ଜିଲାସ୍ତରୀୟ ଡ. ବି.ଆର୍ ଆମ୍ବେଡକରଙ୍କ ଜନ୍ମଜୟନ୍ତୀ ଓ ଶ୍ରମିକ ଦିବସ ଅବସରରେ ଅଲ ଓ ସିଡ୍ୟୁଲ୍ଡକାଷ୍ଟ ଫେଡେରେଶନ ପକ୍ଷରୁ ବିଶାଳ ଶୋଭାଯାତ୍ରା ଓ ଜନଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଅଲ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ସଭାପତି ଧନଞ୍ଜୟ ଦୀପ ଯୋଗଦେଇଥିବାବେଳେ ଅତିଥି ଭାବେ ପୂର୍ବତନ ବିଧାୟକ ଶିବାଜୀ ମାଝି, ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ଅଲ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ, କଳା ଓ ସଂସ୍କୃତି ବିଭାଗ ମୁଖ୍ୟ ମଧୁସୂଦନ ବାଗ, ଉପସଭାପତି ବିଭୀଷଣ ନାଏକ, କର୍ଲାମୁଣ୍ଡା ବ୍ଲକ ସଭାପତି ବରୁଣ ସୁନା, ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପ, ଉପଦେଷ୍ଟା ଉଦୟ କୁମାର, ନବୀନ ସୁନା, ମନୋହର ହରପାଲ, ଅଧ୍ୟାପକ ଗୌର ସୁନା ପ୍ରମୁଖ ଯୋଗ ଦେଇଥିଲେ। ଫେଡେରେଶନ ଲାଞ୍ଜିଗଡ ବ୍ଲକ ଶାଖା ସଭାପତି ଜଗଦୀଶ ବେନିଆଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ସୁଶୀଲ କୁମାର ବାଗ ଓ ବିଭୂତିଭୂଷଣ ତାଣ୍ଡି ପରିଚାଳନା କରିଥିବାବେଳେ ହରିହର କୁମାର ଧନ୍ୟବାଦ ଦେଇଥିଲେ।

WALK-IN-INTERVIEW - 09 May 2022

Location - Access Livelihoods, Near CHC, Railway station road, Loisingha, Bolangir - 767020, Time - 9:00 AM

Access Livelihoods, a Hyderabad-based group of social enterprises, is looking to hire for the following positions for a project supported by the Department of Agriculture and Farmers Empowerment, Government of Odisha.

	Field Executive (Organic Farming)	Field Executive (2 Positions)
Qualification	B.Sc.(Agriculture)/M.Sc.(Agriculture)/ Any Graduate with 1-3 years experience in organic farming, degree from a recognized university.	Any Graduate/ Post Graduate from a recognized university
Experience	1-3 years in agriculture or related fields	0-1 year in community services, freshers welcome
Salary Range	Rs. 12,000 - 15,000 per month	Rs. 6,000 - 10,000 per month

Email CV to bisworanjan.parida@alcindia.org by 06 May 2022; only shortlisted candidates will be called for an interview.
Contact: +91 70087 80484

ଜିଲାସ୍ତରୀୟ ଅକ୍ଷୟତୃତୀୟା ପାଳିତ

କଳାହାଣ୍ଡି ଏମ୍‌ପିଙ୍କ ଦ୍ୱାରା ଅଖିମୁଠି ଅନୁକୁଳ କରାଯାଉଛି।

ନୂଆପଡ଼ା ଅଫିସ,୩।୫

ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ଗ୍ରାମଠାରେ ମଙ୍ଗଳବାର ଜିଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ କୃଷି ଅଧିକାରୀ ଅର୍ନ୍ତଯ୍ୟାମୀ ମଣ୍ଡଳ ଅଧ୍ୟକ୍ଷତା କରିଥିବା ବେଳେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୁଳ କରିଥିଲେ। ଜିଲା ପରିଷଦ ଅଧକ୍ଷା ଡଲି ମାଝି, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ନୂଆପଡା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସା, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଗୋଡଫୁଲା ସରପଞ୍ଚ କବିତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସବୁ ବିଭାଗ ଅଧିକାରୀମାନେ ଯୋଗଦେଇ ନିଜର ଯୋଜନା ବିଷୟରେ ଚାଷୀମାନଙ୍କୁ ବୁଝାଇ ଏହାର ସୁବିଧା ସୁଯୋଗ ନେବା ପାଇଁ ଆହ୍ୱାନ କରିଥିଲେ। ଜିଲାର ୫ଟି ବ୍ଲକରୁ ୩ଶହ କୃଷକ ଯୋଗଦେଇଥିବା ବେଳେ ୫ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରଯାଇଥିଲା। ନୂଆପଡା ବ୍ଲକ ସାଲିହା ଗ୍ରାମର ଶେତରାମ ସାହୁ, କୋମନା ବ୍ଲକ କୁରୁମପୁରି ଗ୍ରାମର ରାଏସିଂ ଧରୁଆ, ବୋଡେନ ବ୍ଲକ ସୁନାପୁର ଗ୍ରାମର ମଣିରାମ ଶଗରିଆ, ଖଡିଆଳ ବ୍ଲକ ମାଣ୍ଡୋସିଲି ଗ୍ରାମର ସୁରେଶ୍ୱର ରଣା ଓ ସିନାପାଲି ବ୍ଲକ ବରଗାଁ ଗ୍ରାମର ଅକ୍ଷୟ ମେହେରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବ୍ଲକର ସମସ୍ତ ସହକାରୀ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ। ଉପ ପ୍ରକଳ୍ପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୋକସରା,୩।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଘଣ୍ଟିଗୁଡା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମୁକ୍ତେଶ୍ୱର ନାଏକଙ୍କୁଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଲିଙ୍ଗରାଜ ନାଏକ ସଭାପତିତ୍ୱରେ ବିଦାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ଦାସ, ସମ୍ମାନିତ ଅତିଥି ଏବିଇଓ ବିଜୟ କୁମାର ବାରିକ, ବିଆରସିସି ତୋଫାନ ମାଝି, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ମତ ରଖିଥିଲେ। ଶିକ୍ଷକ କ୍ଷୀରସିନ୍ଧୁ ମେହେର, ମାରଗୁଣିଆ ନାଗଙ୍କ ସମେତ ଦର୍ଲିପଡ଼ା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅବସର ଶିକ୍ଷକଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ।

ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା ଅଫିସ,୩।୫

ସ୍ଥାନୀୟ ସଦଭାବନା ଗୃହରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୬ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ଜିଲାପାଳ ସ୍ୱାଧାଦେବସିଂ ଅଭିଯୋଗ ଶୁଣିବା ସାଙ୍ଗକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଅନେକ ଆବାସ ଯୋଜନାରେ ଗୃହ ପାଇ ନ ଥିବା ହିତାଧିକାରୀ ଓ ବିଭିନ୍ନ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀମାନେ ଆସି ନିଜର ଗୁହାରୀ ଜଣାଇଥିଲେ। ନୂଆପଡା ଏସ୍‌ପି ପ୍ରତ୍ୟୁଷ ଦିବାକର, ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ଉପଜିଲାପାଳ ତରଣିସେନ ନାଏକ, ଡା.ଗୋପାଳ ଚନ୍ଦ୍ର ମଲ୍ଲିକ, ସଦର ବିଡିଓ ସୁବେଦାର ପ୍ରଧାନ, ତହସିଲଦାର ଦେବେନ୍ଦ୍ର ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅଷ୍ଟ୍ରୀୟ କେରକେଟା, ଜିଲାପାଳ ପ୍ରତିନିଧି ଲୋପାମୁଦ୍ରା ସାମଲ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଗିରିଜା ଶଙ୍କର ମହାପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, ଜିଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝି, ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ତାଣ୍ଡି ପ୍ରମୁଖ ଅଧିକାରୀମାନେ ଉପସ୍ଥିତଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଆୟୋଜିତ ହେଉଥିବା ଅଭିଯୋଗ ଶୁଣାଣିରେ ଅପେକ୍ଷାରତ ଅଭିଯୋଗକାରୀଙ୍କ ପାଇଁ ବସିବା ବ୍ୟାବସ୍ଥା କିମ୍ବା ପାନୀୟ ଜଳ ବ୍ୟବସ୍ଥା ହୋଇ ନ ଥିବାରୁ ଜନସାଧାରଣ କ୍ଷୋଭ ପ୍ରକାଶ କରିଥିଲେ।

ବିଜୁ ଗ୍ରାମୀଣ ସାପ୍ତାହିକ ବଜାର ଉଦ୍‌ଘାଟିତ

ସାପ୍ତାହିକ ବଜାର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥି।

ଜୁନାଗଡ,୩।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲେଇ ଗାଁ ପ୍ରହର ମଣ୍ଡପଠାରେ ମଙ୍ଗଳବାର ବିଜୁ ଗ୍ରାମୀଣ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି। କଲେଇ ଗାଁ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେର, ସମ୍ମାନିତ ଅତିଥି ଭାବେ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଲାଲବାହାଦୂର ଜାନି, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ଜିପିଓ ରାଜେନ୍ଦ୍ର ଭୋଇ, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ତାରା ପ୍ରସାଦ ରାୟଗୁରୁ, ସ୍ଥାନୀୟ ସମିତିସଭ୍ୟ ମମତା ପାତ୍ର, ନାଏବ ସରପଞ୍ଚ ସୂର୍ଯ୍ୟମଣି ନିଆଲ, ପିଇଓ ଗୁନୁ ଗଡତିଆ, ଆରଏମସି କର୍ମଚାରୀ ଦିଗାମ୍ବର ପୁରୋହିତ, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ରଣବୀର, ସାମାଜିକ କର୍ମୀ ଅନ୍ତରାମ ବାଗ ପ୍ରମୁଖ ଯୋଗଦେଇଥିଲେ। ସପ୍ତାହର ପ୍ରତି ମଙ୍ଗଳବାର ଏହି ବଜାର ବସିବ ବୋଲି ଜଣାପଡିଛି। ସେହିପରି ଏହି ବଜାର ଯୋଗୁ ଅଞ୍ଚଳର ଅନେକ ବ୍ୟବସାୟୀ ନିଜ ସାମଗ୍ରୀ ବିକ୍ରି ଲାଭବାନ ହେବା ସହ ସ୍ଥାନୀୟ ଲୋକେ ମଧ୍ୟ ଠିକ୍ ସମୟରେ ଉପଯୁକ୍ତ ସାମଗ୍ରୀ ପାଇ ଉପକୃତ ହେବେ ବୋଲି ସ୍ଥାନୀୟ ସରପଞ୍ଚ ଆଚାର୍ଯ୍ୟ କହିଛନ୍ତି।

Ministry of Finance
Government of India

Azadi Ka Amrit Mahotsav

ଇ-ଇନ୍‌ଭଏସ୍

ବ୍ୟବସାୟକୁ ସରଳ କରିବା ଅଭିମୁଖେ ଏକ ପଦକ୍ଷେପ

ପୂର୍ବବର୍ତ୍ତୀ ଯେକୌଣସି ଆର୍ଥିକ ବର୍ଷରେ ସର୍ବମୋଟ ₹୨୦ କୋଟିରୁ ଅଧିକ ବାର୍ଷିକ କାରବାର କରିଥିବା ଟିକସଦାତାଙ୍କ* ପାଇଁ, ସାମଗ୍ରୀ କିମ୍ବା ସେବା ଅଥବା ଉଭୟର ବି୨ବି ଯୋଗାଣ ନିମନ୍ତେ ଇ-ଇନ୍‌ଭଏସ୍ ତିଆରି କରିବା ବାଧ୍ୟତାମୂଳକ ଅଟେ ।

ଇ-ଇନ୍‌ଭଏସ୍‌ଗୁଡ଼ିକରେ ଇନ୍‌ଭଏସ୍ ପଞ୍ଜୀକରଣ ପୋର୍ଟାଲ ମାଧ୍ୟମରେ ସୃଷ୍ଟି ହୋଇଥିବା ଅନନ୍ୟ ଇନ୍‌ଭଏସ୍ ରେଫରେନ୍ସ ନମ୍ବର ରହିଥାଏ

ଇ-ଇନ୍‌ଭଏସ୍‌ର ଲାଭ

- ପ୍ରତିଲିଖନ ତ୍ରୁଟି ହ୍ରାସ ହୁଏ
- ସମରୂପୀ ମାନକ
- ଇନ୍‌ଭଏସ୍‌ର ବାଧାହୀନ ସଞ୍ଚାରଣ
- ଜିଏସ୍‌ଟି ପୋର୍ଟାଲକୁ ସ୍ୱଚାଳିତ ରିପୋର୍ଟିଂ
- ଜିଏସ୍‌ଟି ରିଟର୍ନ ସ୍ୱଚାଳିତ ଭାବେ ପୂରଣ ହୋଇଯାଏ
- ଇ-ୱେ ବିଲ୍ ସ୍ୱଚାଳିତ ଭାବେ ସୃଷ୍ଟି ହୋଇଥାଏ
- କମ୍ କାଗଜପତ୍ର କାମ
- ହ୍ରାସିତ ଅନୁପାଳନ ବୋଝ

*କେବଳ ବିନିର୍ଦ୍ଦିଷ୍ଟ ବର୍ଗର ଟିକସଦାତାଙ୍କୁ ଛାଡ଼ି

ଅଧିକ ବିବରଣୀ ପାଇଁ, ଦୟାକରି ସମୟ ସମୟରେ ସଂଶୋଧିତ ହେଉଥିବା ଅଧିସୂଚନା ନଂ. ୧୩/୨୦୨୦-ସେଣ୍ଟ୍ରାଲ ଟ୍ୟାକ୍ସ ତାରିଖ ୨୧।୦୩।୨୦୨୦ ଦେଖନ୍ତୁ, ଶେଷ ଅଧିସୂଚନା ହେଉଛି ଅଧିସୂଚନା ନଂ. ୦୧/୨୦୨୨-ସେଣ୍ଟ୍ରାଲ ଟ୍ୟାକ୍ସ ତାରିଖ ୨୪।୦୨।୨୦୨୨

davp 15502/13/0004/2223

Central Board of Indirect Taxes and Customs
@cbic_india @cbicindia www.cbic.gov.in

କୃଷକ ସଙ୍ଗଠନ ପାଳିଲା ଅକ୍ଷୟ ତୃତୀୟା

ଅମରପାଲି,(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ବୀରମହାରାଜପୁର ବ୍ଲକ ଉଫୁଲାଠାରେ ଅକ୍ଷୟ୍ୟ ତୃତୀୟା ଉତ୍ସବ ପାଳନ କରାଯାଇଛି। ସଙ୍ଗଠନ ଜିଲା ସଭାପତି ବୈକୁଣ୍ଠନାଥ ଶତପଥୀ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧରଣୀଧର ପାଢ଼ୀ, ନରୋତ୍ତମ ପଧାନ, ପଦ୍ମଲୋଚନ ମିଶ୍ର, ପ୍ରଦୀପ ପୁରୋହିତ, ସତ୍ୟ ପଧାନ, ଗୋପାଳ ଦାସ, ଆଲୋକ ହୋତା, ଶୃଙ୍କୁ ବାଘ ଉପସ୍ଥିତ ଥିଲେ। ସେହିଭଳି ବୀରମହାରାଜପୁର କୃଷକ ବିକାଶ ପରିଷଦ ପକ୍ଷରୁ ଯାଲୋଏଠାରେ ଉପଖଣ୍ଡସ୍ତରୀୟ ଅକ୍ଷୟ୍ୟ ତୃତୀୟା ପାଳିତ ହୋଇଯାଇଛି। ପୁରୁଖା ଚାଷୀ ଅଚ୍ୟୁତ ପଧାନଙ୍କ ଦ୍ୱାରା ମାଟି ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

ସମ୍ବଲପୁରୀ ସଙ୍ଗୀତ ମନମୋହିଲା

ସୋନପୁର,୩।୫(ନି.ପ୍ର.)

ସୋନପୁର ସହର ଘୋଡାଘାଟପଡାରେ ଫକୀର ପଟ୍ଟନାୟକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ସଙ୍ଗୀତର ବାଦ୍‌ଶାହା ସ୍ୱର୍ଗତ ଫକୀର ପଟ୍ଟନାୟକଙ୍କ ସ୍ମୃତିରେ ନିଜ ଜନ୍ମ ମାଟିରେ ଏହି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭ୍ୟ ତଥା ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଫକୀର ସ୍ମୃତି କମିଟି ସୁବର୍ଣ୍ଣପୁର ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ପ୍ରଥମ ଥର ପାଇଁ ଏହି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୁରୁ ଫକୀର ପଟ୍ଟନାୟକ ଓ ଶିଷ୍ୟ ବୃନ୍ଦାବନ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ କଣ୍ଠଶିଳ୍ପୀ ପୁଷ୍ପକ ରାୟ, କୈବଲ୍ୟ ମିଶ୍ର, କୃଷ୍ଣଚନ୍ଦ୍ର ସିନ୍ଦ୍ରିଆ, ଡ. ଅନିରୁଦ୍ଧ କୁରକୁରିଆ, ମାନସ ଷଡଙ୍ଗୀ, ନବକୃଷ୍ଣ ଦନ୍ତା, ଦୀନେଶ ଜଗତ, ବୀରେନ୍ଦ୍ର ଜଗଦଲା, ପଦ୍ମନ ସାହୁ, ଶାଳିନୀ ମିଶ୍ର, ସୁପର୍ଣ୍ଣା ସାହୁ ଓ ସୁପ୍ରିୟା ଶର୍ମା ପ୍ରମୁଖ ଫକୀର ପଟ୍ଟନାୟକଙ୍କ ସଙ୍ଗୀତ ଗାନ କରିଥିଲେ। ସମ୍ବଲପୁରୀ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ଫକୀର ସ୍ମୃତି କମିଟିର ସଭାପତି ତଥା କାଉନସିଲର ଭାଗିରଥୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିର ପୌରଧକ୍ଷା ତାମସି ତାମସ୍ମିତା ନାୟକ ମୁଖ୍ୟ ଅତିଥି ଓ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ସୌମ୍ୟରଞ୍ଜନ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଚୌଧୁରୀ ବିଭାର, ଅମ୍ବୁଜ ବିହାରୀ ଶତପଥୀ ଓ ସସ୍ମିତା ପରମଗୁରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ଫକୀର ସନ୍ଧ୍ୟା କାର୍ଯ୍ୟକ୍ରମ ପଶ୍ଚିମ ଓଡିଶାର ୧୦ଟି ଜିଲାରେ ଆୟୋଜିତ ହେବା ସହ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ଏହାର ଉଦ୍‌ଯାପନୀ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ଶାଶ୍ୱତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ଫକୀର ସନ୍ଧ୍ୟାରେ ସଙ୍ଗୀତଜ୍ଞଙ୍କୁ ପୁରସ୍କୃତ କରାଯାଉଛି।

ସୋନପୁରରେ ଫକୀର ସନ୍ଧ୍ୟା

୩ରୁ ୪ହଜାର ଟଙ୍କାରେ ବିକ୍ରି ହେଉଥିଲା ଚୋରି ବାଇକ୍

୪ ଚୋରି ବାଇକ୍ ଜବତ, ଧରାପଡ଼ିଲେ ନାବାଳକ

ଅମରପାଲି,୩।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ପୋଲିସ ୪ଚୋରି ବାଇକ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ନାବାଳକଙ୍କୁ ଧରିଛି। ବିଭିନ୍ନ ସମୟରେ ବୀରମହାରାଜପୁର ଥାନା ଅଞ୍ଚଳରୁ ଲଗାତାର ଭାବେ ବାଇକ ଚୋରି ହୋଇଥିଲା। ଏକ ମାସ ଭିତରେ ବୀରମହାରାଜପୁର ଜନଗହଳି ଅଞ୍ଚଳରୁ ୨ଟି ବାଇକ ଚୋରି ହୋଇଥିଲା। ପୋଲିସ ଏହି ବାଇକ ଚୋରି ଗ୍ୟାଙ୍ଗକୁ ଧରିବାକୁ ତନଘନା ଚଳାଇଥିଲା। ଉଲୁଣ୍ଡା ଥାନା ଖେମାଲୋଏ ଗ୍ରାମର ଜଣେ ନାବାଳକ ଏଥିରେ ସମ୍ପୃକ୍ତ ଥିବା ଜଣପଡିଥିଲା। ନାବାଳକ ଜଣକ ଚୋରି ବାଇକକୁ ମାତ୍ର ୩ରୁ ୪ହଜାର ଟଙ୍କାରେ କିଣି ପୁଣି ବିକ୍ରି କରୁଥିଲେ। ଅଭିଯୁକ୍ତ ନାବାଳକ ହୋଇଥିବାରୁ ତାକୁ ଜୁଭେନାଇଲ ଆଇନ ଅନୁସାରେ ପିଆର ବଣ୍ଡରେ ଛାଡିଛି ପୋଲିସ।

ସୂଚନାମତେ ବରଗଡ଼ ଜିଲା ବନାବିରା ଗ୍ରାମର ପ୍ରଫୁଲ୍ଲ ନାଗଙ୍କ ଏକ ବାଇକ ବୁର୍ଲା ବଡ଼ ଡାକ୍ତରଖାନାରୁ ଚାରି ହୋଇଥିଲା। ସେହିପରି ଜାନୁଆରି ୨୭ରେ ଅଇଠାପାଲି ଅଞ୍ଚଳର ସରୋଜ ବାଘଙ୍କ ଏକ ବାଇକ ମଧ୍ୟ ଚୋରି ହୋଇଥିଲା। ରମହାରାଜପୁର ସରସ୍ୱତୀ ଶିଶୁମନ୍ଦିର ସମ୍ମୁଖରୁ ଉଫୁଲାର ଦୀପକ କର୍ଣ୍ଣଙ୍କ ବାଇକ ଚୋରି ହୋଇଥିଲା ଏପ୍ରିଲ ମାସରେ। ଗୋଟିଏ ସପ୍ତାହ ପୂର୍ବରୁ ବୀରମହାରାଜପୁରର ଜନଗହଳି ଦୈନିକ ବଜାରରୁ ଉଫୁଲାର ଲୋଚନ ପଧାନଙ୍କ ଏକ ହିରୋ ଗ୍ଲାମର ବାଇକ ଚୋରି ହୋଇଥିଲା। ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଡୋଲାମଣି ଭୋଇଙ୍କ ନିର୍ଦ୍ଦେଶକ୍ରମେ ବୀରମହାରାଜପୁର ଥାନା ଅଧିକାରୀ ଅଞ୍ଜଳି କୁମ୍ଭାରଙ୍କ ନେତୃତ୍ୱରେ ଏଏସଆଇ ଅରବିନ୍ଦ ସାହୁ, ଧୀରେନ୍ଦ୍ର ବିଶ୍ୱାଳ, ସରୋଜ ପଧାନଙ୍କୁ ନେଇ ଗଠିତ ସ୍କ୍ୱାଡ ଚୋରି ବାଇକକୁ ଜବତ କରିଥିଲା। ନାବାଳକଙ୍କ ସହିତ ଆଉ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ତଦନ୍ତ ପରିସରକୁ ଆଣିଲେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି।

WALK-IN-INTERVIEW - 09 May 2022

Location - Access Livelihoods, Near CHC, Railway station road, Loisingha, Bolangir - 767020, Time - 9:00 AM

Access Livelihoods, a Hyderabad-based group of social enterprises, is looking to hire for the following positions for a project supported by the Department of Agriculture and Farmers Empowerment, Government of Odisha.

	Field Executive (Organic Farming)	Field Executive (2 Positions)
Qualification	B.Sc.(Agriculture)/M.Sc. (Agriculture)/ Any Graduate with 1-3 years experience in organic farming, degree from a recognized university.	Any Graduate/ Post Graduate from a recognized university
Experience	1-3 years in agriculture or related fields	0-1 year in community services, freshers welcome
Salary Range	Rs. 12,000 - 15,000 per month	Rs. 6,000 - 10,000 per month

Email CV to bisworanjan.parida@alcindia.org by 06 May 2022; only shortlisted candidates will be called for an interview.
Contact: +91 70087 80484

ବୌଦ୍ଧରେ ବିଧାୟକ କଲେ ଅଖିମୁଠି ଅନୁକୂଳ

ପାଲଝର କୃଷି ଫାର୍ମଠାରେ ମୁଠି ଅନୁକୂଳ ସମୟରେ ବିଧାୟକ ଓ ଅନ୍ୟମାନେ।

ବୌଦ୍ଧ/ବଘିଆପଡା, ୩।୫(ସ୍ୱ.ପ୍ର./ଡି.ଏନ.ଏ.)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମଙ୍ଗଳବାର ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ବଘିଆପଡାସ୍ଥିତ ପାଲଝର କୃଷିଫାର୍ମଠାରେ ଆୟୋଜିତ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ପିଡିଡିଆରଡିଏ ଅଶ୍ୱିନ କୁମାର ମେହେର ଯୋଗଦେଇ ଭୂମିପୂଜନ ସହିତ ବିହନ ଅଖିମୁଠି ଅନକୂଳ କରିଥିଲେ। ଜିଲାପାଳ ମିଶ୍ର ଅକ୍ଷୟ ତୃତୀୟାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରବା ସହ କୃଷି ପ୍ରଧାନ ବୌଦ୍ଧ ଜିଲାର ସମସ୍ତ କୃଷକ ଭାଇମାନଙ୍କୁ ଶୁଭକାମନା ଜଣାଇଥିଲେ । ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱନୀ କୁମାର ମେହେର ଓ ବୌଦ୍ଧ ବିଡିଓ ଦେବୀ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ରହି ଭୂମିପୂଜନ ଓ ଅଖିମୁଠି ଅନକୂଳ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ବରଗଡ଼ରେ ଇଦ୍ ଉଲ୍ ଫିତର

ଇଦ୍ ଉଲ୍ ଫିତରରେ ମୁସଲିମ୍ ଭାଇମାନେ ଖୁସି ମନାଉଛନ୍ତି।

ବରଗଡ଼ ଅଫିସ୍,୩।୫

ବରଗଡ଼ ମୁସଲିମ ସମାଜ ପକ୍ଷରୁ ମଙ୍ଗଳବାର ଭାଇଚାରାର ପର୍ବ ଇଦ ଉଲ ଫିତର୍ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଡ୍ୟାମ୍ କଲୋନୀ ସ୍ଥିତ ଇଦଗାହଠାରେ ସୁନ୍ନି ବରେଲୱି ଜାମା ମସଜିଦ ଇମାମ୍ ମୌଲାନା ସମସୁଦ୍ଦିନ ରିଜୱିଙ୍କ ଅଧ୍ୟକ୍ଷତାରେ ସାମୂହିକ ନମାଜ ପାଠ କରାଯାଇଥିଲା। ସମସ୍ତେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ପରେ ସମସ୍ତେ ପାରମ୍ପରିକ ବସ୍ତ୍ର ପରିଧାନ କରି ପରସ୍ପରକୁ ଆଲିଙ୍ଗନ କରିଥିଲେ। ବରଗଡ଼ ନୂରୀ ମସଜିଦ ଇମାମ ମୁଫ୍ତି ତଞ୍ଜିଲ ଉର ରହମାନ, ଜମା ମସଜିଦ କମିଟି ଅଧ୍ୟକ୍ଷ ଅବଦୁଲ ଇବ୍ରାହିମ, ସାଧାରଣ ସମ୍ପାଦକ ମହମ୍ମଦ ନଇମ, ନୂରୀ ମସଜିଦ କମିଟି ଅଧ୍ୟକ୍ଷ ମହମ୍ମଦ ଅସଲମ, ବରଗଡ଼ ମଦ୍ରାସା କମିଟି ଅଧ୍ୟକ୍ଷ ମହମ୍ମଦ ବବ୍ଲୁ, ସମ୍ପାଦକ ଶେକ୍ ନସିମୁଦ୍ଦିନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେକ୍ ନଜିମୁଦ୍ଦିନ, ଶେକ୍ ଶବଦର୍, ମହମ୍ମଦ ବବଲୁ, ମହମ୍ମଦ ଇଲିୟାସ, ଏମଡ଼ି ବାବଲି ପ୍ରମୁଖ ସହଯୋଗ କରିଥିଲେ।

ଶହୀଦଙ୍କ ନାମରେ ରାସ୍ତା ନାମିତ

ବରଗଡ଼ ଅଫିସ୍,୩।୫

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ କେନାଲ ଛକରୁ ସିମେଣ୍ଟନଗରକୁ ଯାଇଥିବା ରାସ୍ତାକୁ ମଙ୍ଗଳବାର ଶହୀଦ ପଦ୍ମଲୋଚନ ମାଝୀଙ୍କ ନାମରେ ନାମିତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶହୀଦଙ୍କ ପରିବାରରୁ ତାଙ୍କ ମା' ଶର୍ମିଳା, ଭଉଣୀ ଅମିତା, ସାନଭାଇ ରାଜେନ୍ଦ୍ର ଉପସ୍ଥିତ ଥିଲେ। ସରପଞ୍ଚ ଦୀପାଞ୍ଜଳି କୁମ୍ଭାର, ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଭୂଷଣ ହୋତା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ପଦ୍ମଲୋଚନ ସିଆରପିଏଫ ୨୨୩ ବାଟାଲିୟନରେ କାର୍ଯ୍ୟରତ ଥିଲେ ଏବଂ ୨୦୧୪ ଡିସେମ୍ବର ୧ରେ ଛତିଶଗଡ଼ ସୁକମାରେ ମାଓବାଦୀ ଅପରେଶନରେ ଥିବାବେଳେ ଶହୀଦ ହୋଇଥିଲେ।

ବୌଦ୍ଧରେ ଇଫ୍‌ତାର ପାର୍ଟି ପାଳିତ

ଇଫ୍‌ତାର ପାର୍ଟିରେ ଜିଲାପାଳ ଓ ଅନ୍ୟମାନେ।

ବୌଦ୍ଧ,୩।୫(ସ୍ୱ.ପ୍ର.)

ବୌଦ୍ଧ ଜାମିୟା ମସଜିଦ ପକ୍ଷରୁ ଇଫ୍‌ତାର ପାର୍ଟି ମସଜିଦ ପରିସରରେ ପାଳିତ ହୋଇଯାଇଛି। ମସଜିଦ ସଭାପତି ଅବଦୁଲ କରିମ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାର୍ଟିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ରମଜାନ ମାସରେ ଶେଷ ଦିନରେ ସମସ୍ତ ମୁସଲିମ୍ ଭାଇ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଇଦପର୍ବର ଶୁଭେଚ୍ଛା ଜଣାଇଥିଲେ । ବୌଦ୍ଧରେ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ଭାଇଚାରା ସ୍ଥାପନ କରିବାରେ ଏହି ପର୍ବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଜିଲାପାଳ ମିଶ୍ର କହିଥିଲେ। ଜାମିୟା ମସଜିଦର ମୌଲବୀ ରମଜାନ ମାସର ବିଶେଷତ୍ୱ ଉପରେ ଅବଗତ କରାଇବା ସହ ରୋଜା ରଖିବାର ଉଦ୍ଦେଶ୍ୟ ଏବଂ ରୋଜାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଏହି ପାର୍ଟିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତି, ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତିକାନ୍ତି ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ। ପାର୍ଟିରେ ହଲିମ ଖାନ, ଅବଦୁଲ ମହସିନ ଖାନ, ଜାହିର ଖାଁ , ସର୍ଫୁଦ୍ଦିନ ଖାନ, ମହମ୍ମଦ ସଫିଉଲ, ସେକ ସମ୍ମିଉଲ୍ଲା, ନିଉଦିନ ଖାନ, ନିଜାର ଖାନ, ରହିମ ଖାନ, ଅବଦୁଲ ସଲାମଙ୍କ ସମେତ ବସ୍ତିର ଭାଇ ମାନେ ସାମିଲ ଥିଲେ।



ପର୍ଶୁରାମ ଜୟନ୍ତୀରେ ବ୍ରାହ୍ମଣ ଏକତା ମଞ୍ଚର ଶୋଭାଯାତ୍ରା

ପାଟଣାଗଡ,(ଡି.ଏନ.ଏ): ପର୍ଶୁରାମ ଜୟନ୍ତୀରେ ମଙ୍ଗଳବାର ପାଟଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିରଠାରୁ ବ୍ରାହ୍ମଣ ଏକତା ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ବ୍ରହ୍ମପୁରା ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲା। ସଂଗଠନ ସଭାପତି ତନ୍ମୟ ଦାସ ଓ ସମ୍ପାଦକ ଗୌର ଆଚାର୍ଯ୍ୟଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରାରେ ଉପଖଣ୍ଡ ଅଧୀନ ୩ବ୍ଲକରୁ ଦୁଇ ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ ହୋଇଥିଲେ। ପରେ ସୁଭଦ୍ରା ଭବନଠାରେ ଏକ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା।

ସଂକ୍ଷେପରେ

ଟଙ୍ଗଜୋର ବ୍ରିଜ୍‌ରେ ଝୁଲି ରହିଲା ବସ୍

ଭାରସାମ୍ୟ ହରାଇବା ପରେ ବାଡା ଭାଙ୍ଗି ଦୁର୍ଘଟଣାଗ୍ରସ୍ତ ହୋଇଥିଲା

ମୁରିବାହାଲ,୩।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲଖନା ପଞ୍ଚାୟତର ଫୁଣ୍ଡେଲପଦର ଗ୍ରାମ ନିକଟ ଟଙ୍ଗଜୋର ବ୍ରିଜ ଉପରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଚାଳକ ଭାରସାମ୍ୟ ହରାଇବା ପରେ ବସ୍ ଇଶ୍ୱର୍(ନଂ ଓଆର୦୩ବି ୨୯୫୦) ବ୍ରିଜ ବାଡା ଭାଙ୍ଗି ତଳକୁ ଖସି ପଡିବା ସମୟରେ କୌଣସିମତେ ଝୁଲି ରହିଥିଲା। ଫଳରେ ବସ୍‌ରେ ଥିବା ୨୫ଯାତ୍ରୀ ବର୍ତ୍ତି ଯାଇଥିଲେ। ଯାତ୍ରୀମାନେ ବସ୍‌ରୁ ବାହାରକୁ ଆସିଥିଲେ। ବସ ଭାଲୁମୁଣ୍ଡାରୁ ବଲାଙ୍ଗୀର ଯାଉଥିଲା।

ଅଖିମୁଖି ଅନୁକୂଳ କଲେ ଚାଷୀ

ଟିଟିଲାଗଡ଼,୩।୫ (ଡି.ଏନ.ଏ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଟିଟିଲାଗଡ ବ୍ଲକ ମହଦା ଗ୍ରାମରେ କୃଷକ ସଂଘର୍ଷ ଅଭିଯାନ ସଂଗଠନ ଆନୁକୂଲ୍ୟରେ ଚାଷୀ ଅକ୍ଷୀମୁଠା ଅନୁକୂଳ କରିଛନ୍ତି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ବହୁ ସଂଖ୍ୟାରେ ଚାଷୀ ଏକତ୍ର ହୋଇ ପାରମ୍ପରିକ ଭାବେ ମାଟି ମାତା, ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ଚଳିତ ବର୍ଷ ଭଲ ଫସଲ ପାଇଁ ପ୍ରାର୍ଥନା କରିଥିଲେ। ପରେ ହଳ ଲଙ୍ଗଲ ଧରି ସଂଗଠନ ଆବାହକ ବାଲକୃଷ୍ଣ ଷାଣ୍ଡ ଧାନ ବିହନ ବୁଣି ଚାଷ ଅନୁକୂଳ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ଜାନୀ, ବେଣୁଧର ଜାନୀ, ରାଜନ ଭୋଇ, ଉଦ୍ଧବ ହରପାଲ, ପୁରୁଷୋତ୍ତମ ଜାନୀ, ପ୍ରକାଶ ଭୋଇ, ତ୍ରିଲୋଚନ ସାହୁ, କାଲିଆ ଷାଣ୍ଡ, ଲଳିତ ଭୋଇ, ରୂପଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ଶାଗୁଆନ ଗଣ୍ଡି ଜବତ କଲା ବନ ବିଭାଗ

ଦେଓଗାଁ, ୩।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ରେଞ୍ଜ ଅନ୍ତର୍ଗତ ସମରା ନିକଟ ଏକ ଜମିରୁ ବନ ବିଭାଗ ଶାଗୁଆନ ଗଣ୍ଡି ଜବତ କରିଛି। ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ବିଭାଗ ସୂଚନା ଦେଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଫରେଷ୍ଟର ପିଙ୍କୁ ଭୋଇ, ପ୍ରୋଟେକସନ ସ୍କ୍ୱାଡ ଜମିରେ ଗଚ୍ଛିତ ଥିବା ୧୫ଟି ଶାଗୁଆନ ଗଣ୍ଡି ଧରିଥିଲା। ଏଡାର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ। ଜବତ କାଂକୁ ଦେଓଗାଁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଏହି ମୂଲ୍ୟବାନ ଗଛ କିଏ ଓ କେଉଁ ଉଦ୍ଦେଶ୍ୟରେ ଗଚ୍ଛିତ ରଖିଥିଲା ତାହା ଜଣାପଡିନାହିଁ।

ଇଞ୍ଜିନିୟର ରମାକାନ୍ତ ଖୁଆସଙ୍କ ପରଲୋକ

ବଲାଙ୍ଗୀର ଅଫିସ,୩।୫: ବଲାଙ୍ଗୀର ସାଗରପଡା ନିବାସୀ ଇଂ ରମାକାନ୍ତ

ଖୁଆସ(୫୬)ଙ୍କ ପରଲୋକ ହୋଇଯାଇଛି। ଗତ ଶନିବାର ଘରେ ଅସୁସ୍ଥତା ଅନୁଭବ ପରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ସମୟରେ ତାଙ୍କ ସ୍ତ୍ରୀ ମଞ୍ଜୁଶ୍ରୀ, ପୁଅ ପ୍ରିୟାଂଶୁ, ଦିବ୍ୟାଂଶୁ, ଝିଅ ସୁଶ୍ରୀ ଓ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବିଭୂତିପଡା ଶ୍ମଶାନରେ ସତ୍କାର କରାଯାଇଥିଲା।

ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ମୁରିବାହାଲ,୩।୫(ଡ.ଏନ.ଏ.): ମୁରିବାହାଲ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଗ୍ରୀଷ୍ମ ସମୟରେ କିଭଳି ନିଜକୁ ସୁରକ୍ଷିତ ରଖି ହେବ ଲୋକଙ୍କୁ ସଚେତନ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଗତ ହନୁମାନ ଜୟନ୍ତୀଠାରୁ କରାଯାଇଥିବା ଜଳଛତ୍ର ସ୍ଥଳରେ ଅଗ୍ନିଶମ ଅଧିକାରୀ ରଞ୍ଜିତ କେରକେଟା ଅଂଶୁଘାତର ମୁକାବିଲା କରିବା ପାଇଁ ପଥାଚାରୀ କିଭଳି ସତର୍କ ଓ ସଚେତନ ରହିବେ ବୁଝାଇଥିଲେ। ବାହାରକୁ ବାହାରିବା ସମୟରେ କିଭଳି ସାବଧାନତା ଅବଲମ୍ବନ କରିବେ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମିନିକେତନ ନାଏକ, ଭକ୍ତରାମ ବାରିକ, ସତ୍ୟବ୍ରତ ସେଟ, ସୁଶୀଲ ଭୋଇ, ଲକ୍ଷ୍ମୀକାନ୍ତ ବାଗ, ନରେନ୍ଦ୍ର ଶ୍ରୀଧର, ବିକ୍ରମ ନାଏକ, ସୌମ୍ୟରଞ୍ଜନ ଭୁଏ, ନରେଶ ଖମାର ପ୍ରମୁଖ ସହଯୋଗ କରିଥିଲେ।

କାଳବୈଶାଖୀର ତାଣ୍ଡବ

ଭାଙ୍ଗିଲା ଗଛ, ବିଦ୍ୟୁତ୍ ଖୁଣ୍ଟ

ଖଡିଆଳ/ବୋଡେନ, ୩।୫(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ କାଳବୈଶାଖୀ ପ୍ରଭାବରେ ଝଡତେଫାନ, ବର୍ଷା ହୋଇଛି। ଦିନ ସାରା ପ୍ରବଳ ଗରମ ଅନୁଭୂତ ହୋଇଥିଲା। ଅପରାହ୍ନ ୨ଟା ପାଖାପାଖି ହଠାତ୍ ମେଘ ଉଠିବା ସହ ପ୍ରବଳ ପବନ ଓ ବର୍ଷା ସହ କୁଆପଥର ମାଡ ହୋଇଥିଲା। ପବନ ଏତେ ଜୋର ଥିଲା ଯେ ବୋଡେନ ହାଇସ୍କୁଲ ପାଖରେ ଏକ ବିରାଟ ଗଛ ଭାଙ୍ଗି ପଡି ରାସ୍ତା ଅବରୋଧ କରିଥିଲା। ରାସ୍ତା କଡରେ ଥିବା ୧୧ କେଭି ବିଦ୍ୟୁତ୍ ତାର ଉପରେ ଗଛ ପଡି ଖୁଣ୍ଟ ଭାଙ୍ଗି ଯାଇଛି। ଏହି ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଅଗ୍ନିଶମ ବାହିନୀ ତୁରନ୍ତ ଗଛ କାଟି ରାସ୍ତା ଅବରୋଧ ହଟାଇଛନ୍ତି।

ସେହିପରି ଖଡିଆଳ ସହର ତଥା ଆଖପାଖ ଅଞ୍ଚଳରେ ଝଡତେଫାନ ସାଙ୍ଗକୁ କୁଆପଥର ବର୍ଷା ହୋଇଛି। ଫଳରେ ଅନେକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଅନେକ ସ୍ଥାନରେ ବଡବଡ ଗଛ ଭାଙ୍ଗି ପଡିଯାଇଥିଲା। ସହର ବ୍ଲକ ଛକ ନିକଟରେ ଏକ ଗଛ ଭାଙ୍ଗି ୩୫୩ ନଂ. ଜାତୀୟ ରାଜପଥରେ ପଡିଥିଲା। ଫଳରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ପଡି ରହିଥିବା ଗଛ କାଟି ସଫା କରିଥିଲେ। ଝଡତୋଫାନ ଯୋଗୁ ସହରର ସ୍ଥାନେ ସ୍ଥାନେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବାରୁ ଦୀର୍ଘ ୧୦ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। କର୍ମଚାରୀମାନେ ମରାମତି କରିବା ପରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଥିଲା। ଝଡତୋଫାନ ଏବଂ କୁଆପଥର ବୃଷ୍ଟିରେ ଘର ଛାତ ଉଡି ଯାଇଥିବା ବେଳେ ଅନେକଙ୍କ ଘର ଭାଙ୍ଗି ଯାଇଛି। ଏପରିକି ପନିପରିବା ଚାଷ ମଧ୍ୟନଷ୍ଟ ହୋଇଥିବା ଅଭିଯୋଗ ହୋଇଛ। ତେବେ ପ୍ରବଳ ଝଡତୋଫାନ ବର୍ଷା ଯୋଗୁ ପ୍ରବଳ ଗରମରୁ ଲୋକଙ୍କୁ କିଛି ମାତ୍ରାରେ ଆଶସ୍ତି ମିଳିଛି। ଜିଲା ପ୍ରଶାସନ ଏବଂ ରାଜସ୍ୱ ବିଭାଗ ତଦନ୍ତ କରି କ୍ଷୟକ୍ଷତି ବ୍ୟକ୍ତଙ୍କୁ ସରକାରୀ ସହାୟତା ଯୋଗାଇବା ଦେବାକୁ ଦାବି ହୋଇଛି ।

୩୫୩ ନଂ. ଜାତୀୟ ରାଜପଥରେ ଭାଙ୍ଗି ପଡିଥିବା ଗଛ ଦମକଳ ବାହିନୀ କର୍ମଚାରୀମାନେ ସଫା କରୁଛନ୍ତି।

କାଳବୈଶାଖୀରେ ଟିଣ ଛପର ଉଡ଼ିଲା

ଜୁନାଗଡ,୩।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ହୋଇଥିଲା। ଏହାର ପ୍ରଭାବରେ କେତେଜଣ ଲୋକଙ୍କ ଘର ଟିଣ ଛାତ ଉଡିଯିବା ସହ ଅନେକ ସ୍ଥାନରେ ଗଛଗୁଡିକ ଭାଙ୍ଗିଯାଇଛି। ସେହିପରି ବିଦ୍ୟୁତ୍ ସରବରାହ ମଧ୍ୟ କିଛି ଘଣ୍ଟା ବନ୍ଦ ରହିଥିଲା। କଳାବୈଶାଖୀରେ ଜୁନାଗଡ ସହର ମଧ୍ୟମପଡା, ବାଞ୍ଜିବନ୍ଦପଡାର ଲୋକଙ୍କ ଘର ଛାତ ଉଡେଇ ନେଇଥିବା ଦେଖରବାକୁ ମିଳିଥିଲା। ସେହିପରି ନୂଆବସଷ୍ଟାଣ୍ଡ ନିକଟରେ ଗଛଗୁଡିକ ଭାଙ୍ଗିଯାଇଥିଲା। ଫଳରେ ବିଦ୍ୟୁତ୍ ସରବରାହ କିଛି ଘଣ୍ଟା ସହରରେ ବନ୍ଦ ରହିଥିଲା। ଖବର ପାଇ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ଘର ଭାଙ୍ଗିଯାଇଥିବା ଲୋକଙ୍କୁ ସମବେଦନା ଜଣାଇବା ସହ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ନେଇ ଗଛକଟା କାମକୁ ତ୍ୱରାନିତ କରିଥିଲେ।

କେନ୍ଦୁପତ୍ର ତୋଳିବା ସମୟରେ ଗୋଡ ଭାଙ୍ଗିଲା

ଦେଓଗାଁ, ୩।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର କେନ୍ଦୁପତ୍ର ସେକ୍ସନରେ ସୋମବାର ସକାଳେ ପତ୍ର ତୋଳିବା ସମୟରେ ଜଣେ ମହିଳାଙ୍କ ଗୋଡ ଭାଙ୍ଗିଯାଇଛି। ସମ୍ପୃକ୍ତ ମହିଳା ହେଲେ ଉଡାରର ଉମା ଛତ୍ରିଆ। ସେ ଅନ୍ୟ କେତେକଙ୍କ ସହ ନିକଟସ୍ଥ ପତ୍ରାକୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିଲେ। ସେଠାରେ କୌଣସି କାରଣବଶତଃ ସେ ତଳେ ପଡିଯାଇଥିଲେ। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ତାଙ୍କ ପୁଅ ଖଗେଶ୍ୱର ଛତ୍ରିଆ କହିଛନ୍ତି। ମାଗଣାରେ ଚିକିତ୍ସା ଯୋଗାଇଦେବାକୁ ଦାବି ହୋଇଛି ।

ଶର୍ଟ ସର୍କିଟରୁ ଜଳିଗଲା ଆସବାବପତ୍ର

ଦେଓଗାଁ, ୩।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡପଲାରେ ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ଘର ପୋଡି ଯାଇଛ। ଗାଁର ପିତାମ୍ବର ପ୍ରଧାନୀ ପରିବାର ସହ ଘର ଛାତ ଉପରେ ଶୋଇଥିବାବେଳେ ଭିତରେ ବିଦ୍ୟୁତ୍ ଶର୍ଟସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ଧୁଆଁ ବାହାରିବା ପରେ ସାହି ପଡିଶା ଓ ପରିବାର ଲୋକେ ନିଆଁ ଲିଭାଇବାପାଇଁ ଚେଷ୍ଟା କରିଥିଲେ। ଖବର ପାଇ ମହିମୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଘରର ଟିଭି, ଫ୍ରିଜ, କୁଲର, କପଡା, ଖଟ, ସୋଫା, ଚାଉଳ ଆଦି ପୋଡି ପାଉଁଶ ହୋଇଯାଇଥିଲା ।

ମାଟି ମା'ର ପୂଜାର୍ଚ୍ଚନା କଲେ ଚାଷୀ

କର୍ଲାମୁଣ୍ଡା,୩।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡାଠାରେ ସିଲେଟପଡା ଗ୍ରାମ ବିକାଶ କମିଟି ପକ୍ଷରୁ ମଙ୍ଗଳବାର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଏହି ଅବସରରେ ମାଟି ମାଆର ପୂଜାର୍ଚ୍ଚନା କରାଯାଇଛି। ଏଥିରେ ଗ୍ରାମର ଚାଷୀ ଲକ୍ଷପତି ମାଝି, ଶମ୍ଭୁ ସାହୁ, ଗୁକୁ ଗହୀର, ଅର୍ଜୁନ ମାଝି, ଲକ୍ଷ୍ମଣ ମାଝି, ସ୍ୱେଚ୍ଛାସେବୀ ଦ୍ରୋଣ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଖରିଫ ଋତୁରେ ମରୁଡିସହଣୀ ଚାଷ ଓ ପାରମ୍ପରିକ ଚାଷ ଗୁରୁତ୍ୱ ଦେବା ସହ ବିହନ ବିଶୋଧନ, ଜୈବିକ ଖତ ସାର ପ୍ରୟୋଗ ଓ ମାଟି ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

ରାମଜୀପଡା ରାମଲୀଳା ଉଦ୍‌ଯାପିତ

ରାମଲୀଳା ଉଦ୍‌ଯାପନୀ ଅବସରରେ କଳାକାର ଓ ଆୟୋଜକ।

ବଲାଙ୍ଗୀର ଅଫିସ,୩।୫

ବଲାଙ୍ଗୀର ଜଗନ୍ନାଥ ମନ୍ଦିର ସମ୍ମୁଖରେ ରାମଜୀ ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ରାମଲୀଳା ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ପ୍ରଭୁ ରାମଚନ୍ଦ୍ର, ଦେବୀ ସୀତା ଓ ଭ୍ରାତା ଲକ୍ଷ୍ମଣ ୧୪ ବର୍ଷ ବନବାସ ସାରି ଅଯୋଧ୍ୟା ଫେରିବା ପରେ ଶ୍ରୀ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହୋଇଥିଲା। ବଲାଙ୍ଗୀର ସାଂସ୍କୃତିକ ଚେତନା ଜଗତରେ ଏହି ରାମଲୀଳା ଅଭୁଲା ଛାପ ଛାଡିଛି ବୋଲି ଲୀଳାଗୁରୁ ତଥା ନିର୍ଦ୍ଦେଶକ ବାଳମକୁନ୍ଦ ବେହେରା ସୂଚନା ଦେଇଥିଲେ। ଗତ ଏପ୍ରିଲ ୧୦ରୁ ଆରମ୍ଭ ହୋଇଥିବା ଏହି ଲୀଳାନାଟକ ଦର୍ଶକଙ୍କୁ ବାନ୍ଧିରଖିବାରେ ସଫଳ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଛଉ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲେ। ଏହି ଅବସରରେ ଗୁରୁ ବାଳକୃଷ୍ଣ ବେହେରା, ପୁରାତନ ୩୮ ଜଣ କଳାକାର ଓ ନବାଗତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚିତ୍ରଶିଳ୍ପୀ ଦିଲୀପ ସିଂଦେଓ ରାମସୀତାଙ୍କ ପେଣ୍ଟିଂ କରିଥିଲେ। ଆଗାମୀ ଦିନରେ ଏହି ରାମଲୀଳାକୁ ଆହୁରି ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଥିଲା।

ବ୍ରାହ୍ମଣ ସମାଜର ଏକତା, ଉନ୍ନତିକୁ ଗୁରୁତ୍ୱ

ଭବାନୀପାଟଣା,୩।୫(ସ୍ୱ.ପ୍ର.)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ମଙ୍ଗଳବାର ଭବାନୀପାଟଣା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭଗବାନ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ପ୍ରାୟ ୪ଶହ ବାଇକ୍‌ରେ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲା। ଜଗନ୍ନାଥ ମନ୍ଦିରରେ ପାରମ୍ପରିକ ରୀତିରେ ପର୍ଶୁରାମଙ୍କ ପୂଜନ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଗଜେନ୍ଦ୍ର ପାଢ଼ୀ ସସ୍ତ୍ରୀକ ପୂଜା ଓ ଯଜ୍ଞର କର୍ତ୍ତା ହୋଇଥିଲେ। ବରିଷ୍ଠ ଉପଦେଷ୍ଟା ଜଗନ୍ନାଥ ମୁଣ୍ଡଙ୍କ ସଭାପତିତ୍ୱରେ କଳାହାଣ୍ଡି ବ୍ରାହ୍ମଣ ସମାଜ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରାହ୍ମଣ ସମାଜର ବିଭିନ୍ନ ସମସ୍ୟା, ସଂସ୍କାର ଓ ସମାଜ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ କଳାହାଣ୍ଡି ବ୍ରାହ୍ମଣ ସମାଜର ଜିଲାସ୍ତରୀୟ ଆତ୍ମହକ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଜିଲା ସଭାପତି ଭାବେ ଜଗନ୍ନାଥ ମୁଣ୍ଡଙ୍କୁ ମନୋନୀତ କରାଯାଇଥିବା ବେଳେ ୬ଜଣ ଜନାର୍ଦ୍ଦନ ପଣ୍ଡା, ଭବାନୀ ଶଙ୍କର ମିଶ୍ର, ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ସୁରେଶ ଚନ୍ଦ୍ର ମୁଣ୍ଡ, ବିନୋଦ ଶର୍ମା ଓ ସତ୍ୟ ନାରାୟଣ ପଣ୍ଡାଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ସତ୍ୟ ନାରାୟଣ ମହାପାତ୍ର, ସଙ୍ଗଠନ ସମ୍ପାଦକ ଭାବେ ଭବେନ୍ଦ୍ର ପଣ୍ଡା ଓ ୨ଜଣ ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା ଓ ହେମନ୍ତ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ କ୍ଷୀରୋଦ ପ୍ରସାଦ ନେଗି ମନୋନୀତ କରାଯାଇଛି। ନବଗଠିତ ଜିଲା କମିଟି ଦାୟିତ୍ୱ ଗ୍ରହଣ କରିବା ସହ ସଙ୍ଗଠନକୁ ସୁଦୃଢ କରିବା, ବ୍ଲକସ୍ତରୀୟ କମିଟି ଗଠନ କରିବା ସହ ଜିଲାର ସମସ୍ତ ବ୍ରାହ୍ମଣ ପରିବାରକୁ ସାମିଲ କରି ବ୍ରାହ୍ମଣ ସମାଜର ଏକତା ଓ ଉନ୍ନତିକୁ ଗୁରୁତ୍ୱ ଦିଆଯିବ ବୋଲି ସଭାପତି ମୁଣ୍ଡ ପ୍ରକାଶ କରିଥିଲେ। ସତ୍ୟ ନାରାୟଣ ମହାପାତ୍ର ସ୍ୱାଗତ ଭାଷଣ, କ୍ଷୀରୋଦ ପ୍ରସାଦ ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଭବାନୀପାଟଣାରେ ପର୍ଶୁରାମ ଜୟନ୍ତୀ।

ଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୨ଦଫା ଦାବିପତ୍ର

ଲାଠୋର, ୩।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟୁରେକେଲା ବ୍ଲକରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଜିନ୍ଦାବାଦ ସଂଗଠନ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବିଡ଼ିଓ ଦେବାଶିଷ ସାମଲଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ବ୍ଲକର ପ୍ରତ୍ୟେକ ଗ୍ରାମରେ ବାର୍ଦ୍ଧକ୍ୟ ଭତ୍ତା, ପିଇବା ପାଣି, ପିଡ଼ିଏସ ଚାଉଳ ଉପଲବ୍ଧ କରାଯାଉ। କେନ୍ଦୁପତ୍ର ତୋଳାଳିମାନଙ୍କୁ ଯୋତା, ଛତା, ଟୋପି, ପାଣି ବୋତଲ ମାଗଣାରେ ଯୋଗାଣ, ଅଂଶୁଘାତ ରୋଗୀଙ୍କୁ ମାଗଣା ଚିକିତ୍ସା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଯୋଗ୍ୟ ପରିବାରଙ୍କୁ ରାଶନ କାର୍ଡ଼ ଦେବା ସହ ଛାଡ଼ି ହୋଇଥିବା ସଦସ୍ୟଙ୍କୁ ସାମିଲ କରିବାକୁ ଦାବି କରାଯାଇଛି। ଏଥିସହ ଏମ୍‌ଜିଏନଆରଇଜିଏସ୍ କାମ ଯୋଗାଇବା ସହ ସାପ୍ତାହିକ ମଜୁରି ପ୍ରଦାନ, ପ୍ରତ୍ୟେକ ପରିବାରକୁ ୨ଶହ ୟୁନିଟ ବିଦ୍ୟୁତ୍ ମାଗଣାରେ ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ରାଜ୍ୟ ସଭାପତି ଲୋଚନ ବରିହା, କମ୍ରେଡ଼ ଡ଼ୋଲାମଣି ବନଛୋର, ବ୍ଲକ ସମ୍ପାଦକ ସୁରୁସିଂ ମାଝି, ମହିଳା ନେତ୍ରୀ ଅନ୍ନପୂର୍ଣ୍ଣା ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

ବିଡିଓ ଦେବାଶିଷ ସାମଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସରକାର ଚାଷୀଙ୍କୁ ଫସଲର ଉଚିତ ମୂଲ୍ୟ ଦିଅନ୍ତୁ

ଜିଲାପାଳ ଚଞ୍ଚଳ ରାଣା ଅଖିମୁଠି ଅନୁକୂଳ କରି ହଳ କରୁଛନ୍ତି।

ଚାଷଜମିରେ ନିଆଁ ଲାଗି ଜଳିଗଲା ଉଠାଜଳସେଚନ ପଏଣ୍ଟ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ଭାଲିଆପଦର ଗାଁର ଚାଷଜମିରେ କୌଣସି କାରଣରୁ ନିଆଁ ଲାଗି ଉଠାଜଳସେଚନ ପଏଣ୍ଟ ଜଳିଯାଇଛି। ପ୍ରବଳ ଖରା ଯୋଗୁଁ ଚାଷ ଜମି ସମେତ ପଡିଆଗୁଡିକରେ ଥିବା ଅନାବନା ଗଛରେ ନିଆଁ ପ୍ରବଳ ମାତ୍ରାରେ ଲାଗିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ବୀରମହାରାଜପୁର ଦମକଳ ବାହିନୀ ଆସି ନିଆଁ ଲିଭାଇ ଥିଲା। ସେତେବେଳକୁ ନିଆଁ ଲାଗି ଚାଷୀଙ୍କ ବୋରୱେଲ ପାଇଁ ଲାଗିଥିବା ଟ୍ରାନ୍ସଫରମର ଏବଂ ପ୍ଲାଷ୍ଟିକ ପାଇପ ଜଳି ଯାଇଥିଲା।

ଚାଷୀଙ୍କୁ କାଳବୈଶାଖୀ ଚିନ୍ତା

୨ ଦିନ ପରେ ଧାନକିଣା

ବରଗଡ଼ ଅଫିସ୍,୩।୫

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଆଉ ମାତ୍ର ୨ଦିନ ବାକି ରହିଲା। ଆସନ୍ତା ୬ତାରିଖରୁ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକରୁ ଏହା ଆରମ୍ଭ ହେବ। ସେହିପରି ବରଗଡ଼ ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରୁ ମେ ୧୨ ଏବଂ ପଦ୍ମପୁର ଆରଏମସି ଅଧୀନ ମଣ୍ଡି ଗୁଡ଼ିକରୁ ମେ ୧୫ରୁ ଧାନ କିଣାବିକା ଚାଲିବ। ବରଗଡ଼ ଆରଏମସିର ୬୦, ଅତାବିରା ଆରଏମସିର ୫୪ ଏବଂ ପଦ୍ମପୁର ଆରଏମସି ଅଧୀନରେ ୪୨ମଣ୍ଡି ଏଭଳି ସମୁଦାୟ ୧୫୬ ମଣ୍ଡିରେ ଏଥର ଧାନ କିଣାବିକା କରାଯିବ। ଜିଲାର ଅତାବିରା, ଭେଡ଼େନ ସମେତ ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଧାନ ଅମଳ ଆରମ୍ଭ କରିଦେଇଛନ୍ତି। ପ୍ରାୟ ସବୁ ଅଞ୍ଚଳରେ ଧାନ ଅମଳକ୍ଷମ ଅବସ୍ଥାକୁ ଆସିଯାଇଛି। ଫଳରେ ଆସନ୍ତା ସପ୍ତାହରୁ ଧାନ ଅମଳ ପ୍ରକ୍ରିୟା ଜୋର୍ ଧରିବ। କିନ୍ତୁ ଅନ୍ୟ ବର୍ଷ ଭଳି ଏଥର ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ପ୍ରାକୃତିକ ବିପର୍ଯ୍ୟୟ ମାଡ଼ି ଆସୁଛି। ଧାନ କିଣାବିକାକୁ ମାତ୍ର ୨ଦିନ ଥିବାବେଳେ ମଙ୍ଗଳବାର ଜିଲାରେ କାଳବୈଶାଖୀ ହୋଇଛି। ଜିଲାର ବିଜେପୁର ବ୍ଲକ ବଡ଼ବ୍ରାହ୍ମଣୀ ଅଞ୍ଚଳରେ କୁଆପଥର ବୃଷ୍ଟି ହୋଇଛି। ଉକ୍ତ ଅଞ୍ଚଳରେ ପ୍ରବଳ ଝଡ଼ବତାସ ସାଙ୍ଗକୁ ବର୍ଷା ହୋଇଛି। ଜିଲାର ଅନ୍ୟ ଅଞ୍ଚଳରେ ମଧ୍ୟ ଏହା ଅନୁଭୂତ ହୋଇଛି। ସେହିପରି ଆଗକୁ ଲଘୁଚାପ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଫଳରେ ଧାନ ଅମଳ ଆରମ୍ଭରୁ ଚାଷୀଙ୍କୁ କାଳବୈଶାଖୀ ଚିନ୍ତା ଘାରିଛି।

ଭେଡ଼େନ ବ୍ଲକ ବଇପୁର ଗ୍ରାମରେ ଚାଷୀଙ୍କ ଅମଳ ଧାନ ।

ବର୍ଷା ହେଲେ କ୍ଷତି

"ଚାଷୀ ପୂର୍ବରୁ ଅଦିନିଆଁ ବର୍ଷା ଯୋଗୁ ଅନେକ କ୍ଷତି ସହିଛି। ହେଲେ ଚାଷୀଙ୍କୁ କ୍ଷତିପୂରଣ ସହାୟତା ମିଳିନାହିଁ । ଏବେ ପାଗ ଯେଭଳି ହେଉଛି, ଏଥର ମଧ୍ୟ ଧାନ ଅମଳ ସମୟରେ ଆକସ୍ମିକ ବର୍ଷାକୁ ଏଡ଼ାଇ ଦେଇ ହେଉନାହିଁ । ଫଳରେ ଚାଷୀଙ୍କ ଧାନକୁ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଏବେଠାରୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା ଦରକାର।

ନିରଞ୍ଜନ ପ୍ରଧାନ, ଚାଷୀ, ଗାଇସୀମା

କୋହଳ ହେଉ କଟକଣା

"ପ୍ରତିବର୍ଷ ଉଭୟ ରବି ଓ ଖରିଫ ସମୟରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଧାନ ଅମଳ ସମୟରେ କେତେବେଳେ ବର୍ଷାଭାବ ତ ଆଉ କେବେ ଅଦିନିଆଁ ବର୍ଷା ଚାଷୀଙ୍କ ଅମଳ ଧାନକୁ ଧୂଳିସାତ୍ କରିପକାଉଛି। ସେହିପରି ଧାନକିଣା କଟକଣା ଚାଷୀଙ୍କୁ ଆହୁରି ଅଡୁଆରେ ପକାଉଛି। ଏଭଳିସ୍ଥଳେ କଟକଣା କୋହଳ ହେବା ଦରକାର।

ସଦାନନ୍ଦ ପୂଜାହାରୀ, ଚାଷୀନେତା, ବିଜେପୁର

ବର୍ଷା ଆଶଙ୍କାରେ ଅଟକିଛି ଅମଳ

"ମୁଁ ଚାଷ କରିଥିବା ପ୍ରାୟ ସବୁ ଧାନ ଅମଳକ୍ଷମ ହୋଇସାରିଲାଣି। ଧାନ ଅମଳ କରିବି ବୋଲି ଭାବୁଥିଲି। ହେଲେ ଲଘୁଚାପ ମାଡ଼ି ଆସୁଛି ବୋଲି କେତେକ କହୁଛନ୍ତି। ଲଘୁଚାପ ବର୍ଷା ହେଲେ ଅମଳ ଧାନକୁ ସୁରକ୍ଷିତ ରଖିବା କଷ୍ଟସାଧ୍ୟ ହୋଇ ପଡ଼ିଥାଏ। ଫଳରେ ଧାନ କ୍ଷେତରେ ପଛେ ଥାଉ, ଏବେ ଅମଳ କରିବାକୁ ଉଚିତ୍ ମଣୁନାହିଁ ।

ସୁରେଶ ନେକୋଣ୍ଡି, ଚାଷୀ, କଲାପାଣି

ବରପାଲି ଶୀତଳ ଷଷ୍ଠୀ ଯାତ୍ରାର ଥାଳ ଉଠିଲା

ବରପାଲି, ୩।୫(ଡି.ଏନ.ଏ)

ବରପାଲିର ପୌରାଣିକ ଶୀତଳ ଷଷ୍ଠୀ ଯାତ୍ରାର ଥାଳଉଠା କାର୍ଯ୍ୟକ୍ରମ ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କପିଳେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ ତଥା ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଯାତ୍ରା କମିଟି ପକ୍ଷରୁ ଭଣ୍ଡାର ଗୃହ ନୃପଲାଲ କ୍ଲବରୁ ଏକ ଶୋଭାଯାତ୍ରା ବାହାରି କପିଳେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ଚଳିତବର୍ଷ କନ୍ୟାପକ୍ଷ ଦାୟିତ୍ୱ ନେଇଥିବା ଜଗନ୍ନାଥ ନଗରର ଶୈବ ଭକ୍ତମାନେ ଏକ ଭବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରି କପିଳେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ରୀତିନୀତି ଅନୁସାରେ ଥାଳଉଠା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଫଳରେ ଆଜିଠୁ ଯାତ୍ରାର ଶୁଭ ଅନୁକୂଳ ହେଲା। ଯାତ୍ରା ଶେଷ ହେବା ଯାଏ ଶୈବ ଭକ୍ତମାନେ ବ୍ରତୀ ହୋଇ ରହିବା ପରମ୍ପରା ରହିଛି। ପୂଜାର୍ଚ୍ଚନାରେ ମୁଖ୍ୟ ପଣ୍ଡିତ ହେମନ୍ତ ମିଶ୍ରଙ୍କ ସମେତ ପଣ୍ଡିତ ସଦାନନ୍ଦ ଦାଶ, ପିନାକୀ ଦାଶ ପ୍ରମୁଖ କାର୍ଯ୍ୟ ନିର୍ବାହ କରିଥିବା ବେଳେ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ କନ୍ୟାପିତା ମଳୟ ତ୍ରିପାଠୀ, ହିମାଦ୍ରି ନଗରର କର୍ମକର୍ତ୍ତା ତଥା ଶୈବ ଭକ୍ତମାନେ ଉପସ୍ଥିତ ଥିଲେ।

ସଂକ୍ଷେପରେ

ଭ୍ରାମ୍ୟମାଣ କ୍ୟାନ୍‌ସର ଯାଞ୍ଚ ଶିବିର

ଜାମଟିକ୍ରା,୩।୫(ଡି.ଏନ.ଏ): ଅତାବିରା ମାରୱାଡି ଧର୍ମଶାଳାରେ ମଙ୍ଗଳବାର ସ୍ଥାନୀୟ ମାରୱାଡି ଯୁବାମଞ୍ଚ ଓ ମହିଳା ଜାଗୃତି ଶାଖାର ମିଳିତ ଆନୁକୂଲ୍ୟରେ ଭ୍ରାମ୍ୟମାଣ ନିଃଶୁଳ୍କ କ୍ୟାନ୍‌ସର ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ରବିନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ ବିକାଶ ହସ୍ପିଟାଲର ଡାକ୍ତର ଭରତ ଚନ୍ଦ୍ର ମିଶ୍ର, ଡାକ୍ତର ରାଜେଶ କୁମାର ଷଡଙ୍ଗୀ, ଡାକ୍ତର ସୁଜଟି କୁମାରୀ, ଡାକ୍ତର ଶ୍ୱେତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ୬୩ଜଣଙ୍କ କ୍ୟାନ୍‌ସର ଯାଞ୍ଚ କରିଥିଲେ। ମାରୱାଡି ଯୁବାମଞ୍ଚ ସଦସ୍ୟ ହେମନ୍ତ ଜୈନ, ଉମେଶ ଅଗ୍ରୱାଲ, ରମେଶ ଅଗ୍ରୱାଲ, ପପୁ ଅଗ୍ରୱାଲ ଏବଂ ମହିଳା ଜାଗୃତି ଶାଖାର ଶୋଭା ଅଗ୍ରୱାଲ, ମମତା ଅଗ୍ରୱାଲ, ସଙ୍ଗୀତା ପ୍ରମୁଖ ସହଯୋଗ କରିଥିଲେ ।

ଅତାବିରାରେ ଚାଷୀ ସଙ୍ଗଠନ ବୈଠକ

ଜାମଟିକ୍ରା,୩।୫(ଡି.ଏନ.ଏ.): ଅତାବିରା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ଆହ୍ୱାନକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତାବିରା ବିଧାୟିକା ସେହ୍ନାଙ୍ଗିନୀ ଛୁରିଆ ଯୋଗଦାନ କରି ଚାଷୀମାନଙ୍କ ଧାନବିକ୍ରି ସମସ୍ୟା ଉପରେ ଆଲୋଚନା କରିଥିଲେ। ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ବସିଥିବା ବୈଠକରେ ଭୀଷ୍ମଦେବ ପଣ୍ଡା, ସୁବାଷ ବିଶ୍ୱାଳ, କୀର୍ତ୍ତନ ବିଶ୍ୱାଳ, କୌସ୍ତୁଭ ପଧାନ, ଟିକେଲାଲ ମିଶ୍ର, ରବିନ୍ଦ୍ର ବିଶି, ସୁରେଶ କର୍ଣ୍ଣ, ଦଶରଥ ଭୋଇ, ଅଶ୍ୱିନୀ ତ୍ରିପାଠୀ, ଜୟବାବୁ, ସୁଜିତ ପଧାନ, ଅରୁଣ ପଧାନ ପ୍ରମୁଖ ଯୋଗ ଦେଇଥିଲେ । ସୁବାଷ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ହାର୍ଭେଷ୍ଟର ବୋଝେଇ ଟ୍ରେଲର ଓଲଟିଲା

୭ ଗୁରୁତର, ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି

ଅତାବିରା,୩।୫(ଡି.ଏନ.ଏ): ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ୫୪ ନଂ. ରାଜ୍ୟ ରାଜପଥର ସାଲନା ଗୋଲେଇଠାରେ ମଙ୍ଗଳବାର ସକାଳେ ହାର୍ଭେଷ୍ଟର ବୋଝେଇ କରି ଆସୁଥିବା ଏକ ଟ୍ରେଲର ଓଲଟି ପଡ଼ିଥିଲା। ଫଳରେ ସେଥିରେ ବସିଥିବା ୭ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଆହତଙ୍କ ପରିଚୟ ମିଳିପାରି ନାହିଁ। ପ୍ରକାଶ ଯେ, ୩ଟି ନୂଆ ହାର୍ଭେଷ୍ଟର ଧରି ଏକ ଟ୍ରଲର ପଶ୍ଚିମବଙ୍ଗରୁ ଗୋଡ଼ଭଗା-ତୁରୁମ ରାସ୍ତାରେ ସୋନପୁର ପଟକୁ ଯାଉଥିଲା। ଯିବା ବାଟରେ ସାଲନା ଗୋଲେଇଠାରେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରୁଷୁଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଝାରବନ୍ଧରେ ଅଖିମୁଠି ଅନୁକୂଳ

ଝାରବନ୍ଧ,୩।୫(ଡି.ଏନ.ଏ): ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଭଇଁଷାଦର୍ହା ପଞ୍ଚାୟତ ଅନ୍ତର୍ଗତ ନଳିପାଣିରେ ମଙ୍ଗଳବାର ରାଜବୋରାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଅକ୍ଷୟ ତୃତୀୟା ପାଳନ କରାଯାଇଛି। ଏହି ଅବସରରେ ଅଖିମୁଠି ଅନୁକୂଳ କରାଯାଇଥିଲା। ଅତିରିକ୍ତ ବିଡ଼ିଓ ଭୀଷ୍ମଦେବ ମାଝୀ, ଏଏସ୍‌ଆଇ ଜଗା ବରିହା, କେଶବାନନ୍ଦ ହୋତା, ସରପଞ୍ଚ ମନୋଜ ପ୍ରଧାନ, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, କୃଷି ଅଧିକାରୀ ମନୋଜ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଚାଷୀ ସଙ୍ଗଠନ ପକ୍ଷରୁ କ୍ଷମାନିଧି ସାହୁ ପୂଜାର୍ଚ୍ଚନା କରି ଅଖିମୁଠି ଅନୁକୂଳ କରିଥିଲେ। ଭୁବନାନନ୍ଦ ନାଏକ, ଅଶୋକ ସାହୁ, ଗୌରୀଶଙ୍କର ସାହୁ, ହେମନ୍ତ ଚରଣ ସାହୁ, ସତ୍ୟମ ପ୍ରଧାନ, କୁସୁମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାସ୍ତରୀୟ କୃଷକ ଦିବସ ସମାରୋହ

ବୈଜ୍ଞାନିକ ପ୍ରଣାଳୀରେ ଚାଷକୁ ଗୁରୁତ୍ୱ

ସୋନପୁର,୩।୫(ନି. ପ୍ର)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ ସମାରୋହରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଅକ୍ଷିମୁଠୀ ଅନୁକୂଳ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୂର୍ଯ୍ୟନାରାୟଣ ଦାଶ, ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରମିଲ୍ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମିଳା କଲତା ଏବଂ ଅନ୍ୟ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ । କୃଷି ବିଜ୍ଞାନ କେନ୍ଦ୍ର ସଭା ଗୃହରେ ଜିଲାର ଚାଷୀ ମାନଙ୍କ ପାଇଁ କୃଷି ଓ କୃଷକ ସମୱନ୍ଧୀୟ ବିଭିନ୍ନ ଯୋଜନା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ସମାରୋହରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଠେଲା, ଅତିରିକ୍ତ ଜିଲାପାଳ ଦାଶ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଜୀବନ ଜ୍ୟୋତି ସେନ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମିଲ୍ ସ୍ୱାଇଁ, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ଜିଲାର ୨୫୦ଜଣ ଆଗୁଆ ଚାଷୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ ଜିଲାର ଚାଷୀ ଓ ଚାଷ ରାଜ୍ୟର ଗର୍ବ ଗୌରବ ବୋଲି କହିବା ସହ ସରକାରଙ୍କ କୃଷି ଓ ଆନୁସଙ୍ଗିକ ବିଭାଗର ପ୍ରତ୍ୟେକ ଯୋଜନାକୁ ଆପଣେଇବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କୃଷକମାନେ ପାରମ୍ପରିକ ଧାନ ଚାଷ ପରିବର୍ତ୍ତେ ବୈଜ୍ଞାନିକ ପ୍ରଣାଳୀରେ ଅଣଧାନ ଚାଷ ଏବଂ ମାଟିର ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ମାଟିର ଉର୍ବରତା ବହୁବିଧ ଚାଷକୁ ଗୁରୁତ୍ୱ ଦେବାକୁ ଉପସ୍ଥିତ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟତମ ବୈଜ୍ଞାନିକା ଗୀତାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନାଚକ୍ରରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାଶ, ପ୍ରାଣୀ ଚିକିତ୍ସା ଅଧିକାରୀ ଅଶୋକ କୁମାର କର, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଜାଳବିଭାଜିକା ରମେଶ ଚନ୍ଦ୍ର ଦେହୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଉଠା ଜଳସେଚନ ଗିରିଶ ଚନ୍ଦ୍ର ମୁଣ୍ଡା, ନିର୍ବାହୀ ଯନ୍ତ୍ରୀ ବୃହତ ଉଠା ଜଳସେଚନ ପ୍ରକଳ୍ପ ସୁରେନ୍ଦ୍ର କୁମାର ସେଠ ଓ ଆଗୁଆ ଚାଷୀ ଉପସ୍ଥିତ ଥିଲେ।

ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଅଖିମୁଠି ଅନୁକୂଳ କରୁଛନ୍ତି।

ଆବାସ ଯୋଜନା ତୃତୀୟ କିସ୍ତି ମିଳିନି

ବିନିକା,୩।୫(ଡି.ଏନ୍.ଏ)

- ■ ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ପରେ ବି ମିଳିନି ସୁଫଳ
- ■ ପଡୋଶୀଙ୍କ ଭଙ୍ଗା ଘରେ ଜୀବନ ବିତାଉଛନ୍ତି ହିତାଧିକାରୀ
- ■ ୪ବର୍ଷ ତଳେ ପାଇଥିଲେ ଗୃହ ନିର୍ମାଣ କାର୍ଯ୍ୟାଦେଶ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗ୍ରାମର ନରେଶ ମହାନନ୍ଦ(୪୦)। ଆବାସ ଯୋଜନାରେ ତାଙ୍କୁ ଘର କରିବା ପାଇଁ କାର୍ଯ୍ୟାଦେଶ ମିଳିଥିଲା। ଘର କାମ ଆରମ୍ଭ କରିବା ପରେ ତାଙ୍କୁ ୨ଟି କିସ୍ତିରେ ଅର୍ଥ ରାଶି ମିଳିଥିଲା। ଇତିମଧ୍ୟରେ ୪ବର୍ଷ ବିତି ଯାଇଥିଲେ ବି ତୃତୀୟ କିସ୍ତି ଅର୍ଥରାଶି ମିଳିନାହିଁ। ଏ ନେଇ ନରେଶ ବାବୁପାଲି ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ବିଡିଓଙ୍କୁ ଜଣାଇଥିଲେ ବି ସୁଫଳ ମିଳିଲାନି। ଶେଷରେ ୨୦୨୨ମାର୍ଚ୍ଚ ୧ତାରିଖରେ ସେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କୁ ଫେରାଦ ହୋଇଥିଲେ। ଅତିରିକ୍ତ ଜିଲାପାଳ ନରେଶଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଏପିଡି ଆଲୋକ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପିଡି ନରେଶଙ୍କ ଆବାସ କାର୍ଯ୍ୟାଦେଶ ଓ ଦୁଇ କିସ୍ତିରାଶି ଜମା ହୋଇଥିବା ବ୍ୟାଙ୍କ ପାସ୍‌ବୁକ ଦେଖିଥିଲେ। ବ୍ଲକ କର୍ମଚାରୀ ବ୍ୟାଙ୍କ ଖାତାରେ ଅଦଳ ବଦଳ କରିବା ଓ ତ୍ରୁଟିପୂର୍ଣ୍ଣ ତଥ୍ୟ ଆବାସ ପୋର୍ଟାଲରେ ଯୋଡିବାରୁ ଏପରି ତ୍ରୁଟି ହୋଇଥିବା ଜଣାପଡିଥିଲା। ସମସ୍ୟାର ସମାଧାନ ଜିଲା କିମ୍ବା ବ୍ଲକ ମୁଖ୍ୟାଳୟରେ ନୁହେଁ, ଦିଲ୍ଲୀ ମୁଖ୍ୟାଳୟରେ ହେବ ବୋଲି ସେ କହିଲେ। ଇତିମଧ୍ୟରେ ମାସେ ବିତି ଗଲାଣି, ନରେଶଙ୍କ ସମସ୍ୟା ଅସମାହିତ ରହିଛି। ଛାତସ୍ତର ଯାଏ ଗୃହ ନିର୍ମାଣ ସାରି ୪ବର୍ଷ ହେଲା ତୃତୀୟ କିସ୍ତିରାଶି ଅପେକ୍ଷାରେ ଦିନ କାଟୁଛନ୍ତି ଗରିବ ନରେଶ ଓ ତାଙ୍କର ୫ ପ୍ରାଣୀ କୁଟୁମ୍ବ। ପୁରୁଣା ଘରକୁ ଭାଙ୍ଗି ଦେଇଥିବା ବେଳେ ବର୍ତ୍ତମାନ ପ୍ରବଳ ଖରାରେ ପଡୋଶୀଙ୍କ ଭଙ୍ଗା ଦଦରା ଘରେ ସେମାନେ ଜୀବନ ବିତାଉଛନ୍ତି । ଅବିଳମ୍ବେ ସମସ୍ୟାର ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସହ ଧାରଣା ଦେବି ବୋଲି ନରେଶ କହିଛନ୍ତି।

ଅସମ୍ପୂର୍ଣ୍ଣ ଘର ସମ୍ମୁଖରେ ପରିବାର ସଦସ୍ୟଙ୍କ ସହ ନରେଶ।

ଆଦର୍ଶ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ହେଲେ ଛାତ୍ର

ଅମରପାଲି, ୩।୫ (ଡି.ଏନ.ଏ.)

ଶିକ୍ଷା ବିଭାଗର ଅବହେଳା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓଡିଶା ଆଦର୍ଶ ବିଦ୍ୟାଳୟରେ ବିଭାଗୀୟ ତ୍ରୁଟି ଯୋଗୁଁ ନାମ ଲେଖାଇବାରୁ ବଞ୍ଚିତ ହେଲେ ଛାତ୍ର ରୋନକ ମେହେର। ଓଡିଶା ଆଦର୍ଶ ବିଦ୍ୟାଳୟରେ ରୋନକ ପ୍ରବେଶିକା ପରୀକ୍ଷା ଦେଇଥିଲେ। ନାମଲେଖାଇବା ପାଇଁ ମେରିଟ ଲିଷ୍ଟରେ ତାଙ୍କ ନାମ ପ୍ରକାଶ ପାଇଥିଲା। ନାମ ଲେଖାଇବାକୁ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ସେ ବିଦ୍ୟାଳୟକୁ ଯାଇଥିଲେ। ନାମଲେଖା ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କୁ ବିକଳାଙ୍ଗ ପ୍ରମାଣପତ୍ର ମାଗିଥିଲେ। ମାତ୍ର ସେ ବିକଳାଙ୍ଗ ହୋଇ ନ ଥିବାରୁ ଉକ୍ତ ପ୍ରମାଣପତ୍ର ଦେଇ ପାରି ନ ଥିଲେ। ଆବେଦନ ଠୁଁ ପ୍ରବେଶିକା ପତ୍ର ପର୍ଯ୍ୟନ୍ତ ସେ ବିକାଳାଙ୍ଗ ନୁହେଁ ବୋଲି ସୂଚିତ କରିଥିଲେ। କିନ୍ତୁ କିପରି ଓ କେଉଁ କାରଣରୁ ରୋନକଙ୍କ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଫଳରେ ବିକଳାଙ୍ଗ କେଟାଗୋରିରେ ଚୟନ ହୋଇଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ନେଇ ବୀରମହାରାଜପୁର ଗୋଷ